


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-87 •SATURDAY •20 SEPTEMBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୮୭ •ଶନିବାର •୨୦ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ସାର ତାତି: ବିଧାନସଭା ଅଚଳ

## ଆଲୋଚନା ଦାବିରେ ଅଡ଼ି ବସିଲା ବିଜେଡି, ଗୃହ ଚାଲିଲା ମାତ୍ର ୮ ମିନିଟ

## ଗୃହ ଭିତରେ ପ୍ଲାକାର୍ଡ, ମୋହନ ସରକାର ହାଏ ହାଏ ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ଉତ୍କଟ ସାର ଅଭାବକୁ ନେଇ ଚାଷୀ ସନ୍ତୁଳି ହେଉଛି। ମାତ୍ର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନିରବ। ଏପରି ଏକ ସ୍ପର୍ଶକାତର ଘଟଣାକୁ ନେଇ ବିଧାନସଭାରେ ଗର୍ଜିଛି ବିଜେଡି। ସାର ଅଭାବ ପ୍ରସଙ୍ଗରେ ଶୁକ୍ରବାର ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଛନ୍ତି। ଚାଷୀଙ୍କର ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନକାଳ ବାତିଲ କରି ଆଲୋଚନା କରିବାକୁ ବିଜେଡି ବିଧାୟକମାନେ ଅଡ଼ି ବସିଛନ୍ତି। ବିଜେଡିର ପ୍ରବଳ ପ୍ରତିବାଦ, ନାରାବାଜି କାରଣରୁ ପୂରା ଦିବସର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୪ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ଅର୍ଥାତ ସାରା ଦିନ ମୋଟ ୮ ମିନିଟ ଗୃହ ଚାଲିପାରିଛି। ଫଳରେ ବାଚସ୍ପତି ଆସନ୍ତା କାଲି ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସାରା ପ୍ରସଙ୍ଗରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ ଆଦି ନାରାରେ ▶ପୃଷ୍ଠା-୭




## କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

■ **ଭୁବନେଶ୍ୱର, ୧୯।୯ (ସମିସ):** କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ ୫ କଂଗ୍ରେସ ବିଧାୟକଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି ବିଜେପି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଏହାକୁ ବାଚସ୍ପତି ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଏନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି, ଯାହାକି ଗୃହର ଗରିମା ▶ପୃଷ୍ଠା-୭

# ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ଉଦ୍ଧାର

## ୨୦ ହଜାର ଲୋକ ସ୍ଥାନାନ୍ତର



■ **ବର୍ଲିନ, ୧୯।୯ (ଏଜେନ୍ସି):** ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ପୁଣି ଉଜାଗର ହୋଇ ଉଠିଛି। ଜର୍ମାନୀ ରାଜଧାନୀ ବର୍ଲିନରୁ ଗୁରୁବାର ସନ୍ଧ୍ୟାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ବଡ଼ ବୋମା ମିଳିଛି। କୌଣସି ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଣାସ୍ଥଳରୁ ୨୦ ହଜାର ଲୋକଙ୍କୁ ଖାଲି କରାଯାଇଛି। ବୋମା ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତ ସୁରକ୍ଷା ବଳୟ ସୃଷ୍ଟି କରି ଘର ଘରକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପୁଲିସ କହିଥିଲା। ପ୍ରଥମ ବୋମାଟି ସ୍ପ୍ରି ନଦୀ ନିକଟରୁ ମିଳିଥିଲା। ଏହି ଅଞ୍ଚଳରୁ ପାଖାପାଖି ୧୦ ହଜାର ଲୋକଙ୍କୁ ହଟାଯାଇଥିଲା। ଏହି ଅଞ୍ଚଳରେ କେତୋଟି ଦୂତାବାସ ଓ ସରକାରୀ କାର୍ଯ୍ୟାଳୟ ରହିଥିଲା। ସେହିପରି ୧୦୦ କେଜି ଓଜନର ଦ୍ୱିତୀୟ ବୋମାଟି ସ୍ପଣ୍ଡାଉ ଜିଲ୍ଲାରୁ ମିଳିଥିଲା। ଫଳରେ ଏହି ଅଞ୍ଚଳରୁ ୧୨, ୪୦୦ ଲୋକଙ୍କୁ ଖାଲି କରାଯାଇଥିଲା। ଦୁଇଟି ଯାକ ବୋମାକୁ ନିଷ୍କ୍ରିୟ କରାଯାଇଛି। ତେବେ ଏହି ଦୁଇଟି ବୋମା ସେଭଳି କୌଣସ ବଡ଼ ଧରଣର ବିପଦ ସୃଷ୍ଟି କରି ନ ଥିଲା। ଏଥିପାଇଁ ସୁରକ୍ଷା ଦାୟିତ୍ୱ ପୁଲିସକୁ ଦିଆଯାଇଥିଲା।

# ସରକାରଙ୍କ ପାଖରେ ନାହିଁ ଛାତ୍ରୀ ନିର୍ଯାତନା ତଥ୍ୟ !

**ସ୍କୁଲରେ ୩୨ ଓ ବିଶ୍ୱବିଦ୍ୟାଳୟର ୨୦ ଛାତ୍ରୀ ନିର୍ଯାତନାର ଶିକାର**

**'ଉତ୍କଳ' ରେ ସର୍ବାଧିକ ୭ ଓ ରେଭେନ୍ସାରେ ୬ ମାମଲା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ବଢ଼ୁଛି। ଅଧ୍ୟାପକଙ୍କ ନାମରେ ଛାତ୍ରୀମାନଙ୍କୁ ଅସଦାଚରଣ ଓ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ପରେ ମଧ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନାହାନ୍ତି। ଏସବୁ ପରେ ମଧ୍ୟ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ନିର୍ଯାତନା ତଥ୍ୟ ସରକାରଙ୍କ ପାଖରେ ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୨ ଜୁନ୍ ୨୦୨୪ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ୨୦ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଶୁକ୍ରବାର ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। ରାଜ୍ୟର ପ୍ରମୁଖ ଓ ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରୁ ସର୍ବାଧିକ ୭ଟି ଅଭିଯୋଗ ଆସିଛି। ତନ୍ମଧ୍ୟରୁ ୬ଟି ମାମଲାର ସମାଧାନ ▶ପୃଷ୍ଠା-୭

# ବିଶ୍ୱକର୍ମା ପୂଜାରୁ ଫେରୁଥିବା ନାବାଳିକାକୁ ଗଣଦୁଷ୍କର୍ମ

■ **ରାଉରକେଲା, ୧୯।୯ (ସମିସ):** ରାଉରକେଲାରେ ପୁଣି ଲଜ୍ଜା। ପୂଜା ଦେଖି ଫେରୁଥିବା ଜଣେ ନାବାଳିକାକୁ ବାଟ ମଝିରୁ ଟେକିନେଇ ଜଙ୍ଗଲରେ ଗଣଦୁଷ୍କର୍ମ। ୨ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।



କେ. ବଲାଙ୍ଗ ଅଞ୍ଚଳର ନାବାଳିକା ଜଣକ ଦୁଇ ସାଙ୍ଗଙ୍କ ସହ ବରସୁଆଁରୁ ବିଶ୍ୱକର୍ମା ପୂଜା ଦେଖି ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ବାଟ ମଝିରେ ଅଟକାଇ ଧମକଚମକ ଦେଇ ଭୟଭୀତ କରାଇଥିଲେ। ପରେ ନାବାଳିକାକୁ ନିକଟସ୍ଥ ଏକ ଜଙ୍ଗଲକୁ ଟେକି ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଅଭିଯୁକ୍ତମାନେ ସେଠାରୁ ପଳାଇବା ପରେ ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ଏନେଇ କେ.ବଲାଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା।

### 'କିଲର୍ ସ୍ୱାମୀ' ଦୀପକଙ୍କ ଅଡୁଆ ବଢ଼ିଲା

# ପ୍ରଥମ ପତ୍ନୀଙ୍କୁ ବି ହତ୍ୟା ଅଭିଯୋଗ

■ **ଭୁବନେଶ୍ୱର, ୧୯।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଗିରଫ ହୋଇଥିବା 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ରାଉତଙ୍କ ପାଇଁ ଅଡୁଆ ବଢ଼ିଛି। ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ରୋଜାଲିନ ରାଉତ ଆଜି ଖୁଣ୍ଟୁଣି ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ବଡ଼ ଭଉଣୀଙ୍କୁ ଭିଶୋଇ ଦୀପକ ହତ୍ୟା କରିଥିବା ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୯୪/୨୫ ରେ ହତ୍ୟା ମାମଲା ରୁଜୁ କରିଛି। ଦଫା ୩୦୨, ୪୯୮-ଏ, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ କରିଛି। କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି। ହତ୍ୟାର ପ୍ରମାଣ ମିଳିଲେ ▶ପୃଷ୍ଠା-୭



**ଖୁଣ୍ଟୁଣି ଥାନାରେ ହତ୍ୟା ମାମଲା ରୁଜୁ**

**ଡିଏସ୍‌ପି ପାହ୍ୟା ଅଧିକାରୀ କରିବେ ତଦନ୍ତ**

# ଚାଷୀଙ୍କୁ ବିଜେପିର ତାଚ୍ଛଲ୍ୟ; ଘେରିଲେ ବିରୋଧୀ

**ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି ସରକାର: ବିଜେଡି**

**ସାର ପାଇଁ ସାରାରାଜ୍ୟରେ ହାହାକାର ସ୍ଥିତି: କଂଗ୍ରେସ**

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ସାର ଅଭାବ ପାଇଁ ଚାଷୀ କାନ୍ଦୁଛି। ଚାଷବାସ ଛାଡ଼ି ଚାଷୀ ରାତିରାତି ପାକ୍ସ, ଲାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି। ସାର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ବଜାରରୁ ଏହାକୁ ଚାଷୀ ୮୦୦ରୁ ୧୦୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଏହାକୁ ପ୍ରତିବାଦ କରି ଅନେକସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ବିଜେପି ଚାଷୀଙ୍କ ଏହି ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ତାଚ୍ଛଲ୍ୟ କରିଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଧାନସଭା ବାହାରେ ଚାଷୀଙ୍କୁ ବିଦାଦୀୟ ଓ ଅସମ୍ମାନଜନକ ଟିପ୍ପଣୀ ପ୍ରଦାନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ। ଯେଉଁମାନେ ଲାମ୍ପସ ଓ ପାକ୍ସ ଆଗରେ ସାର ପାଇଁ ଧାଡ଼ି ଲଗାଉଛନ୍ତି ସେମାନେ ନକଲି ଚାଷୀ । ବିରୋଧୀମାନେ ନକଲି ଚାଷୀଙ୍କୁ ଠିଆ କରାଇ ରାଜନୀତି କରୁଛନ୍ତି ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା ମନ୍ତବ୍ୟ ଦେଇଛନ୍ତି। ଯାହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସରକାର ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି। ଏହା ଚାଷୀଙ୍କ ପ୍ରତି ସରକାରଙ୍କ ନିର୍ଦ୍ଦୟତା ବୋଲି ଶ୍ରୀ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳକୁ ବାତିଲ୍ କରି ସାର ପ୍ରସଙ୍ଗରେ ୩ ଘଣ୍ଟା ଆଲୋଚନା ପାଇଁ ଦାବି କରିଥିଲା ବିଜେଡି। ମାତ୍ର ବାଚସ୍ପତି ବିଜେଡିର ଏହି ▶ପୃଷ୍ଠା-୭






### ପାରିବାରିକ କଳହ

# ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

■ **ଛେଣ୍ଡିପଦା, ୧୯।୯ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ତୁବେ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ଦୁଇ ନାବାଳକ ପୁଅଙ୍କୁ ଖୋଦ୍ ବାପା ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ତୁବେ ଗାଁର କାଳୀଚରଣ ପ୍ରଧାନଙ୍କ ପୁଅ ନୀଳମାଧବ ପ୍ରଧାନ (୧୨) ଏବଂ ଜିଜ୍ଞାସୁ ପ୍ରଧାନ (୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ରେ କାଳୀଚରଣ ଦୁଇ ପୁଅଙ୍କୁ ସ୍କୁଲରୁ ନେଇ ବନ୍ତଳା ▶ପୃଷ୍ଠା-୭

# ୨୫ରେ ଲଘୁଚାପ

**ବର୍ଷାରେ ଭିଜିବ ଦଶହରା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଆସନ୍ତା ୨୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଲଘୁଚାପଟି ଅଧିକ ଘନୀଭୂତ ହେବା ଆଶଙ୍କା ଥିବାରୁ ଏଥର ଦଶହରା ବର୍ଷାଭିଜା ହୋଇପାରେ।

ଲଘୁଚାପ ନେଇ ଆଜି ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ବେଳେ ଏହାର ପ୍ରଭାବରେ ୨୫ରୁ ୩-୪ ଦିନ ବର୍ଷା ହେବାର ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖରେ ▶ପୃଷ୍ଠା-୭




## ‘ଦୃଶ୍ୟମ୍’ ଦେଖି ସାଙ୍ଗ ସହ ମିଶି ବାପାଙ୍କୁ ହତ୍ୟା



କାନପୁର, ୧୯।୯ (ଏଜେନ୍ସି): ଚଳଚ୍ଚିତ୍ର ସମାଜର ଦର୍ପଣ ସଦୃଶ୍ୟ। କିନ୍ତୁ ଏବେ ଏହି ଦର୍ପଣ ମଳିନ ହେବାରେ ଲାଗିଛି। ସମାଜରୁ କୁସଂସ୍କାର ଦୂରେଇବା ପରିବର୍ତ୍ତେ ହତ୍ୟା, ଅପରାଧ ଆଦିକୁ ପ୍ରୋତ୍ସାହନ ଦେଉଛି। ଉତ୍ତର ପ୍ରଦେଶ କାନପୁରର ଚନ୍ଦେଲ ନଗରରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅଭିନେତା ଅଜୟ ଦେବଗନଙ୍କ ‘ଦୃଶ୍ୟମ’ ଚଳଚ୍ଚିତ୍ର ଏବଂ କ୍ରାଇମ ପାଟ୍ରୋଲ ଦେଖି ସାଙ୍ଗ ସହ ମିଶି ପୁଅ ବାପାକୁ ହତ୍ୟା କରିଛି। ଏହା ପରେ ମୃତଦେହକୁ ୭୫କିମି ଦୂର ଔରିଆ ନେଇ ପେଟ୍ରୋଲ ଢାଳି ପୋଡି ଦେଇଛି। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଜବ ପନ୍ଥା ଆପଣାଇଛି। ଘଟଣାର ଦୁଇ ମାସ ପରେ ମୃତକଙ୍କ ପତ୍ନୀ ବୃନ୍ଦାବନରୁ ଫେରି ସ୍ୱାମୀଙ୍କୁ ଖୋଜିଥିଲେ। ଘରେ ନ ଦେଖି କଲ୍ୟାଣପୁର ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୁଲିସ ଯାଞ୍ଚ କରି ୬ ମାସ ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଡିସିପି ଦିନେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ମୃତକ କମଳାପତି ରେଲୱେରେ ଗାର୍ଡ ଭାବେ ଚାକିରି କରିଥିଲେ। କିନ୍ତୁ ସବୁବେଳେ ମଦ ପିଉଥିବାରୁ ସାନପୁଅ ରାମଜୀଠାରୁ ସେ ଦୂରେଇ ରହୁଥିଲେ। ଟଙ୍କା ମାଗିଲେ ତାଙ୍କୁ ଦେଉ ନ ଥିଲେ। ତେଣୁ ସମ୍ପତ୍ତି ପାଇଁ ପୁଅ ବାପାକୁ ତଣ୍ଟିଚିପି ହତ୍ୟା କରିଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ମୋବାଇଲ ଦେଇ ସାଙ୍ଗକୁ ବିହାର ପଠାଇଥିଲା। ତେବେ ସେଠାରେ ସେ ସ୍ୱିଚ୍ ଅନ୍ କରି ଲୋଭରେ ମୋବାଇଲକୁ ବିକିବା ପାଇଁ ଧରି ପଳାଇ ଆସିଥିଲା। ପରେ ପୁଲିସ ପୁଅ ଘରୁ ମୋବାଇଲ ଜବତ କରିଥିଲା। ଜେରା ସମୟରେ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା।

## ପରୀକ୍ଷାରେ ଭଲ ନମ୍ବର ରଖିବାରୁ ଛାତ୍ରଛାତ୍ରୀଙ୍କୁ ବିମାନରେ ଡାମନ-ଡିଉ ବୁଲାଇଲେ ଶିକ୍ଷକ



ଜୟପୁର, ୧୯।୯ (ଏଜେନ୍ସି): ରାଜସ୍ଥାନ ଭିଲୱାରାର ନନ୍ଦରାଇ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବାରୁ ଏଠାକାର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲର ୫ ଛାତ୍ରୀଙ୍କୁ ଶିକ୍ଷକ ବିମାନରେ ନେଇ ଡାମନ-ଡିଉ ବୁଲାଇଛନ୍ତି। ତେବେ ଏହି ଯାତ୍ରା ବାବଦ ଖର୍ଚ୍ଚକୁ କୌଣସି ଏନ୍‌ଜିଓ କିମ୍ବା ସରକାର ଦେଇନାହାନ୍ତି। ପ୍ରଧାନଶିକ୍ଷକ ଶଙ୍କରଲାଲ ଜାଟ ଏବଂ ଶିକ୍ଷକ ଅଜୟ କୁମାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଉଭୟ ଶିକ୍ଷକ ଶିକ୍ଷାବର୍ଷରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ମାର୍କ ରଖିଲେ ଛାତ୍ରଛାତ୍ରୀଙ୍କୁ ବିମାନରେ ବୁଲାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳାଫଳ ବାହାରିବା ପରେ ଶିକ୍ଷକ ଏହି ଯାତ୍ରାର ଆୟୋଜନ କରି ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏହି ଗ୍ରାମରୁ ଡାମନ-ଡିଉ ବୁଲିବା ପାଇଁ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ପ୍ରାୟ ୭୦ ପ୍ରତିଶତ ମାର୍କ ରଖିଥିଲେ। ପୂର୍ବରୁ କେବେ ଏପରି ଫଳାଫଳ ଆସି ନ ଥିଲା। ସ୍କୁଲ୍ ପ୍ରାର୍ଥନାରେ ଶିକ୍ଷକ କରିଥିବା ଏହି ଘୋଷଣା ୫ ପରିଶ୍ରମୀ ଛାତ୍ରୀଙ୍କ ପାଇଁ ବାସ୍ତବତା ପାଲଟି ଯାଇଛି। ଏହା ସ୍କୁଲ୍ ପାଇଁ ମଧ୍ୟ ଗୌରବ ଆଣିଛି। ଗ୍ରାମାଞ୍ଚଳରେ ସରକାରୀ ସ୍କୁଲ୍ ପ୍ରଭାବ ହରାଉଥିବାବେଳେ ଦୁଇ ଶିକ୍ଷକଙ୍କ ନିଆରା ପ୍ରୟାସ ପିଲାଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି।

## ଜୁବିନ ଗର୍ଗଙ୍କ ପରଲୋକ



ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଜଣାଶୁଣା ଆସାମୀ ତଥା ବଲିଉଡ ଗାୟକ ଜୁବିନ ଗର୍ଗ ଶୁକ୍ରବାର ପରଲୋକଗମନ କରିଛନ୍ତି। ସିଙ୍ଗାପୁରରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଛନ୍ତି। ୫୨ ବର୍ଷୀୟ ଜୁବିନ ଶୁକ୍ରବାର ଉତ୍ତରପୂର୍ବ ମହୋତ୍ସବରେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ସ୍କୁବା ଡାଇଭିଂ କରିବା ଅବସରରେ ସେ ସମୁଦ୍ରରେ ପଡ଼ିଯାଇଥିଲେ ଓ ତାଙ୍କୁ ସିଙ୍ଗାପୁର ପୁଲିସ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲା। ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନଥିଲେ। ତାଙ୍କର ଅଚାନକ ମୃତ୍ୟୁରେ ବଲିଉଡ ସ୍ତବ୍ଧ ହୋଇଛି ଓ ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ସେ ଉତ୍ତରପୂର୍ବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ସିଙ୍ଗାପୁର ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ପୂର୍ବତନ ରାଜ୍ୟସଭା ଏମ୍‌ପି ରିପୁ ବୋରା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗଷ୍ଟର ସିନେମାର ‘ୟା ଅଲି’, ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର ‘ଦିଲ ତୁହି ବତା’ ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର ‘ଜାନେ କ୍ୟା ଚାହେ ମନ’ ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଇଞ୍ଜିନ ଅଏଲରେ ଜୀବନ ବିତାଉଛନ୍ତି ଅଏଲ କୁମାର

ବେଙ୍ଗାଲୁରୁ, ୧୯।୯ (ଏଜେନ୍ସି): ଅଜବ ଖାଇବା ଶୈଳୀକୁ ନେଇ କର୍ଣ୍ଣାଟକ ଶିବମୋଗାର ଜଣେ ବ୍ୟକ୍ତି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ସେ ଅନ୍ୟମାନଙ୍କ ପରି ଭାତ ଡାଲି କିମ୍ବା ଫଳ ପନିପରିବା ଆଦି ଖାଉ ନାହାନ୍ତି। ସେ ଦିନକୁ ଚା’ ପରି ଗାଡ଼ି ମୋଟରରେ ପଡୁଥିବା ଇଞ୍ଜିନ ଅଏଲ ପିଇ ଯାଉଛନ୍ତି। ତେବେ ନୂଆ ନୁହେଁ, ଖରାପ ହେବା ପରେ ଗାଡ଼ିରୁ ବାହାରୁ ଥିବା ୭ରୁ ୮ ଲିଟର ଇଞ୍ଜିନ ଅଏଲ ଦିନକୁ ପିଉଛନ୍ତି। ସେଥିପାଇଁ ତାଙ୍କୁ ‘ଅଏଲ କୁମାର’ କୁହାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଥିବା ଭିଡିଓରେ ସେ ଲୋକଙ୍କ ସାମ୍ନାରେ ଗଳ ଗଳ କରି ଇଞ୍ଜିନ ଅଏଲ ପିଇ ଯାଉଥିବା ଦେଖାଯାଉଛି। ଏହା ଦେହ ପାଇଁ ଅତ୍ୟନ୍ତ ଖରାପ ହୋଇଥିବାବେଳେ ସେ କେମିତି ବଞ୍ଚିଛନ୍ତି ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅଏଲ କୁମାର କହିଛନ୍ତି ଯେ ଗତ ୩୩ ବର୍ଷ ହେଲା ଖାଦ୍ୟ ପରିବର୍ତ୍ତେ ଇଞ୍ଜିନ ଅଏଲ ପିଇ ବଞ୍ଚିଛନ୍ତି। ଦିନକୁ ଏତେ ଇଞ୍ଜିନ ଅଏଲ ପିଉଥିବା ସତ୍ତ୍ୱେ ସେ ଆଜି ପର୍ଯ୍ୟନ୍ତ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମଧ୍ୟ ନାହିଁ। ସେ ଭଗବାନ ଅୟପାଙ୍କ ଜଣେ ଭକ୍ତ ମଧ୍ୟ।

### ପୁଣି ନିର୍ବାଚନ କମିଶନଙ୍କୁ ନିଶାଣ କଲେ ରାହୁଲ

## ଚେଇଁ ରହି ଚୋରି ଦେଖୁଥିଲେ ଚୌକିଦାର

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ‘ଭୋଟ ଚୋରି’ ଏବଂ ବେଆଇନ ଭାବେ ଭୋଟର ତାଲିକାରୁ ‘ଭୋଟରଙ୍କୁ ହଟାଇବା’ ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଇସିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ‘ସକାଳ ୪ଟାରେ ଉଠ, ୩୬ ସେକେଣ୍ଡରେ ୨ ଭୋଟରଙ୍କୁ ତାଲିକାରୁ ହଟାଇ ଦେଇ ପୁଣି ଶୋଇ ଯାଅ। ଏହି ଭଳି ଭାବେ ଭୋଟ ଚୋରି କରାଯାଉଛି। ନିର୍ବାଚନ କମିଶନ ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି। ନିର୍ବାଚନର ଚୌକିଦାର ଚେଇଁ ରହି ଚୋରି ଦେଖୁଥିଲେ ଏବଂ ଚୋରଙ୍କୁ ସୁରକ୍ଷା ଦେଉଥିଲେ’ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରାହୁଲ ଗୁରୁବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସେଣ୍ଟ୍ରାଲାଇଜ୍ଡ ସଫ୍ଟୱେର ବ୍ୟବହାର କରି ଭୋଟ ଚୋରି ଏବଂ ଭୋଟରଙ୍କ ନାମ ହଟା ଯାଇଥିବା ଅଭିଯୋଗ କରିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦେଇଥିଲେ। ଏହା ସହିତ ରାହୁଲ ଦେଶର ଯୁବ ବର୍ଗ, ଛାତ୍ରଛାତ୍ରୀ ଏବଂ ଜେନ୍ ଜେଡ୍ ଗୋଷ୍ଠୀଙ୍କ ସହ ଛିଡ଼ା ହୋଇଛି ବୋଲି ରାହୁଲ ଟ୍ୱିଟ୍ କରି କହିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କ ଟିପ୍ପଣୀକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମାଲୋଚନା କରିଛନ୍ତି। ଜେନ-ଜେଡ୍ ଟିପ୍ପଣୀକୁ ନେଇ ସେ କହିଛନ୍ତି ଯେ ରାହୁଲ ହତାଶ ଏବଂ

### ୩୬ ସେକେଣ୍ଡରେ ଦୁଇ ଭୋଟର ହଟାଇ ପୁଣି ଶୋଇ ପଡୁଥିଲେ

### ରାହୁଲଙ୍କୁ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ

ନିରାଶ ହୋଇ ପଡ଼ିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନକଲ କରୁଥିଲେ। ଆଉ କେବେ ଜେନ-ଜେଡ୍‌ଙ୍କ କଥା କହୁଥିଲେ। ରାହୁଲ ସହରୀ ନକ୍ସଲ ହେବାକୁ ଚାହୁଁଛନ୍ତି। ସେହି ଭଳି ଭାବେ ହିଁ ପ୍ରତିକ୍ରିୟା ଦେଉଛନ୍ତି। ଦେଶକୁ ଗୃହଯୁଦ୍ଧରେ ଫସାଇବାକୁ ଚାହୁଁଛନ୍ତି। ରାହୁଲ କେତେବେଳ ମୁସଲମାନଙ୍କୁ ଉସୁକାଉଛନ୍ତି ତ



ଆଉ କେବେ ଆଧାରହୀନ କଥା କହୁଛନ୍ତି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ଏହା ଭୋଟ ଚୋରିର ପ୍ରସଙ୍ଗ ନୁହେଁ ବୋଲି ପୂର୍ବରୁ କହିଥିଲି। ରାହୁଲ ଗାନ୍ଧୀଙ୍କ ବୁଦ୍ଧି ଭ୍ରମ ହୋଇଯାଇଛି। ତେଣୁ ସେ ଏଭଳି କଥା କହୁଛନ୍ତି। ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥାକୁ ସେ ଏଡ଼ାଇ ଚାଲିଛନ୍ତି। ଏବେ ରାହୁଲ ସହରୀ ନକ୍ସଲ ହୋଇଥିବା ପ୍ରମାଣ ଦେଇଛନ୍ତି। ଜେନ୍-ଜେଡ୍‌କୁ ସମର୍ଥନ ଦେଇ ସାମ୍ବିଧାନିକ ସରକାରକୁ ଭୁଶୁଡ଼ାଇବାକୁ ରାହୁଲ ପ୍ରୟାସ କରୁଛନ୍ତି।

### ଜାତିସଂଘରେ ପାକିସ୍ତାନ, ଚୀନ୍‌କୁ ଝଟ୍‌କା

## ବିଏଲ୍‌ଏକୁ ନିଷିଦ୍ଧ ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ନ୍ୟୁୟର୍କ, ୧୯।୯(ଏଜେନ୍ସି): ଜାତିସଂଘରେ ଆମେରିକା ଏକ ଚକିତ କଲା ଭଳି ନିଷ୍ପତ୍ତି ନେଇଛି। ଯେଉଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଓ ତା’ର ଆତ୍ମଘାତୀ ସଂଗଠନ ମଜିଦ ବ୍ରିଗେଡ଼କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ତାହାକୁ ନିଷିଦ୍ଧ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ଅର୍ଥାତ ଏହି ପ୍ରସ୍ତାବ ଉପରେ ଆମେରିକା ରୋକ ଲଗାଇଛି। ଏ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ବୈଠକରେ ପାକିସ୍ତାନ ଓ ଚୀନ୍ ଏହି ପ୍ରସ୍ତାବ ଆଣିଥିଲେ। ଦୁଇ ଦେଶ ବିଏଲ୍‌ଏକୁ ଏକ ପ୍ରତିବନ୍ଧିତ ସଂଗଠନ ଘୋଷଣା କରିବାକୁ ଦାବି କରିଥିଲେ। ବିଏଲ୍‌ଏ, ମଜିଦ ବ୍ରିଗେଡ଼, ଅଲ-କାଏଦା ଓ ତେହରିକ-ଇ- ତାଲିବାନ ପାକିସ୍ତାନ ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରୁ କାର୍ଯ୍ୟ କରୁଛି ଓ ଏହା ସୀମା ଆରପଟୁ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦୁଇ ଦେଶ ସୁରକ୍ଷା ପରିଷଦରେ ଦାବି କରିଥିଲା। ଆଫଗାନିସ୍ତାନରୁ ଆତଙ୍କବାଦକୁ

■ ପୂର୍ବରୁ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ଆମେରିକା

ପ୍ରୋତ୍ସାହନ ଦିଆଯାଉଛି। ଏହାଦ୍ୱାରା ପାକିସ୍ତାନର ସୁରକ୍ଷା ବିପଦରେ ପଡ଼ିଛି ବୋଲି ପାକିସ୍ତାନ କହିଛି। ଆମେରିକା ସମେତ ବ୍ରିଟେନ ଓ ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଏହି ପ୍ରସ୍ତାବକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। କିନ୍ତୁ ଗତ ମାସରେ ଆମେରିକା ଆଶ୍ଚର୍ଯ୍ୟଜନକ ଭାବେ ବିଏଲ୍‌ଏ ଓ ମଜିଦ ବ୍ରିଗେଡ଼କୁ ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଥିଲା। ବିଏଲ୍‌ଏ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ଆମେରିକା କହିଛି। ପୁଣି ବିଏଲ୍‌ଏ ସହିତ ଆଲ-କାଏଦାର ସମ୍ପର୍କ ଥିବାର କୌଣସି ଠୋସ୍ ପ୍ରମାଣ ମଧ୍ୟ ମିଳିନାହିଁ। ତେଣୁ ବିଏଲ୍‌ଏକୁ ଜାତିସଂଘର ୧୨୬୭ ପ୍ରତିବନ୍ଧ ସୂଚୀରେ ସାମିଲ କରାଯାଇପାରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ସୂଚୀ ମଧ୍ୟରେ ସାମିଲ ହୋଇଥିବା ସଂଗଠନଗୁଡିକୁ ଯାତ୍ରା ପ୍ରତିବନ୍ଧ ଲାଗୁ କରାଯିବା ସହ ସମ୍ପତ୍ତି ବ୍ୟାଜାପ୍ତି କରାଯାଇଥାଏ। ଅସ୍ତ୍ରଶସ୍ତ୍ର କ୍ରୟ କରିବା ଉପରେ ରୋକ ଲଗାଯାଇଥାଏ। ଉଲ୍ଲେଖଥାଉ କି, ବିଏଲ୍‌ଏ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ସ୍ୱାଧୀନ କରିବାକୁ ୧୯୭୦ରୁ ସଂଘର୍ଷ କରୁଛି। ଏଥିପାଇଁ ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରି ରଖିଛି।

## ଉତ୍ତରପ୍ରଦେଶରେ ବଜ୍ରପାତରେ ୭ ମୃତ

### ହିମାଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ

### ୧୬ ଘଣ୍ଟା ପରେ ଅବଶେଷ ତଳୁ ଜଣେ ଜୀବନ୍ତ ଉଦ୍ଧାର

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜୋନପୁରରେ ୩, କୌଶାମ୍ବିରେ ୨ ଓ ହମିରପୁର- ଚାନ୍ଦୋଲୀରେ ଜଣେ ଲେଖାଏ ବଜ୍ରପାତ କାରଣରୁ ପ୍ରାଣ ହରାଇଛନ୍ତି। ସେହିପରି ପ୍ରତାପଗଡ଼ରେ ଗୋବିନ୍ଦପୁର ଗାଁରେ ବଜ୍ରପାତ କାରଣରୁ ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା। କୌଶାମ୍ବୀରେ ବଜ୍ରପାତ କାରଣରୁ ୨ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତରାଖଣ୍ଡର ଚାମୋଲୀ ଜିଲ୍ଲାର ନନ୍ଦନଗରରେ ଗୁରୁବାର ରାତିରେ ହୋଇଥିବା ବାଦଲ ଫଟା ବର୍ଷା କାରଣରୁ ୧୪ ଜଣ ଲୋକ ନିଖୋଜ ଥିଲେ। କିଛି ଲୋକ ଆବର୍ଜନା ତଳେ ଦବି ଯାଇଥିଲେ। ଘଟଣାର ୧୬ ଘଣ୍ଟା ପରେ ଜଣେ ବ୍ୟକ୍ତିଙ୍କୁ ଅବଶେଷ ତଳୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଥିରେ ଅଞ୍ଚଳରେ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୩୫ରୁ ଉର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଡେରାଡୁନ- ମସୁରୀରେ ସଡ଼କ ଏବେ ବି କ୍ଷତିଗ୍ରସ୍ତ ରହିଛି। ଏହି କାରଣରୁ ମସୁରୀରେ ଥିବା ୨୦୦୦ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି।

## ଦୁଷ୍କର୍ମ ମାମଲାରେ ଲଳିତ ମୋଦୀଙ୍କ ଭାଇ ଗିରଫ

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଭାଇ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସମୀର ମୋଦୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ୨୦୧୯ରେ ସମୀର କ୍ରମାଗତ ଭାବେ ଦୁଷ୍କର୍ମ କରିବା ସହ ବ୍ଲାକମେଲିଂ ଓ ଧୋକା ଦେଉଥିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୧୦ରେ ମହିଳା ଜଣକ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀ ଥାନାରେ ମାମଲା ଦାଏର କରିଥିଲେ। ଏହାପରେ ସମୀରଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲ୍‌ଓସି) ଜାରି କରାଯାଇଥିଲା। ଗୁରୁବାର ୟୁରୋପରୁ ବ୍ୟବସାୟିକ ଗସ୍ତରୁ ଫେରିବା ପରେ ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି। ସମୀରଙ୍କ ବିରୋଧରେ କରାଯାଇଥିବା ସବୁ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ ବୋଲି ତାଙ୍କ ଓକିଲ କହିଛନ୍ତି। ଦୁଷ୍କର୍ମ କଥା ସାର୍ବଜନୀନ କରିବା ପରେ ହତ୍ୟା ଧମକ ଦିଆଯାଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ସମୀରଙ୍କ ସହ ୨୦୧୯ରୁ ରହିଆସୁଥିଲେ ଓ ୫୦ କୋଟି ଟଙ୍କା ମାଗୁଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି।

### କେନ୍ଦ୍ରର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

## ଏନ୍‌ଜିଓ ସାମାଜିକ ସେବା କଲେ ସମସ୍ୟା କ’ଣ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଏକ୍ ଏନ୍‌ଜିଓର ଲାଇସେନ୍ସ ନବୀକରଣ ପାଇଁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହି ଏନ୍‌ଜିଓ ‘ଏଲେନ ଶର୍ମା ମେମୋରିଆଲ ଟ୍ରଷ୍ଟ’ ବିଦେଶୀ ଯୋଗଦାନକୁ ଗ୍ରହଣ କରୁଥିଲା। ତେବେ ଏଫ୍‌ସିଆରଏ ଆଇନର ଧାରା ୭ ଉଲ୍ଲଙ୍ଘନ କରୁଥିବାରୁ କେନ୍ଦ୍ର ନବୀକରଣ ପାଇଁ ଅନୁମତି ଦେଇ ନ ଥିଲା। ଏହା ପରେ ଏନ୍‌ଜିଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଜି ଏହି ମାମଲାରେ ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ରକୁ ସମାଲୋଚନା କରି ଏନ୍‌ଜିଓକୁ ଆଉ ହଇରାଣ ନ କରିବାକୁ କହିଥିଲେ। ଖଣ୍ଡପୀଠ ପଚାରି ଥିଲେ ଯେ ଏନ୍‌ଜିଓ କିଛି ଭୁଲ୍ କରିଛି କି? ଯେଉଁ ପାଣ୍ଠି ମିଳିଛି ତାହାର ଅପବ୍ୟବହାର କରିଛି କି? ଏନ୍‌ଜିଓ ଏଭଳି କିଛି କରିଥିବା ପ୍ରମାଣ ନାହିଁ। ଯଦି ସମାଜର ସେବା କରାଯାଉଛି ତେବେ କେନ୍ଦ୍ରର ଅସୁବିଧା କ’ଣ? ଏହା ଉପରେ ନଜର ରଖ। ବାର୍ଷିକ କାର୍ଯ୍ୟକଳାପର ବିବରଣୀ ଆଦି ଦାଖଲ କରିବାକୁ ଦିଅ। ମାମଲାକୁ ବେଶୀ ଜଟିଳ କରି ଆଉ ଏନ୍‌ଜିଓକୁ ହଇରାଣ କରନାହିଁ।

### ● ମଣିପୁରରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ

## ଆସାମ ରାଇଫଲ୍ସର ୨ ଯବାନ ସହିଦ, ୪ ଆହତ

ଇମ୍ଫାଲ, ୧୯।୯(ଏଜେନ୍ସି): ମଣିପୁର ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବାହିନୀ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଚାରିପଟୁ ଘେରି ଆସାମ ରାଇଫଲ୍ସର ଏକ ଗାଡି ଉପରକୁ କିଛି ଉଗ୍ରବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଦୁଇଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପୁଲିସକର୍ମୀଙ୍କ ସହାୟତାରେ ଆହତଙ୍କୁ ଆରଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଧାନୀ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହାପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଆକ୍ରମଣର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏ ନେଇ ତଦନ୍ତ ଚାଲିଛି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୃତ ଯବାନଙ୍କ ପରିବାର ପ୍ରତି ସେ ଶୋକ ଜାହିର କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରର ଜିରିବାମ୍ ଜିଲ୍ଲାରେ ୨୦୨୪ ନଭେମ୍ବର ୧୦ରେ ସିଆରପିଏଫ୍ ଯବାନ ଏନକାଉଣ୍ଟର କରି ୧୦ଜଣ କୁକି ଉଗ୍ରବାଦୀଙ୍କୁ ନିପାତ କରିଥିଲେ।

## ୮୦୮ ନିଷ୍କ୍ରିୟ ରାଜନୈତିକ ଦଳକୁ ଅଣ-ତାଲିକାଭୁକ୍ତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ରାଜନୈତିକ ଦଳ ମାଧ୍ୟମରେ କଳା ଟଙ୍କାକୁ ଧଳା କରିବା ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ ନିର୍ବାଚନ କମିଶନ ସଫେଇ ଅଭିଯାନକୁ ଜୋରଦାର କରିଛନ୍ତି। ଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ି ନ ଥିବା ୮୦୮ ପଞ୍ଜିକୃତ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି)କୁ ଅଣ-ତାଲିକାଭୁକ୍ତ କରିଦେଇଛନ୍ତି। ୧୯୫୧ର ଲୋକ ପ୍ରତିନିଧି ଆଇନର ଧାରା ୨୯ଏ ଅନୁଯାୟୀ ରାଜନୈତିକ ଦଳ ଗୁଡିକର ପଞ୍ଜୀକରଣ ହୋଇଥାଏ। ପଞ୍ଜୀକରଣ ପରେ ଏହି ଦଳଗୁଡିକ ନିର୍ଦ୍ଦିଷ୍ଟ ଲାଭ ପାଇଥାନ୍ତି। ନିର୍ବାଚନୀ ଚିହ୍ନ ଏବଂ ଟିକସରେ ରିଆତି ଆଦି ସୁବିଧା ମିଳିଥାଏ। ଏହାର ଲାଭ ଉଠାଇ କିଛି ରାଜନୈତିକ ଦଳ ବେଆଇନ କାରବାର ଚଳାଉ ଥିଲେ।

ଗତ ଜୁନ୍‌ରୁ ଇସି ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖରେ ୩୩୪ ଅଣ-ମାନ୍ୟତା ପ୍ରାପ୍ତ ଦଳଙ୍କୁ ତାଲିକାରୁ ହଟାଇ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୪୭୪ ଦଳଙ୍କୁ ବାଦ୍ ଦେଇଥିଲେ। ଏହାକୁ ମିଶାଇ ମୋଟ ୮୦୮ ଦଳଙ୍କୁ ଅଣ-ତାଲିକାଭୁକ୍ତ କରାଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ସର୍ବାଧିକ ୧୨୧ ଦଳ, ମହାରାଷ୍ଟ୍ରର ୪୪, ତାମିଲନାଡୁର ୪୨, ଦିଲ୍ଲୀର ୪୦, ପଞ୍ଜାବର ୨୧, ମଧ୍ୟପ୍ରଦେଶର ୨୩, ବିହାରର ୧୫, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶର ୧୭ଟି ଲେଖାଏଁ ଦଳ ସାମିଲ ରହିଛି। ଏହି ପର୍ଯ୍ୟାୟରେ ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭୪ ଦଳଙ୍କୁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୫୯ ଦଳ ବିଚାରାଧୀନ ଅଛନ୍ତି। ଏହି ଦଳଗୁଡିକ ନିର୍ବାଚନ ଲଢ଼ିଥିବାବେଳେ ତିନି ବର୍ଷର ବାର୍ଷିକ ସମୀକ୍ଷା ରିପୋର୍ଟ ଦାଏର କରିନାହାନ୍ତି।

## ପାକିସ୍ତାନ ଘର ଭଳି ଲାଗୁଛି: ପିଟ୍ରୋଡା

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): କଂଗ୍ରେସର ବିରଷ୍ଠ ନେତା ସାମ ପିଟ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇଥିଲି ଓ ସେଠାରେ ଘରେ ଥିବା ଭଳି ଅନୁଭବ କରିଥିଲି। ଏହିକ୍ରମରେ ସେ ନେପାଳ ଓ ବାଂଲାଦେଶକୁ ମଧ୍ୟ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ମୁଁ ନେପାଳ ଓ ବାଂଲାଦେଶକୁ ମଧ୍ୟ ଯାଇଥିଲି। ସେଠାରେ ମଧ୍ୟ ଘର ଭଳି ଅନୁଭବ କରିଥିଲି। ବିଦେଶରେ ଥିବା ଭଳି ମୋତେ ଲାଗୁ ନ ଥିଲା। ଏହି ଦେଶର ନାଗରିକମାନେ ମୋ ଭଳି ଦେଖାଯାଉଥିଲେ ଓ ମୋ ଭଳି କଥାବାର୍ତ୍ତା କରୁଥିଲେ।

## ଛାର୍‌ଖାର କରିଦେଲା ଜେନ୍-ଜେଡ୍ ଆନ୍ଦୋଳନ

## ନେପାଳ ଏବେ ନିସ୍ୱ: ପ୍ରଧାନମନ୍ତ୍ରୀ ସୁଶୀଳା

କାଠମାଣ୍ଡୁ, ୧୯।୯(ଏଜେନ୍ସି): ନେପାଳ ଏବେ ଜିରୋ ଷ୍ଟେଟ୍ ଅର୍ଥାତ ଶୂନ୍ୟ ସ୍ଥିତିରେ ଅଛି। ଦେଶର ସ୍ଥିତି ଏବେ ବହୁତ ଗମ୍ଭୀର। ଜେନ୍- ଜେଡ ଆନ୍ଦୋଳନରେ ସବୁକିଛି ଜଳି ପଡ଼ି ଛାରଖାର ହୋଇଛି। ଆମ ପାଖରେ କ୍ୟାବିନେଟ ଅଛି, କିନ୍ତୁ ମନ୍ତ୍ରଣାଳୟ ପାଖରେ କାର୍ଯ୍ୟକରିବା ପାଇଁ ବିଲ୍ଡିଂ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ କାଗଜପତ୍ର କିଛି ନାହିଁ। ରାଜଧାନୀ କାଠମାଣ୍ଡୁର ସିଂହ ଦରବାରରେ ସେପ୍ଟେମ୍ବର ୯ରେ ହୋଇଥିବା ଭୟଙ୍କର ପୋଡା ଜଳାରେ ଦେଶର ସରକାରୀ ଭିତ୍ତିଭୂମୀକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଇଛି ବୋଲି ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି।

ସିଂହ ଦରବାରରେ ପରିସର ଏକଦା ଏକ ଭବ୍ୟ ମହଲ ଥିଲା ଓ ଏଥିରେ ୨୦ରୁ ଅଧିକ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ ଥିଲା। ଏବେ କିନ୍ତୁ ଏହା ଆବର୍ଜନାର



■ ସରକାରୀ ଭିତ୍ତିଭୂମି, କାଗଜପତ୍ର ସ୍ୱାହା

କେନ୍ଦ୍ରରେ ପରିଣତ ହୋଇଛି। ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଦେଶର ସଂସଦ ଓ ପ୍ରାୟ ସବୁ ମନ୍ତ୍ରଣାଳୟର କାର୍ଯ୍ୟାଳୟ ନଷ୍ଟ ହୋଇଛି। ଏହି କ୍ରମରେ ସରକାରୀ କାଗଜପତ୍ର, ଜନ୍ମପ୍ରମାଣ ପତ୍ର, କମ୍ପାନୀ ରେଜିଷ୍ଟ୍ରେସନ ଓ ଅନ୍ତରାଷ୍ଟ୍ରୀୟସ୍ତରରେ ହୋଇଥିବା ବୁଝାମଣା ତଥା ଚୁକ୍ତିର ମୂଳ କାଗଜପତ୍ର ଜଳି ନଷ୍ଟ ହୋଇଛି। କେବଳ ସୁପ୍ରିମକୋର୍ଟର ୬୦ ହଜାର ଫାଇଲ ଜଳି ପାଉଁଶ ହୋଇଯାଇଛି। ସଂସଦ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ, ସରକାରଙ୍କ ୩୦୦ରୁ ଅଧିକ ବିଲ୍ଡିଂରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି। ଦେଶ ଚଳାଇବାକୁ ସବୁ ସଂସ୍ଥା ଓ ଦସ୍ତାବିଜ ନଷ୍ଟ ହୋଇଛି। କିନ୍ତୁ ଆମେ ପୁଣି ଥରେ ଉଠି ଛିଡା ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଦସ୍ତାବିଜ ଜଳିଯିବା ପରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। କାଠମାଣ୍ଡୁ ଘାଟୀର ସବୁ ୧୧୨ ପୁଲିସ ଥାନା ନଷ୍ଟ ହୋଇଛି। ତେଣୁ ପୁଲିସ କର୍ମଚାରୀ ସବୁ ତମ୍ବୁରେ ରହି କାର୍ଯ୍ୟ କରୁଛନ୍ତି। ଲୋକ ଜନ୍ମପ୍ରମାଣପତ୍ର, ପାସପୋର୍ଟ, ପେନ୍‌ସନ ଓ ବ୍ୟାଙ୍କ ସେବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ପ୍ରତିଦିନ ଦୁଇ ହଜାର ନେପାଳ ନାଗରିକ ବିଦେଶ ପଳାୟନ କରୁଛନ୍ତି। ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୯ ଦିନ ପରେ ନିଜ ଘରେ ପହଞ୍ଚିଛନ୍ତି। ପୁଣି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ସୁଶୀଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦେଶରେ ଶାନ୍ତି ଫେରାଇ ଆଣିବାକୁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ମୋଦୀ ପ୍ରତିଶ୍ରୁତ ଦେଇଛନ୍ତି।

# ମହିଳାଙ୍କୁ ଟାଣିନେଲା କୁମ୍ଭୀର

ମହାକାଳପଡ଼ା, ୧୯।୯ (ସମିସ): ଆଜି ମହାକାଳପଡ଼ା ବ୍ଲକ୍ ସୁନିତି ପଞ୍ଚାୟତର ବେଣାକନ୍ଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଛି। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ। ଆଜି ଦିନ ପ୍ରାୟ ସାଢ଼େ ୩ଟାରେ ବେଣାକନ୍ଦା ଗ୍ରାମର ଲକ୍ଷ୍ମୀ ଦଳାଇ ଗୋବରୀ ନଦୀ କୂଳକୁ ଛେଳିକୁ ଆଣିବାକୁ ଯାଇଥିଲେ। ସେତିକିବେଳେ ନଦୀ ପଠାରେ ଗୋଟିଏ କୁମ୍ଭୀର ଛେଳିକୁ ଝାମ୍ପିନେବାକୁ ବସିଥିଲା। ଏହାଦେଖି ଲକ୍ଷ୍ମୀ ଛେଳିକୁ ଖୁଣ୍ଟରୁ ଫିଟାଇ ଦେଇଥିଲେ। ଛେଳିଟି ଦୌଡ଼ି ପଳାଇ ଯାଇଥିବା ବେଳେ ଅସାବଧାନତାବଶତଃ ନଦୀପଠାରେ ଲକ୍ଷ୍ମୀଙ୍କ ଗୋଡ଼ ଖସିଯାଇଥିଲା ଏବଂ କୁମ୍ଭୀରଟି ତାଙ୍କୁ ଟାଣି ନେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ।



# ତଟରକ୍ଷୀ ବାହିନୀରେ ସାମିଲ ହେଲା 'ଅଦମ୍ୟା'

ପାରାଦୀପ,୧୯।୯(ସମିସ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଆଇସିଜିଏସ୍ 'ଅଦମ୍ୟା' ଆଜି ତଟରକ୍ଷୀ ବାହିନୀରେ ସାମିଲ ହୋଇଛି। ପାରାଦୀପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରାଳୟର ଯୁଗ୍ମ ସଚିବ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ଜାହାଜ 'ଅଦମ୍ୟା'କୁ ଉଦ୍‌ଘାଟନ କରିଛନ୍ତି। ଏହି ଜାହାଜର ଲମ୍ବ

**୫୭୫ କିଲୋମିଟର ଉପକୂଳକୁ ଦେବ ସୁରକ୍ଷା**




୫୧ମିଟର ଓ ଓଜନ ୩୨୦ ଟନ୍। ଏହା ୫୭୫ କିଲୋମିଟର ଉପକୂଳକୁ ସୁରକ୍ଷା ଦେବ। ମେସର୍ସ ଗୋଆ ସିପ୍ୟାଡ୍ ଲିମିଟେଡ୍ ଦ୍ୱାରା ଏହା ନିର୍ମାଣ ହୋଇଛି। ଏହା ଦୁଇଟି ୩୦୦୦ କିଲୋୱାଟ୍‌ର ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଜାହାଜରେ ୩୦ମିମି ସିଆରଏନ୍ ୯୧ ବନ୍ଧୁକ ଓ ଦୁଇଟି ୧୨.୭ ମିମି ସ୍ଥିର ରିମୋର୍ଟ କଣ୍ଟ୍ରୋଲ ମେସିନ୍-ଗନ୍ ରହିଛି। ଅନୁରାଗ ପାଣ୍ଡେ ଏହି ଜାହାଜର କମାଣ୍ଡର୍। ଏହାବ୍ୟତୀତ ଏହି ଜାହାଜରେ ୫ ଧିକାରୀ ଓ ୩୪ ଜଣ କର୍ମଚାରୀ କାମ କରିବେ। ଏହା ଭାରତୀୟ କୋଷ୍ଟଗାର୍ଡର କ୍ଷମତାକୁ ଅଧିକ ସୁଦୃଢ଼ କରିବ। ତେବେ କୋଷ୍ଟଗାର୍ଡ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ କୋଷ୍ଟଗାର୍ଡର ବରିଷ୍ଠ ଅଧିକାରୀ, ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

କାଶୀପୁର,୧୯।୯(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର ରେଞ୍ଜର (ବନାଞ୍ଚଳ ଅଧିକାରୀ) ଅନ୍ତର୍ଯ୍ୟାମୀ ସାହୁଙ୍କ କାଶୀପୁରସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଆଜି ଭିଜିଲାନ୍ସ ଚଢ଼ଉ କରିଛି। ଏଥିସହ ଭିଜିଲାନ୍ସ ଟିମ୍ କାଶୀପୁର, ବ୍ରହ୍ମପୁର, ବାଲିଗୁଡ଼ା, ଭଞ୍ଜନଗର, ନୟାଗଡ଼ ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯ ସ୍ଥାନରେ ଚଢ଼ଉ**

ଯାଞ୍ଚ ବେଳେ ତାଙ୍କର ବାଲିଗୁଡ଼ା ସହର ଉପକଣ୍ଠରେ ୬ଟି ପ୍ଲଟ୍, ବ୍ରହ୍ମପୁରର ଜୋଗିଆପାଲିରେ ଗୋଟିଏ ପ୍ଲଟ୍, ଗଞ୍ଜାମର କୋଡାସିଂରେ ୨ଟି ପ୍ଲଟ୍ ସମେତ ୯ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ବ୍ୟାଙ୍କ, ଡାକ ଏବଂ ବୀମାଜମା ଏବଂ ଅନ୍ୟାନ୍ୟ ନିବେଶ ଉପରେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କର ବାଲିଗୁଡ଼ା ଏସ୍‌ବିଆଇ ଶାଖରେ ଏକ ଲକର୍ ଥିବା ମଧ୍ୟ ଜଣାପଡ଼ିଛି। ଚଢ଼ଉ ଜାରି ରହିଥିବାରୁ ସମ୍ପତ୍ତି ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। କାଶୀପୁର ସରକାରୀ ବାସଭବନ ଏବଂ ବନବିଭାଗ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ଶ୍ରୀ ସାହୁଙ୍କୁ ରାୟଗଡ଼ା ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ଅନନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ୭ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର୍, ୯ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଅଛନ୍ତି।

**ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା**

# ଗୋଟିଏ ଜାଗାରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଥିଲେ ବଦଳି

ଭୁବନେଶ୍ୱର,୧୯।୯(ସମିସ): ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ବିଭାଗ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ। ୩ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ରାଜସ୍ୱ କର୍ମଚାରୀଙ୍କୁ ବଦଳି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ୩ ବର୍ଷରୁ ଅଧିକ ସମୟ ପୂରଣ କରୁଥିଲେ ସେକ୍ସନ୍ ଅଫିସର୍, ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସହ ଆର୍‌ଆଇ, ସହକାରୀ ଆର୍‌ଆଇ, ଅମିନଙ୍କର ବଦଳି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଛି। ନିୟମିତ ଭାବେ କର୍ମଚାରୀଙ୍କ ବଦଳି ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ କର୍ମଚାରୀ ଗୋଟିଏ ଅଫିସ ଅବା ପଦବିରେ ବର୍ଷ ବର୍ଷ ଧରି ରହିଛନ୍ତି। ତେଣୁ ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବିଭାଗର ନିର୍ଦ୍ଦେଶନାମା ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଭାଗକୁ ୧୫ ଦିନ ମଧ୍ୟରେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ସରକାରଙ୍କ ତଣ୍ଟିରେ ରତ୍ନ ଅଳଙ୍କାର କଣ୍ଟା

ପୁରୀ,୧୯।୯(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇଛି। ଏବେ ବି ଏହା ଉପରେ ରହିରହି ତର୍ଜମା ଚାଲିଛି। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ ଏବେ ଦୋଛକିରେ ରାଜ୍ୟ ସରକାର। ଗଣିଲେ ଦୋଷ, ନ ଗଣିଲେ ବି ବଦ୍‌ନାମ। ରାଜ୍ୟର ନୂଆ ବିଜେପି ସରକାର ତଣ୍ଟିରେ ଏବେ ରତ୍ନଅଳଙ୍କାର କଣ୍ଟା ଲାଗିଛି। ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି। ଏହାରି ଭିତରେ କେବେ ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମେଳ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରତ୍ନଭଣ୍ଡାରକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଜେପିର ଜାତୀୟସ୍ତରର ନେତାଙ୍କ ସମେତ ଅନ୍ୟ ରାଜ୍ୟର ନେତାମନ୍ତ୍ରୀମାନେ ମଧ୍ୟ ରତ୍ନଭଣ୍ଡାରକୁ ପ୍ରସଙ୍ଗ କରି ଓଡ଼ିଶାରେ ନିର୍ବାଚନ ମଞ୍ଚକୁ ଦୋହଲାଇଥିଲେ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ବୋଲି ପ୍ରଶ୍ନ କରି ପୂର୍ବର ବିଜେଡି ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ବି ରାଜ୍ୟ ବିଜେପି ନେତାମାନେ ରଡ଼ି ଛାଡ଼ିଥିଲେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ରତ୍ନଭଣ୍ଡାର ଖୋଲିବା ଏବଂ ଗଣତିମଣତି



ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କଲା। ଶେଷରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତବର୍ଷ ଜୁଲାଇ ୧୪ ଏବଂ ଜୁଲାଇ ୧୮ ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ବାହାରକୁ ଅଣାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ପରେ ଏଏସ୍‌ଆଇକୁ ଉଭୟ ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ୬ମାସ ଧରି ଚାଲିଥିଲା। ୯୫ ଦିନ ଧରି ମରାମତି କାର୍ଯ୍ୟ ପରେ ଗତ ଜୁନ୍‌ରେ ରତ୍ନଭଣ୍ଡାରକୁ ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇସାରିଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। କିନ୍ତୁ, ଏହାକୁ ନେଇ

**■ ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି**
**■ ବଦ୍‌ନାମ ହେବାର ଭୟ ଘାରୁଥିବା ଚର୍ଚ୍ଚା**

ଏବେ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସ୍ଥାୟୀ ରତ୍ନଭଣ୍ଡାର ଘରେ ରଖିବା ପୂର୍ବରୁ ରତ୍ନ ଅଳଙ୍କାର କାହିଁକି ଗଣତିମଣତି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ନେଇ ଏବେ ବିଜେପି ସରକାର ଦୋଛକିରେ ପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ, ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ବିଜେପି ନାନା ମନଗଢ଼ା କଥା କହିଥିଲା। ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଚାବି କୁଆଡ଼େ ଗଲା, ପାତାଳରେ ଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି କହିଥିଲା। ହେଲେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରତ୍ନଅଳଙ୍କାର ଗଣତିମଣତି କରିବା ଆବଶ୍ୟକତା ଥିଲା। ୧୯୭୮ ତାଲିକା ସହ ମେଳ କରାଇ ଦେଇଥିଲେ ସବୁ ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ, ତାହା କରାଯାଇନାହିଁ। ଏବେ ଅସ୍ଥାୟୀ ଘରେ ରହିଛି ରତ୍ନ ଅଳଙ୍କାର। ଯଦି ଗଣତିମଣତି କରାଯାଏ ଏବଂ ଠାକୁରଙ୍କ ଅଳଙ୍କାର ପୂର୍ବ ତାଲିକା ସହ ମେଳ ଖାଏ, ତା' ହେଲେ ବିଜେପିର ମିଛ ଧରାପଡ଼ିଯିବ। କାରଣ ରତ୍ନଭଣ୍ଡାର ଚାବି ଏବଂ ଅଳଙ୍କାର ଚୋରି ହୋଇଥିବା ନେଇ ସେତେବେଳେ ନାନାପ୍ରକାର ଚର୍ଚ୍ଚା ହୋଇଥିଲା। ଏମିତି ବି ଯଦି ପୂର୍ବ ତାଲିକା ସହ ମେଳ ନଖାଏ କିମ୍ବା କିଛି ଅଳଙ୍କାର କମ୍ ଜଣାପଡ଼ିବ, ତେବେ ବିଜେପି ସରକାରକୁ ସମସ୍ତେ ଦୋଷାରୋପ କରିବେ। କାରଣ ନିୟମ ଅନୁସାରେ ଖୋଲିବା ବେଳେ ହିଁ ଗଣତିମଣତି ବା ମାପଚୁପ୍ କରିବା କଥା, ଯାହା କରାଯାଇ ନଥିଲା। ଏଥିପାଇଁ ପୂର୍ବ ସରକାରଙ୍କୁ ଆଉ ବଦନାମ କରାଯାଇପାରିବ ନାହିଁ। ତେଣୁ, ଏମିତି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର କଣ୍ଟା ଏବେ ବିଜେପି ସରକାର ତଣ୍ଟିରେ ଲାଗିଯାଇଛି। ଯେଉଁଥିପାଇଁ ଗଣତିମଣତି ଏକପ୍ରକାର ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି।

# ଅମର୍ଦ୍ଦା ରୋଡ୍ ଏୟାରଷ୍ଟ୍ରିପ୍‌ରେ ଏମ୍‌ଆରଓ ପ୍ରତିଷ୍ଠା ଦାବି

ବାରିପଦା,୧୯।୯(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ଠାରେ ଦେଶର ପ୍ରଥମ ବିମାନ ରକ୍ଷଣାବେକ୍ଷଣ ଓ ମରାମତି କେନ୍ଦ୍ର (ଏମ୍‌ଆରଓ) ପ୍ରତିଷ୍ଠା କରିବା ପାଇଁ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ର ସରକାରଙ୍କ

**କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କଲେ ମହାରାଜା**

ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଶ୍ରୀ ଭଞ୍ଜଦେଓ ତାଙ୍କୁ ଏ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଏହାସହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କୁ ମଧ୍ୟ ଏ ସଂକ୍ରାନ୍ତୀୟ ପତ୍ର ଲେଖିଛନ୍ତି।

ଚିଠିରେ ଶ୍ରୀ ଭଞ୍ଜଦେଓ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କ ଜେଜେବାପା ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟତାରେ ରୟାଲ୍ ଏୟାରଫୋର୍ସ ପକ୍ଷରୁ ୯ ଶହ ଏକର ଜମି ଉପରେ ଉକ୍ତ ବିମାନବନ୍ଦର ନିର୍ମାଣ କରାଯାଇଥିଲା। ୩.୫ କିମି ଦୈର୍ଘ୍ୟ ବିଶିଷ୍ଟ ରନ୍‌ୱେ, ୬୦ କିମି ଦୈର୍ଘ୍ୟ ବିଶିଷ୍ଟ ଟ୍ୟାକ୍ସି-ୱେ ଏବଂ ଏପ୍ରନକୁ ନେଇ ସେତେବେଳେ ଏହା ସମଗ୍ର ଏସିଆ ମହାଦେଶର ସର୍ବବୃହତ୍ ବିମାନବନ୍ଦର ଭାବେ ଖ୍ୟାତ ଥିଲା। ମାତ୍ର ଯୁଦ୍ଧ ସରିବା ପରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯଦିଓ ଏହାକୁ 'ଉଡାନ୍' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଏହାର ବ୍ୟାପକତାକୁ ଲକ୍ଷ୍ୟ କଲେ ଏମ୍‌ଆରଓ ସ୍ଥାପନ ପାଇଁ ଏହା ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ଶ୍ରୀ ଭଞ୍ଜଦେଓ ଦର୍ଶାଇଛନ୍ତି।

ଦେଶରେ ଏମ୍‌ଆରଓ ସୁବିଧା ନଥିବାରୁ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ହଂକଂ, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଉପରେ ନିର୍ଭର କରୁଛନ୍ତି। ଆମ ଦେଶର ଏୟାରଲାଇନଗୁଡ଼ିକ ବର୍ଷକୁ ୨୦ ହଜାର କୋଟି ଟଙ୍କା ସେହି ଦେଶଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି ବୋଲି ଜାତୀୟ ଅର୍ଥନୈତିକ ସର୍ବେକ୍ଷଣ (୨୦୨୩-୨୪)ରେ କୁହାଯାଇଛି। ଏହା ଆଗାମୀ ୫ବର୍ଷ ମଧ୍ୟରେ ୩୭ହଜାର ୬ଶହ କୋଟି ଟଙ୍କାକୁ ଛୁଇଁବ ବୋଲି ଆକଳନ କରାଯାଉଛି। ଏସବୁକୁ ଲକ୍ଷ୍ୟ କଲେ, ଦେଶରେ ଏକ ଏମ୍‌ଆରଓ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଅତି କମ୍ ଖର୍ଚ୍ଚରେ ଏହା ଆରମ୍ଭ କରାଯାଇପାରିବ। ରାସଗୋବିନ୍ଦପୁରଠାରେ ଏମ୍‌ଆରଓ ପ୍ରତିଷ୍ଠା ହେଲେ ମୟୂରଭଞ୍ଜ ତଥା ସମଗ୍ର ଉତ୍ତରଓଡ଼ିଶାରେ ଅସଂଖ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ଭଞ୍ଜଦେଓ ଆଶାପୋଷଣ କରିଛନ୍ତି।

# ମୃତ ଯାତ୍ରୀଙ୍କ ପରିବାରକୁ ୯ ଲକ୍ଷ କ୍ଷତିପୂରଣ ଦେବ ରେଳବାଇ


କଟକ, ୧୯।୯ (ସମିସ): ରେଳଯାତ୍ରା ବେଳେ ଯାତ୍ରୀଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରକୁ ସମବେଦନା ଏବଂ ସହାୟତା ପ୍ରଦାନ କରିବା ରେଳବାଇର ପ୍ରଥମ କର୍ତ୍ତବ୍ୟ। ଏଭଳି ପରିବାରକୁ ମକଦ୍ଦମା ଦାୟର କରିବାକୁ ବାଧ କରିବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱର ଅବସାନ ବୋଲି ବିବେଚନା କରାଯିବ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏପରି କହିଛନ୍ତି। ଏହାସହ, ୨୦୦୬ ମସିହାରେ ରେଳଯାତ୍ରା ସମୟରେ ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ସମ୍ପର୍କୀୟଙ୍କୁ ୪ମାସ ମଧ୍ୟରେ ୯ଲକ୍ଷ ୨୩ ହଜାର ୫୬୨ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟଜିତ ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ଭିତରେ କ୍ଷତିପୂରଣ ରାଶି ପ୍ରଦାନ କରାନଗଲେ, ୭ ପ୍ରତିଶତ ସୁଧ ବାବଦ ଅର୍ଥ ଆବେଦନକାରୀଙ୍କୁ ପଇଠ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟେ, ଆବେଦନକାରୀଙ୍କ କ୍ଷତିପୂରଣ ଦାବି ଦରଖାସ୍ତକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବୁନାଲ ୨୦୨୪, ଏପ୍ରିଲ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୬, ଡିସେମ୍ବର ୨୫ରେ ଆହ୍ଲାବାଦରୁ କଟକ ଯିବା ପାଇଁ ସର୍ବେଶ୍ୱର ସ୍ୱାଇଁ ନୀଳାଚଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ଟ୍ରେନ୍ ଭିତରେ ଝଟକା ଲାଗିବା କାରଣରୁ ସେ କମ୍ପାର୍ଟମେଣ୍ଟ ଭିତରେ ଚେତା ହରାଇ ପଡ଼ିଯାଇଥିଲେ। ତାଙ୍କ ମସ୍ତିଷ୍କ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୟା ସରକାରୀ ଡାକ୍ତରୀଖାନାରେ ୨୦୦୬, ଡିସେମ୍ବର ୨୭ରେ ତାଙ୍କର ମୃତ୍ୟୁ ହୋଇଥିଲା।

# 'ନ୍ୟାସନାଲ ଜିଓଗ୍ରାଫିକ୍' ପ୍ରଚ୍ଛଦ ପୃଷ୍ଠାରେ ଶିମିଳିପାଳର କଳାବାଘ

ଭୁବନେଶ୍ୱର,୧୯।୯(ସମିସ): ବିଶ୍ୱର ଖ୍ୟାତନାମା ପତ୍ରିକା 'ନ୍ୟାସନାଲ ଜିଓଗ୍ରାଫିକ୍'ର ପ୍ରଚ୍ଛଦ ପୃଷ୍ଠାରେ (କଭର ପେଜ୍)ରେ ସ୍ଥାନ ପାଇଛି ଶିମିଳିପାଳର ବିରଳ କଳାବାଘ ଫଟୋ। ସାରା ବିଶ୍ୱରେ କେବଳ ଶିମିଳିପାଳରେ ଏହି ବିରଳ ପ୍ରଜାତିର କଳାବାଘ ଦେଖାଦେଇଥାନ୍ତି। ପ୍ରସିଦ୍ଧ ଫଟୋଗ୍ରାଫର ପ୍ରସନ୍ନଜିତ ଯାଦବ ଶିମିଳିପାଳରେ ପ୍ରାୟ ୩ ମାସ ପରିଶ୍ରମ ପରେ ଏହି ଫଟୋ ଉଠାଇଥିବା ସୂଚନା ମିଳିଛି। ଶିମିଳିପାଳର ଏହି ବିରଳ କଳାବାଘ ଫଟୋ ବିଶ୍ୱସ୍ତରୀୟ ପତ୍ରିକାରେ ପ୍ରକାଶକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ ଫଟୋଚିତ୍ରଟି ଅକ୍ଟୋବର ୨୦୨୫ ସଂସ୍କରଣରେ ପ୍ରକାଶିତ ହୋଇଛି। ନ୍ୟାସନାଲ ଜିଓଗ୍ରାଫିକ୍ ଅନୁଯାୟୀ, ଏହି ଫଟୋଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନର ଘଞ୍ଚ ଜଙ୍ଗଲରୁ ଉତ୍ତୋଳନ କରାଯାଇଛି। ବିଶ୍ୱର ଏକମାତ୍ର ସ୍ଥାନ ଭାବେ ଏଠାରେ କଳାବାଘ ଦେଖାଯାଇଥାଏ। ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଏହି ବାଘମାନଙ୍କ ଶରୀରରେ ଗାଢ଼ ପଟ୍ଟା ଥାଏ। ଶିମିଳିପାଳରେ ପ୍ରାୟ ୩୦




ଟି ବାଘ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହି ପ୍ରଜାତିର। ଏପରି ଏକ ବିରଳ ପ୍ରାଣୀର ଫଟୋଚିତ୍ର ସଂଗ୍ରହ କରିବା ସହଜ କାମ ନ ଥିଲା। କଳା ବାଘକୁ ଟ୍ରାକ୍ କରିବା ଏବଂ ନିରୀକ୍ଷଣ କରିବା ସହ ବାଘଙ୍କର ଗତିବିଧି ଓ ଆଚରଣକୁ ସତର୍କତାର ସହିତ ଅନୁଧ୍ୟାନ କରିବାକୁ ପ୍ରାୟ ୩ ମାସରୁ ଅଧିକ ସମୟ ଲାଗିଥିଲା।

ସୂଚନା ଥାଉ କି, ବହୁତ କମ୍ ଭାରତୀୟ

**■ ୩ ମାସର ପରିଶ୍ରମ ପରେ ସଂଗ୍ରହ ହୋଇଛି ଫଟୋଚିତ୍ର**
**■ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା**
**■ କଳାବାଘ ସଫାରୀ ଘୋଷଣା କଥା ଉଲ୍ଲେଖ କଲେ ନବୀନ**

ଫଟୋଗ୍ରାଫର ନ୍ୟାସନାଲ ଜିଓଗ୍ରାଫିକ୍ କଭରରେ ସ୍ଥାନ ପାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାସନାଲ ଜିଓଗ୍ରାଫିକ୍' ପତ୍ରିକାର କଭର ପେଜ୍‌ରେ ଶିମିଳିପାଳର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଦେଖି ବହୁତ ଖୁସି ଲାଗିଲା। ଶିମିଳିପାଳ ଓଡ଼ିଶାର ହୃଦୟ ଭାବେ ପରିଚିତ। ଶିମିଳିପାଳର କଳାବାଘ କାହାଣୀ ପ୍ରତି ଫଟୋଗ୍ରାଫର ଶ୍ରୀ ଯାଦବଙ୍କ ପ୍ରତିବଦ୍ଧତା ଏବଂ ସମର୍ପଣକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଭବିଷ୍ୟତ ପିଢ଼ିକୁ ଏପରି କାହାଣୀ ପ୍ରେରଣା ଦେବ ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଯୋଗ ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳର ବିରଳ କଳାବାଘକୁ 'ନ୍ୟାସନାଲ ଜିଓଗ୍ରାଫିକ୍'ର କଭରପେଜ୍‌ରେ ସ୍ଥାନିତ କରାଯାଇଥିବା ଜାଣି ଖୁସି ହେଲି। ପ୍ରକୃତରେ ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଶିମିଳିପାଳରେ ହିଁ ବିଶେଷତଃ କଳାବାଘ ଦେଖାଯାଇଥାନ୍ତି। ଏହି ମନୋରମ ପ୍ରତିଛବି ତୋଳି ଧରିଥିବାରୁ ଭାରତୀୟ ଫଟୋଗ୍ରାଫର ପ୍ରସେନଜିତ ଯାଦବଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଗତ ଜାନୁଆରୀ ୨୦୨୪ ରେ, ତତ୍‌କାଳୀନ ବିଜେଡି ସରକାର ବାରିପଦା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ଘୋଷଣା କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ସୌମ୍ୟାଶ୍ରୀ ଘଟଣା ପାଇଁ ଛାତ୍ର ସଂସଦ ନିର୍ବାଚନକୁ ଡରୁଛନ୍ତି ସରକାର

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କର କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

**■ ସରକାରଙ୍କ କଥା ଓ କାମରେ ତାଳମେଳ ରହୁନାହିଁ**
**■ ନିର୍ବାଚନ ନ ହେଲେ ସବୁ କ୍ୟାମ୍ପସ୍‌ରେ ଆନ୍ଦୋଳନ**

ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ନେଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଡରୁଛନ୍ତି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନ୍ତୁଡ଼ିଶାଳ।



ତେଣୁ ଏହି ପ୍ରସଙ୍ଗ ଉପରେ ସରକାର ନିର୍ଣ୍ଣାୟକ ନିଷ୍ପତ୍ତି ନ ନେବା ପରିତାପର ବିଷୟ ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ କହିଛନ୍ତି, ବିଜେପି ସରକାରର ଦୋମୁହାଁ ନୀତି ଆପଣାଇଛି। ବିଜେଡି ସରକାରରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇ ଥୁଏଇ ଦେଉ ନ ଥିଲା। ଏବେ ସରକାରକୁ ଆସିବା ପରେ ଦଳ କାହିଁକି ନିରବ ରହିଛି। ଯାହା ଶିକ୍ଷାମନ୍ତ୍ରୀ କହିବା କଥା, ତାହା ଆଇନ ମନ୍ତ୍ରୀ କହୁଛନ୍ତି। ଆଇନ ମନ୍ତ୍ରୀ ୨୦୨୪ରେ କହିଥିଲେ ଛାତ୍ର ସଂସଦ ନିର୍ବାଚନ ହେବ; କିନ୍ତୁ ସେ ବର୍ଷ ନିର୍ବାଚନ ହେଲାନାହିଁ। ଏହାସହିତ ୨୦୨୫ ନିର୍ବାଚନକୁ ନେଇ ମଧ୍ୟ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ୍ ନିର୍ବାଚନ ହେବ ବୋଲି ପ୍ରତିଶୃତି ଦେଇଥିଲେ ମଧ୍ୟ ତା ବି ଧୂଆଁବାଣ ସାବ୍ୟସ୍ତ ହେବାକୁ ଯାଉଛି।

ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡିଶାର ଛାତ୍ର ସମାଜରେ ବିଜେପି ନିନ୍ଦିତ ହୋଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି। ଏଥିପାଇଁ ନିର୍ବାଚନକୁ ସରକାର ଏଡ଼େଇ ଯିବାକୁ ଚାହୁଁଛନ୍ତି। ଯଦି ଆଗାମୀ ୬ ଦିନ ଭିତରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରନ୍ତି, ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ଦାସ, ଆଶିଷ ମାହୁନ୍ତ, ସନ୍ଦୀପ ରାଉତରାୟ, ସାଗର ପଟ୍ଟନାୟକ, ବିଭୁତି ମହାପାତ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

# ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୧୯।୯(ସମିସ): କଟକ ଜିଲ୍ଲା ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛନ୍ତି। କମିସନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ତଥା ମାନାବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ହେତୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ। କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ଉଲ୍ଲେଖ ରହିଛି।

ଗତ ୨୦୧୬ ଡିସେମ୍ବର ୯ ତାରିଖ ମଧ୍ୟରାତିରେ ନରସିଂହପୁର ପୁଲିସ ମାଳିସାହିର ସରୋଜ ସେନାପତି ଓରଫ୍ ଆକୁଳଙ୍କୁ ଏକ ମାମଲାରେ ଗିରଫ କରି ଥାନାକୁ ଆଣିଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ପରଦିନ ସକାଳେ ସରୋଜଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୦୧୬ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ମଧ୍ୟ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ କ୍ଷତଚିହ୍ନ ବିଷୟରେ ଉଲ୍ଲେଖ ଥିବା ସହ ମସ୍ତିଷ୍କରେ ଆଘାତ ଯୋଗୁଁ ଆକୁଳର ମୃତ୍ୟୁ ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ। ରିପୋର୍ଟରେ ଥିବା ତଥ୍ୟ ଓ ସାକ୍ଷୀମାନଙ୍କର ବୟାନ ଭିତ୍ତିରେ ସରୋଜଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ପୁଲିସ ହାଜତରେ ଥିଲା ବେଳେ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ମୃତକଙ୍କ ଆତ୍ମୀୟଙ୍କୁ କ୍ଷତିପୂରଣ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବହୁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟ ଅସମ୍ପୂର୍ଣ୍ଣ

# ନୂଆ ଯୋଜନାରେ ପ୍ରକଳ୍ପ ସ୍ଥାନାନ୍ତର ନେଇ ଅସନ୍ତୋଷ

ମାଲକାନଗିରି,୧୯ ।୯ (ସମିସ):

ପୂର୍ବ ସରକାର ଗାଁର ଉନ୍ନତି ପାଇଁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଅଟକଳ ବ୍ୟୟରେ ଗାଁର ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରି ଅନେକ ଗ୍ରାମର ମନ୍ଦିର ଠାରୁ ଆରମ୍ଭ କରି ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଯାହା ଦ୍ୱାରା ଗ୍ରାମାଞ୍ଚଳର ବିକାଶ ବିକାଶ ହୋଇଛି। ଏହି ଯୋଜନା ମାଧ୍ୟମରେ ଆସିଥିବା ଅର୍ଥ ଅନେକ ଗାଁରେ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇ ପାରିନାହିଁ। ସରକାର ପରିବର୍ତ୍ତନ ପରେ ପୂର୍ବ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡିଶା ଯୋଜନା ନାମକୁ ବର୍ତ୍ତମାନର ସରକାର ପରିବର୍ତ୍ତନ କରି ବିକଶିତ ଗାଁ ବିକଶିତ ଓଡିଶା ନାମରେ ନାମିତ କରିଛନ୍ତି। ପୂର୍ବ ସରକାର ଆମ ଓଡ଼ିଶା ନବୀନ ଓଡିଶା ନାମରେ ଯେଉଁ ସବୁ ଗାଁରେ ଉନ୍ନୟନ କାର୍ଯ୍ୟ ସ୍ଥିର କରାଯାଇଥିଲା। ତାହା ବର୍ତ୍ତମାନର ସରକାର ପରିବର୍ତ୍ତନ ସହିତ ସ୍ଥାନ ମଧ୍ୟ ପରିବର୍ତ୍ତନ କରିଥିବା ଅନେକ ଗାଁରୁ ଅଭିଯୋଗ ଆସିଛି। ବ୍ଲକ ପ୍ରଶାସନ ଓ କିଛି ରାଜନୈତିକ ଦଳର ନେତାମାନେ ମନ ମୁଖୀ ଭାବେ ସ୍ଥାନ ପରିବର୍ତ୍ତନ କରି ବିଭ୍ରାଟ ସୃଷ୍ଟି କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜନୈତିକ ଦଳର ଦବ ଦବା ଦେଖାଇ ସରକାରୀ ଯୋଜନାକୁ ନିଜ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ ପାଇଁ ଜିଓ ଟ୍ୟାକ କରିବା ସହିତ ନାମଫଳକ ମାରି ସାରିଲେଣି। ଏପରି ଏକ ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କାର୍ତ୍ତନପାଲ୍ଲୀ ପଞ୍ଚାୟତରେ। ପୂର୍ବ ସରକାର ଆମ ଓଡ଼ିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ସାନ ଗୁମ୍ମା ଗ୍ରାମରେ



ଭୋଗ ମଣ୍ଡପ ନିର୍ମାଣ ପାଇଁ ସ୍ଥାନ ନିରୂପଣ ସହିତ ଅର୍ଥ ମଧ୍ୟ ମଞ୍ଜୁର କରିଥିଲେ। କିନ୍ତୁ ଜିଓ ଟ୍ୟାକ କରିବା ପାଇଁ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ବିଳମ୍ବ କରିଥିଲେ। ଏହାରି ଭିତରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ କାର୍ଯ୍ୟଟି ସ୍ଥଗିତ ରଖାଯାଇଥିଲା। ନିର୍ବାଚନ ପରେ ପୂର୍ବ ସରକାର ପରିବର୍ତ୍ତନ ହେଲା ପରେ ସେହି ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଗାଁ ବିକଶିତ ଓଡିଶା ନାମ ରଖାଗଲା। କିନ୍ତୁ ସାନ ଗୁମ୍ମାରେ ହେବାକୁ ଥିବା ଭୋଗ ମଣ୍ଡପକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ଭୂମିଆ ଏହାକୁ ଚଞ୍ଚକତା କରି ସାନ ଗୁମ୍ମାରେ ହେବାକୁ ଥିବା ଭୋଗ ମଣ୍ଡପକୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ନିଜର କୁଳଦେବୀ ମା ଭଣ୍ଡାରିଣୀ ହୁଣ୍ଡି ନକଟରେ ନିର୍ମାଣ ପାଇଁ ଜିଓଟ୍ୟାକ ସହ ନାମ ଫଳକ ତିଆରି କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି କିର୍ତ୍ତନ ପାଲ୍ଲୀ ଗ୍ରାମରେ ପୂର୍ବରୁ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ଭୋଗ ମଣ୍ଡପ ନିର୍ମାଣ ହୋଇଛି। ପୁଣି ସରକାରୀ ଯୋଜନା ମାଧ୍ୟମରେ ଜଣେ ପ୍ରଭାବଶାଳୀର ବ୍ୟକ୍ତିଗତ ସ୍ଥାନ ଉପରେ କିପରି ନିର୍ମାଣ ହେବ ବୋଲି ସାଧାରଣ ଲୋକଙ୍କ ମନରେ ବ୍ଲକ ପ୍ରଶାସନର କାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସାନ ଗୁମ୍ମାରେ ଗୋଟିଏ ହେଲେ ବି ଭୋଗ ମଣ୍ଡପ ନାହିଁ। କିର୍ତ୍ତନ ପାଲ୍ଲୀ ଗ୍ରାମରେ ଗୋଟିଏ ଭୋଗ ମଣ୍ଡପ ଗ୍ରାମବାସୀଙ୍କ ଉଦ୍ଦେଶ୍ୟର ଥିବା ବେଳେ ଅନ୍ୟଟି ଜଣଙ୍କ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ ହେବ ବୋଲି ସାନ ଗୁମ୍ମା ଗ୍ରାମବାସୀ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଏକ ସମ୍ବେଦନଶୀଳ କଥା, ଏହା ତାଙ୍କ ନଜରକୁ ଆସି ନଥିଲା। ଏ ନେଇ ସେ ତଦନ୍ତ କରିବେ ବୋଲି କହିଛନ୍ତି। ଏହା ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରି ସାନଗୁମ୍ମା ଗ୍ରାମବାସୀଙ୍କ ହକ୍ ଫେରାଇବା ପାଇଁ ଦାବି ହେଉଛି।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

କୋରୁକୋଣ୍ଡା/ବାଲିମେଳା,୧୯ ।୯ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏବଂ ବାଲିମେଳା ସହରରେ ଥିବା ବାବା ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱକର୍ମାଙ୍କ ପୂଜା ଶୁକ୍ରବାର ଶେଷ ହୋଇଛି। ସନ୍ଧ୍ୟାରେ ଦେବସ୍ଥପତିଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ କାର୍ଯ୍ୟାଳୟର



ମୂର୍ତ୍ତୀକୁ ବିଭିନ୍ନ ପ୍ରକାର ବାଦ୍ୟ, ନୃତ୍ୟ ଏବଂ ଆତିସବାଜିର ତାଳେ ତାଳେ ପୃଥକ ପୃଥକ ଭାବେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ଟିପିଏସଓଡିଏଲର ଏସଡିଓ ଦେବାଶିଷ ପଣ୍ଡା, କନିଷ୍ଠଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର କର, ମଳୟ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ହୋଇଥିବା ବିଶ୍ୱକର୍ମାଙ୍କ ଭସାଣି ଉତ୍ସବରେ ସଂଘର ସଭାପତି ରବୀନ୍ଦ୍ର ସରକାର, ପୂଜା କମିଟିର ସଭାପତି କାର୍ତ୍ତିକ ଖିଲ, ନରେନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ କର୍ତ୍ତୃପକ୍ଷଙ୍କ ସମେତ ଶତାଧିକ ରାଜମିସ୍ତ୍ରୀ ଏବଂ ଶ୍ରମିକ ମାନେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ମେଢ଼ ସହିତ ସହରର ବିଭିନ୍ନ ଅଞ୍ଚଳରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାରଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ପଞ୍ଚାୟତ ସମିତିର ୨୦ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲ୍ଲାପାଳଙ୍କୁ ଅନସ୍ଥା ପ୍ରସ୍ତାବ ଗୃହୀତ କରିବା ପାଇଁ ପ୍ରଦାନ କରିଛନ୍ତି।

## ମାଛ ଯାଆଁଳ ପରିଚାଳନା ତାଲିମ କାର୍ଯ୍ୟକ୍ରମ

ଜୟପୁର, ୧୯ ।୯ (ସମିସ) : ଜୟପୁର ନିକଟସ୍ଥ ଫୁଲବାଡ ଠାରେ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନଠାରେ ଓଡିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ସହାୟତାରେ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ବ୍ଲକ ଏବଂ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ କାର୍ଯ୍ୟ କରିଆସୁଛି। ଏହି ପ୍ରକଳ୍ପ ମାଧ୍ୟମରେ ୨ଟି ଜିଲ୍ଲାର ୧୯୨ ପୋଖରୀ ରହିଥିବା ଚାଷୀଙ୍କୁ ମାଛ ଯାଆଁଳ ପ୍ରଦାନ କରାଯାଇଛି। ମାଛ ଏବଂ ପୋଖରୀର ସୁପରିଚାଳନା ପାଇଁ ଏମ୍‌ଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଚାଷୀମାନଙ୍କୁ ମାଛ ଯାଆଁଳ ଛାଡିବା ପରବର୍ତ୍ତୀ ପରିଚାଳନା ଉପରେ ୪ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ପୋଖରୀ ପାଣିର ମାନ ଠିକ ରଖିବା, ଜୀବାଣୁ ମୁକ୍ତ କରିବା, ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତି କରିବା, ଘରୋଇ ସନ୍ତୁଳିତ ମାଛ ଖାଦ୍ୟ ପ୍ରସ୍ତୁତି କରିବା, କୃତ୍ରିମ ଖାଦ୍ୟ ଠିକ ପରିମାଣ ଓ ଠିକ୍ ସମୟରେ ଦେବା ଏବଂ ରୋଗପୋକ ପରିଚାଳନା ସହିତ ମାଛ ଚାଷ ସମ୍ବନ୍ଧୀୟ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ଚାଷୀମାନେ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ସହାୟତାରେ ମାଛ ଚାଷ କରି କିପରି ଅଧିକ ଲାଭବାନ ହେବେ ତାହା ଉପରେ ଆଲୋଚନା କରିଥିଲେ।

## ପୋଖରୀରେ ବୁଡି ମହିଳା ମୃତ

କୁନ୍ଦୁରା, ୧୯।୯ (ସମିସ): ଶୌଚ ପାଇଁ ଯାଇ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଦୁଃଖଦ ଘଟଣା ବୈପାରିଗୁଡା ଥାନା ଅନ୍ତର୍ଗତ ମସିଗାଁ ପଞ୍ଚାୟତର ଡେଙ୍ଗାକୁସୁମଗୁଡାରେ। ମୃତକ ହେଲେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ପଞ୍ଚାୟତର ଡେଙ୍ଗାକୁସୁମଗୁଡାର ରକ୍ମଣୀ ବିଷୋୟୀ (୬୧) ଆଜି ଅପରାହ୍ନ ୪ଟା ବେଳେ ଗ୍ରାମ ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ବାହାରିଥିଲେ ସେ। ଅସାବଧାନତା କାରଣରୁ ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ପୋଖରୀ ହୁଡ଼ାରେ ଗାମୁଛା ଥିବା ଦେଖି କାଳେ ପୋଖରୀରେ ବୁଡି ଯାଇଥିବା ସନ୍ଦେହ କରି ପୋଖରୀ ଭିତରେ ଖୋଜାଖୋଜି କରାଯାଇଥିଲା। କିନ୍ତୁ ରକ୍ମଣୀଙ୍କ କୌଣସି ସନ୍ଧାନ ନପାଇ କୁନ୍ଦୁରା ଅଗ୍ନିଶମ ବାହିନୀ ଏବଂ ବୈପାରିଗୁଡା ଥାନାକୁ ଖବର ଦିଆଯାଇଥିଲା। ବୈପାରିଗୁଡା ପୁଲିସ ଏବଂ କୁନ୍ଦୁରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ଅନ୍ଧାରରେ ବହୁ ଖୋଜାଖୋଜି କରିବା ପରେ ରକ୍ମଣୀଙ୍କ ମୃତଦେହ ଉଦ୍ଧାର କରି ବୈପାରିଗୁଡା ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ କୋଠରୀରେ ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

## ଜିଆଇଆଇଟି ବିଶ୍ୱବିଦ୍ୟାଳୟରେ 'ଖାଦ୍ୟ ପାଇଁ ଜୀବନ' ହାକାଥନ୍

ଗୁଣୁପୁର, ୧୯।୯ (ସମିସ): ଆଜି ସ୍ଥାନୀୟ ଜିଆଇଆଇଟି ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ଜୀବନ ପାଇଁ ଖାଦ୍ୟ ହ୍ୟାକାଥନ-୧.୦ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ବାଇରାକ ଇ-ଯୁବା କେନ୍ଦ୍ର ଓ ବାୟୋ ଟେକ୍ନୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଗ୍ରିକଲ୍‌ଚର, ସ୍କୁଲ ଅଫ୍ ସାଇନ୍ସ ଏବଂ କେମିକାଲ ଇଞ୍ଜିନିୟରିଂ ବିଭାଗ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ଭାରତ ସରକାରଙ୍କ ଜାତୀୟ ପୋଷଣ ସଂସ୍ଥାନ ହାଇଦ୍ରାବାଦର ବରିଷ୍ଠ ବୈଜ୍ଞାନିକ 'ଏଫ୍' ତଥା ଉପନିର୍ଦ୍ଦେଶକ ଡ.ଜେ.ଶ୍ରୀନିବାସ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ବିଜ୍ଞାନ, ପ୍ରଯୁକ୍ତି ଏବଂ ଉଦ୍ୟମିତାକୁ ସମ୍ମିଳିତ କରି ଭବିଷ୍ୟତରେ ଖାଦ୍ୟ ସମସ୍ୟା ସମାଧାନ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ସକାରାତ୍ମକ ଚିନ୍ତାଧାରା ସହ ଉତ୍ତମ ଜୀବନ ଶୈଳୀର ଆବଶ୍ୟକତା ବିଷୟରେ କହିଥିଲେ। କୁଳପତି ଡ. ଏ ଭି ଏନ ଏଲ ଶର୍ମା ଯୋଗଦେଇ ଦେଶରେ ଖାଦ୍ୟ ପ୍ରକ୍ରିୟାକରଣକୁ ଅଧିକରୁ ଅଧିକ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ।। ସ୍ୱତନ୍ତ୍ର ଅତିଥି ଭାବେ ଭାରତ ସରକାରଙ୍କ ସିଏସଆଇ ଆର ବିଭାଗର ମୁଖ୍ୟ ବୈଜ୍ଞାନିକ ଡ଼ ମିନାକ୍ଷୀ ସିଂ ଯୋଗଦେଇ ଛାତ୍ରଛାତ୍ରୀମାନେ ଏହି ଜୈବିକ ଖାଦ୍ୟର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ବୈଜ୍ଞାନିକ ପୂର୍ବ ପରାମର୍ଶଦାତା ଡ. ଡି ଯଗେଶ୍ୱର ରାଓ ଯୋଗଦେଇ ଉଦ୍ଭାବନ ଓ ସୃଜନଶୀଳତା ବିଷୟରେ କହିଥିଲେ। ହାଇଦ୍ରାବାଦ ସ୍ଥିତ ଫର୍ ହେର ୱେଲ ବିଂର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ରାଗା ଦୀପ୍ତି ଇଡିଗା ଯୋଗଦେଇ ନାରୀ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ବିଷୟରେ କହିଥିଲେ। ଫେଡର୍ସନ ଅଫ୍ ଏସିଆନ ବାୟୋଟେକ୍ ଆସୋସିଏସନ୍‌ର ମୁଖ୍ୟ ଡ. ଜଗଦିଶ ଗୁଣ୍ଡଲା ଯୋଗ




ଦେଇ ଏହି ସଂସ୍ଥାନର ବିଭିନ୍ନ ଗବେଷଣା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଓ ସୁଯୋଗ ବିଷୟରେ କହିଥିଲେ। ଭୁବନେଶ୍ୱର ସ୍ଥିତ ଭାରତୀୟ ଜୈବ ବିଜ୍ଞାନ ସଂସ୍ଥାନର ମୁଖ୍ୟ ଡ଼ା. ନିବେଦିତା ଜେନା ଏବଂ ନୂଆଦିଲ୍ଲୀ ସ୍ଥିତ ବାୟୋ ଟେକ୍ନୋଲୋଜି ଉଦ୍ୟୋଗ ଅନୁସନ୍ଧାନ ସହାୟକ ପରିଷଦର ବରିଷ୍ଠ ପ୍ରବନ୍ଧକ ଡ. ଛାୟା ଚୌହାନ, ଆଭାସି ମଧ୍ୟମରେ ଯୋଗଦେଇ ଖାଦ୍ୟ ପ୍ରସ୍ତୁତି ଓ ବିତରଣରେ ଜୈବ ପ୍ରଯୁକ୍ ବିଦ୍ୟାର ଉପଯୋଗିତ ବିଷୟରେ ଆଲୋକପାତ କରିଥିଲେ। ସ୍କୁଲ ଅଫ୍ ସାଇନ୍ସର ବିଭାଗୀୟ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ. ବି ରବି ପ୍ରସାଦ ହ୍ୟାକାଥନ ୧.୦ ର ବିସ୍ତୃତ ବିବରଣୀ ପାଠ କରିଥିଲେ। ବାଇରାକ ଇ- ଯୁବା କେନ୍ଦ୍ର ମୁଖ୍ୟ ଡ.ମନୋଜ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଫେଡର୍ସନ ଅଫ୍ ଏସିଆନ ବାୟୋଟେକ୍ ଆସୋସିଏସନ୍‌ର ମୁଖ୍ୟ ଡ. ଜଗଦିଶ ଗୁଣ୍ଡଲା ସହ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ.ଏନଭିଜେ ରାଓଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ଏଥିରେ ୧୦୦ରୁ ଅଧିକ ଖାଦ୍ୟ ସମ୍ବନ୍ଧୀୟ ପ୍ରୋଟୋଟାଇପ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

## ନୂତନ ପଞ୍ଚାୟତ ଗଠନ ପାଇଁ ସାଂସଦଙ୍କୁ ଦାବିପତ୍ର

କୁନ୍ଦୁରା, ୧୯।୯ (ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରିମିଟି ପଞ୍ଚାୟତବାସୀ ନବରଙ୍ଗପୁର ସାଂସଦ ବାଳଭଦ୍ର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ ଅପହଞ୍ଚ ପଞ୍ଚାୟତ ଭାବେ କେରିମିଟି ପଞ୍ଚାୟତ



ରହିଛି। ସବୁଠାର ଦୁଃଖର ବିଷୟ ହେଲା ପଞ୍ଚାୟତ ଗଠନଠାରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତର ନିଜସ୍ୱ ଗୃହ ନିର୍ମାଣ ହୋଇପାରୁନାହିଁ। ରାଜନୈତିକ ଉଦେଶ୍ୟ ହେଉ କିମ୍ବା ପ୍ରଶାସନର ଅବହେଳା ହେଉ ଲୋକେ ହନ୍ତସନ୍ତ ହେଉଛନ୍ତି । ଏଠାରେ ୩୫୦୦ ହଜାରରୁ ଅଧିକ ମତଦାତା ରହିଥିବା ବେଳେ ଛୋଟ ବଡ଼ ଗାଁ ମିଶି ମୋଟ ୧୯ ଟି ଗାଁ ରହିଛି । ଏଠାକାର ବଡ଼ ଗାଁ କେନ୍ଦୁଗୁଡାକୁ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି ଯେ, ନୂତନ ପଞ୍ଚାୟତ ଗଠନ ବିଷୟକୁ ନେଇ ପଞ୍ଚାୟତରାଜ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ।

● ଉନ୍ନୟନ କାର୍ଯ୍ୟରେ ବିଜେପିର ହସ୍ତକ୍ଷେପ

## ବିଡିଓଙ୍କ ସହ ବିଜେଡି ପ୍ରତିନିଧିଙ୍କ ଆଲୋଚନା

ମାଥିଲି,୧୯ ।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ବିଜେପିର କର୍ମୀମାନେ ଉନ୍ନୟନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାରୁ ବିଜେଡିର ମାଥିଲି ବ୍ଲକ ସଭାପତି ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ଦଳ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଜେଡି ପ୍ରତିନିଧି ଦଳ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଆସୁଥିବା ଅର୍ଥକୁ ବିଜେପି କର୍ମୀମାନେ ଯାହାକୁ କହୁଛନ୍ତି ତାହାକୁ କାର୍ଯ୍ୟାଦେଶ ଦିଆ



ଯାଉଛି ବୋଲି ପ୍ରଶ୍ନ କରିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ବ୍ଲକରେ କୌଣସି ଦଳର କର୍ମୀମାନେ କାର୍ଯ୍ୟ ବାଣ୍ଟୁ ନାହାନ୍ତି ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ହେଉଛି ବୋଲି ସେ କହିଥିଲେ। ଲୋକ ପ୍ରତିନିଧିଙ୍କ କଥା ସରକାରୀ କର୍ମଚାରୀ ଶୁଣୁ ନଥିବା ଅଭିଯୋଗ ହୋଇଥିଲା। ଯଦି ଏପରି ଚାଲେ, ତାହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ମାଥିଲି ବ୍ଲକ ବିଜେଡି ସଭାପତି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା ସମୟରେ ମାଥିଲି ବ୍ଲକ ସରପଞ୍ଚ ସଂଘର ସଭାପତି କାନାମ ରାଜୁ ନାୟକଙ୍କ ସହ ଅନେକ ପଞ୍ଚାୟତର ସରପଞ୍ଚ, ମାଥିଲି ଜିଲ୍ଲା ପରିଷଦ ଜୋନ-୧ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜୋନ-୩ ସଭ୍ୟା ସସ୍ମିତା ମାଝୀ, ବହୁ ସମିତି ସଭ୍ୟ/ସଭ୍ୟା ଓ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର

ଜୟପୁର,୧୯ ।୯ (ସମିସ): ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଜୟପୁର ପୌର ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରର ଆଜି ଉଦ୍‌ଯାପନୀ ଉତ୍ସବରେ ଗୋଟିଏ ବିଭାଗରେ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ଗୋଟିଏ ବିଭାଗରେ ୪୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମିଶା ୯୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ସମୁଦାୟ ୮ଜଣ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ବିକଳାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ କିପରି ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରାଯିବ ସେନେଇ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ଉଦ୍‌ଯାପନୀ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରକଳ ବଗର୍ତ୍ତି, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ. ଗୋପାଳ, ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମିଶ୍ର, ସର୍ବେଶ୍ୱର ପଟ୍ଟନାୟକ, ଦେବାଶିଷ ପାଳ, ନିଳକଣ୍ଠ ମିଶ୍ର, ସୁଭଶ୍ରୀ ପାତ୍ର,ସସ୍ମିତା ପାଢୀ, ମନୋରଞ୍ଜନ ପଲେଇ, ସୁନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଓ ତପନ ସୁଆର ମଞ୍ଚ ପରିଚାଳନା କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଗୁଡାରୀ,୧୯।୯ (ସମିସ): ଗୁଡାରୀ ମିଲୁଡେପ ସାହିରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଗତ ଶୁକ୍ରବାର ଦିନ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ସାହିରେ ପ୍ରତ୍ୟେକ ବର୍ଷ ଗଜଲକ୍ଷ୍ମୀ ପୂଜା ହେଉଛି। ମିଲୁଡେପ ସାହିରେ ଅନୁଷ୍ଠିତ ମା'ଙ୍କ



ପୂଜା ୧୬ ବର୍ଷରେ ପଦାର୍ପଣ କରିଛି। ସକାଳ ୮ଟା ସମୟରେ ପୂଜକ ସମସ୍ତ ପୂଜା କାର୍ଯ୍ୟକ୍ରମ ଶେଷ କରିବା ପରେ ୧୦ଟା ସମୟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ବର୍ଷ କର୍ତ୍ତା ଭାବରେ ଚନ୍ଦନ ଗୌଡ( ସିଲୁ) ବସିବେ। ସଭାପତି ଗିରିଧାରି ପାଢି କହିଛନ୍ତି, ୫ ଦିନ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯିବ। ଏହି ପାଞ୍ଚ ଦିନ ମଧ୍ୟରେ ଅନ୍ନପ୍ରସାଦ ସେବନ, ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ। ଏହ ଅବସରରେ କମିଟିର ଭାସ୍କର ସୀମାଞ୍ଚଳ, ନରେନ୍ଦ୍ର ଲୁଲ. ରାମକୃଷ୍ଣ ଗଙ୍ଗା ନିର ଉପସ୍ଥିତ ଥିଲେ।

● ବାଇକ୍ ଚୋରି ମାମଲା

## ୩ ଜଣଙ୍କୁ ୩ ବର୍ଷ ଜେଲ୍

ରାୟଗଡ଼ା,୧୯।୯ (ସମିସ):

ବାଇକ୍ ଚୋରି ମାମଲାର ଶୁଣାଣି କରି ରାୟଗଡ଼ା ଏସ୍‌ଡିଜେଏମ ଜଜ୍ ବର୍ଷା ଦାସ ୩ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ନେଇ ରାୟରେ ପ୍ରକାଶ କରାଯାଇଛି। ଗିରଫ ୩ଜଣ ହେଲେ ଅରକୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ ମାଣ୍ଡିଆ ସାହୁ। ଘଟଣାରୁ ପ୍ରକାଶ ଯେ, ମାର୍ଚ୍ଚ ମାସ ୧୫ ତାରିଖରେ ରାୟଗଡ଼ା ସହର ସ୍ଥିତ ପ୍ରେମ ପାହାଡ଼ ମୁଖ୍ୟ ଫାଟକ ନିକଟରୁ ବାଇକ ଚୋରି ନେଇ ଅଭିଯୋଗକାରୀ ରୋହିତ କୌଶଲ୍ୟା ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତିକରି ପୋଲିସ କେସ ନଂ ୧୧୮/୨୫ରେ ମାମଲା ରୁଜୁ କରି ଏସଆଇ ରୁଦ୍ରମାଧବ ମୁଦୁଲି ତଦନ୍ତ କରି ୩ଜଣ ଅଭିଯୁକ୍ତ ସାମିଲ ଥିବା ଜାଣିପାରି ସେମାନଙ୍କୁ ଗିରଫ କରିବା ସହିତ ବାଇକ୍ ଜବତ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଡମ୍ଫର

ସୁନାବେଡ଼ା ,୧୯।୯ (ସମିସ): ସୁନାବେଡ଼ା ଥାନା ଅଧୀନରେ ଥିବା ବଡ ବଡିଗାଁ ରେ ଶୁକ୍ରବାର ସନ୍ଧ୍ୟା ରେ ଗୋଟିଏ ଡମ୍ଫର ଭାରସାମ୍ୟ ହରାଇ ପାଲଟି ଯାଇଛି ।ଉକ୍ତ ଦୁର୍ଘଟଣାରେ ଗାଡ଼ିର ସହାୟକ ଚାପି ହୋଇ ଯାଇଥିବା ବେଳେ ଗାଡ଼ିର ଡ୍ରାଇଭର ଫେରାର ଥିବା ଜଣା ଯାଇଛି ।ଖବର ଲେଖିବା ସମୟ ପର୍ଯ୍ୟନ୍ତ ଗାଡ଼ିର ସହାୟକ କୁ ଉଦ୍ଧାର କରାଯାଇ ପାରି ନାହିଁ ।ସବ ଇନ୍ସପେକ୍ଟର ଚରଣ ସିଂ ମାଝୀ ଘଟଣାର ତଦନ୍ତ କରୁଥିବା ବେଳେ ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର ସୂଚନା ଦେଇଛନ୍ତି।

## ବନ୍ଦ୍ରି ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦାବି

### ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରାୟଗଡ଼ା,୧୯।୯ (ସମିସ): ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଚନ୍ଦ୍ରପୁର ବ୍ଲକର ବନ୍ଦ୍ରି ଗ୍ରାମକୁ ସ୍ୱତନ୍ତ୍ର ଗ୍ରାମପଞ୍ଚାୟତ ମାନ୍ୟତା ପାଇଁ ଦାବି କରିଛନ୍ତି ଅଞ୍ଚଳର ୨୫ଖଣ୍ଡ ଗ୍ରାମବାସୀ। ଶୁକ୍ରବାର ଏ ନେଇ ରାୟଗଡ଼ା ଆସି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପାଇବା ପରେ ଏନେଇ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଚନ୍ଦ୍ରପୁର ବ୍ଲକ ଅଧୀନସ୍ଥ ବନ୍ଦ୍ରି, ବଣ୍ଡାଗୁଡ଼ି, କରାଦୁଆ, କୃପାଗୁଡ଼ା, ଆଡିପଙ୍ଗା, ଡଙ୍ଗରପଙ୍ଗା, ଖଜୁରୀପଡ଼ା ସମେତ ୨୫ଖଣ୍ଡ ଗ୍ରାମବାସୀଙ୍କ କହିବାନୁସାରେ ପ୍ରାୟ ୪୫୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଚନ୍ଦ୍ରପୁର ପଞ୍ଚାୟତ ମହକୁମା ଠାରୁ ୧୦ରୁ ୧୫ କିମି ଦୂରରେ ବସବାସ କରୁଛନ୍ତି। ଫଳରେ ବିଭିନ୍ନ ସରକାରୀ ଯୋଜନା ପାଇଁ ଦୂରକୁ ଯିବାକୁ ପଡୁଛି। ତେଣୁ ବନ୍ଦ୍ରି ଠାରେ ନୂତନ ପଞ୍ଚାୟତ ଗଠନ ହେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ଦାବି କରିଛନ୍ତି। ଏହି ଦାବି ପତ୍ର ପ୍ରଦାନ ବେଳେ ୨୫ଖଣ୍ଡ ଗ୍ରାମରୁ ପ୍ରତିନିଧିମାନେ ଆସି ଦାବି ପତ୍ର ପ୍ରଦାନ କରିଥିଲେ।

# ଖାଦ୍ୟ ସୁରକ୍ଷା ଆଇନ ଓ ସମଗ୍ର ଶିକ୍ଷା ଯୋଜନାର ଜନଶୁଣାଣି ଶିବିର

ତେନ୍ତୁଲିଖୁଣ୍ଟି,୧୯।୯ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ସମଗ୍ର ଶିକ୍ଷା ଯୋଜନା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ତଥ୍ୟ ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ନାମରେ ପୂଜାରୀଗୁଡା ପଞ୍ଚାୟତ ର ୩୦୨୨ ଟଙ୍କା, ଝରିଗୁମା ପଞ୍ଚାୟତରେ ୩୩୦୨ଟଙ୍କା, ଲମତାଗୁଡା ପଞ୍ଚାୟତରେ ୧୭୭୮,ଏବଂ କୁକୁଡ଼ା ବାଇ,ଅଞ୍ଚଳଗୁମା, କଂଗ୍ରା, କଣ୍ଡାଗାଁ, କାମତା, ଅମଳା ଭଟା ପଞ୍ଚାୟତ ମାନଙ୍କରେରେ ମୋଟ ୨୦୧୦୯ ଟଙ୍କା କାର୍ଯ୍ୟ କରୁ ନ ଥିବା ଶ୍ରମିକ ମାନଙ୍କ ଖାତାକୁ ଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ତେନ୍ତୁଲୀଖୁଣ୍ଟି, ପୂଜାରୀଗୁଡା, କଣ୍ଡାଗାଁ, କୁକୁଡ଼ାବାଇ, ଝରିଗୁମା, ଅମଳା ଭଟା, ଦିଗି, ଗୌଡ଼ ଦେଓପାଲି ଏହି ପଞ୍ଚାୟତ ମାନଙ୍କରେ କ୍ୟାସବୁକ, ବିଲ ଭାଉଚର, ଖାଦ୍ୟ କମିଟି ମିଟିଙ୍ଗ ରେଜିଷ୍ଟର ଦେଇ ନ ଥିବା ଓ କିଛି ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ବଣ୍ଟା ଯାଉଥିବା ଜିଲ୍ଲା ସାମାଜିକ ସମୀକ୍ଷକ ବୈବାସୁତ ଚାଲାଣ ବିବରଣୀ ପଠନ କରିଥିଲେ। ସମଗ୍ର ଶିକ୍ଷା ସମୀକ୍ଷା ସମୟରେ କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କରିବାକୁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ରୋଷେଇ ଗୃହ, ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା ନ ଥିବା ଶିବିରରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନାକୁ କିପରି ଗ୍ରାମାଞ୍ଚଳ ସ୍ତରରେ ପହଞ୍ଚି ପାରିବ ସେଥିପ୍ରତି ଦୃଷ୍ଟି



ଦେଇ ଦିନ ରାତି କାମ କରିବାକୁ ପଡିବ ବୋଲି ଗ୍ରାମ୍ୟ ରୋଜଗାର ସେବକ ମାନଙ୍କୁ ତାଗିଦ କରିଥିଲେ। ଭାଗିଦାରୀତା ଓ ସହ ଭାଗିଦାରୀତା ଉପରେ ଗୁରୁତ୍ୱ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗଦେଇ ସାମାଜିକ ସମୀକ୍ଷା ଉପରେ ଗୁରତ୍ୱ ଦିଆଯିବା ସହ ବିଭିନ୍ନ ସମସ୍ୟାର ସମାଧାନ ପରେ ତାହାର ନିଷ୍କର୍ସ ବାହାର କରିଥିଲେ। ଏହି ବୈଠକରେ ସମାଜସେବୀ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଆର୍ଥିକ ବିକାଶ ର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହି ଯୋଜନା ରେ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ଏବଂ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ରାଜ ପ୍ରତିନିଧି ସହଭାଗିତା ରେ କାର୍ଯ୍ୟସମ୍ପାଦନ ହେଲେ ଯୋଜନା ସଫଳ ହେବ ବୋଲି କହିଥିଲେ। ଏହି ବୈଠକ ରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ଯୋଗ ଦେଇ ସାମାଜିକ ସମୀକ୍ଷା କଣ ଓ ସାମାଜିକ ସମୀକ୍ଷା ର ଆବଶ୍ୟକତା ବିଷୟରେ କହିଥିଲେ। ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ ଯୋଗ ଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭରସା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଏଲ.ସନ୍ତୋଷ ରାଓ, ଗୋବିନ୍ଦ କହଁର ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ମଞ୍ଚାଗାଁ ସମିତି ସଭ୍ୟ ପ୍ରଭାତୀ କନ୍ଧ, ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ, କଣ୍ଡାଗାଁ ସମିତି ସଭ୍ୟ ଡମ୍ବରୁ ଉତରା, ସରପଞ୍ଚ ସଭାପତି ଦଳପତି ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ବ୍ଲକରେ ଚାଲିଥିବା ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ସମସ୍ତ ଜିଆରଏସ,, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଗ୍ରାମ୍ୟ ସମ୍ବଳ କର୍ମୀ ଉପସ୍ଥିତ ରହିଥିଲେ। ଶିବିରରେ ବ୍ଲକ ସାମାଜିକ ସମୀକ୍ଷକ ପି. ସୁନୀଲ କୁମାର ଶିବିର ପରିଚାଳନା କରିଥିଲେ।

# ଭୀମଭୋଇ ସାମର୍ଥ୍ୟ ଶିବିର

ପାପଡାହାଣ୍ଡି,୧୯।୯(ସମିସ): ପାପଡାହାଣ୍ଡି ବ୍ଲକ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ହେମଲତା ମାଝୀ, ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧକାରୀ ସୁଧାଂଶୁ ପାତ୍ର, ଏଇ ଦିବ୍ୟରଞ୍ଜନ ମେହେର, ସିଡିପିଓ ପୁଷ୍ପାରାଣୀ ପଟ୍ଟନାୟକ, ବିଏସଏସଓ ସୁବ୍ରତ କିଷାନ, ବିପିଏମ ସୁଧାଂଶୁ ଶେଖର ବିଶ୍ୱାଳ, ବିପିଓ ଶଶିକାନ୍ତ ଦାସ, ଈଶ୍ୱର ବିଶୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଏହି ଶିବିରରେ ମୋଟ ୪୨୦ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ। ଶିବିରରେ ୨୪୮ ଜଣ ନୂତନ ଭାବେ ୟୁଡିଆଇଡି କାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇ ଆବେଦନ କରିଛନ୍ତି । ୪୦ ଜଣଙ୍କୁ ନୂତନ ଭାବେ ଦିବ୍ୟାଙ୍ଗ, ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଜିର ଏହି ଭୀମଭୋଇ ସାମର୍ଥ୍ୟ ଶିବିରରେ ପାପଡାହାଣ୍ଡି ବ୍ଲକ ସକ୍ଷମ ତରଫରୁ ଲୋକଙ୍କ ପାଇଁ ଏକ ସୁବିଧା କେନ୍ଦ୍ର ଖୋଲା ଯାଇଥିଲା। ଏହି କେନ୍ଦ୍ରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗଙ୍କ ଅସୁବିଧା ବିଷୟ ପଚାରି ସେମାନେ କିପରି ସହଜରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବେ ତଥା ଅନ୍ୟାନ୍ୟ କିଛି ସୁବିଧା ପାଇବେ ସେ ବିଷୟରେ ସାହାଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା 'ସକ୍ଷମ'ର ସଭାପତି ସୁଜିତ କୁମାର ରଥ, ଉପ ସଭାପତି ତପନ ଦାସ, ପାପଡାହାଣ୍ଡି ବ୍ଲକ୍ 'ସକ୍ଷମ' ପକ୍ଷରୁ ଫକୀର ମୋହନ ଜେନା, ନାରାୟଣ ଚନ୍ଦ୍ର ଗୁରୁ, ଶ୍ରୀନିବାସ ରାଓ, ମଳୟ ହିଆଲ, ସୁବ୍ରତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସେବା ଯୋଗାଇଥିଲେ।

# ପଞ୍ଚାୟତ ପରିସରରେ ମଦ୍ୟପଙ୍କ ଆଡ୍ଡା!



କୋଷାଗୁମୁଡ଼ା,୧୯।୯(ସମିସ): ଜୁଆଡେ ଦେଖିବ ମଦ ବୋତଲ, ଡିସ୍‌ପୋଜଲ ପ୍ଲାଷ୍ଟିକ୍ ଗ୍ଲାସ, ଖଲି , ପ୍ଲାଷ୍ଟିକ ପାଣି ବୋତଲ। ଅଳିଆ ଆବର୍ଜନା ଫିଙ୍ଗା ଖୋଲା ସ୍ଥାନ ଭଳି ପଡ଼ିରହିଛି ମଦ ବୋତଲ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋଷାଗୁମୁଡା ବ୍ଲକ୍‌ର ରାଜୋଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ। ବହୁ ଦିନରୁ ଏହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଅସାମାଜିକ ଯୁବକ ମଦ ପିଇବା ଆ‡ା ସ୍ଥଳୀ ଭାବରେ ବ୍ୟବହାର କରି ଚାଲିଥିବା ଜଣାପଡିଛି। ସନ୍ଧ୍ୟା ହେଲେ ନିଛାଟିଆ ମାର୍ବଲ ପ୍ଲେଟ ପଡିବା କୋଠାକୁ ମଦ ପିଇବା ସ୍ଥଳୀ ଭାବରେ ବ୍ୟବହାର କରି ବର୍ତ୍ତମାନ ପଞ୍ଚାୟତ ପରିସରକୁ ମଦ ପିଇବା ଆ‡ା ସ୍ଥଳୀ ଭାବରେ ବ୍ୟବହାର କରୁଛନ୍ତି। ଫଳରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଭଦ୍ରମଣ୍ଡଳୀ ଏହାର ଦୃଢ଼ ନିନ୍ଦା କରିବା ସହ ପଞ୍ଚାୟତ କର୍ମଚାରୀଙ୍କୁ ତୁରନ୍ତ ସଫେଇ କରିବା ପାଇଁ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତକୁ ଚାଉଳ, ପେନସନ ସହ ଅନେକ କାର୍ଯ୍ୟ ପାଇଁ ମହିଳା, ପୁରୁଷ ଆସୁଥିବା ବେଳେ ପଞ୍ଚାୟତ ପରିସର ମଧ୍ୟରେ ମଦ ବୋତଲ, ଅଳିଆ ଆବର୍ଜନାକୁ ଦେଖି କିଭଳି ପ୍ରଭାବ ପଡିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ମହିଳାଙ୍କୁ ଶାଲାର ଫାଉଣ୍ଡେସନର ସହାୟତା



ରାୟଗଡ଼ା,୧୯।୯ (ସମିସ): ଶାଲାର ଫାଉଣ୍ଡେସନ, ରାୟଗଡ଼ା ତରଫରୁ ସହାୟତା ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାର ରାୟଗଡା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମରେ କରାଯାଇଛି । ଗାଁର ଗରିବ, ଏକାକୀ ଓ ବିଧବା ମହିଳାଙ୍କୁ ସାହାଯ୍ୟ ପ୍ରଦାନ କରି ସେମାନଙ୍କୁ ଆତ୍ମବିଶ୍ୱାସୀ କରାଇବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ । ରାୟଗଡ଼ା ବ୍ଲକର କୁଟୁଳି ଏବଂ କୁମ୍ଭୀକୋଟା ଗ୍ରାମପଞ୍ଚାୟତର ୬୫ ଜଣ ମହିଳାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିମରପଡି ଗ୍ରାମରୁ ୪ଜଣ, କୋଷକଣାରୁ ୫ଜଣ, ପିଚୁଡ଼ିରୁ ୧୨ ଜଣ, ଫୁଲକଣାରୁ ୫ଜଣ, ଉଦୟପୁରରୁ ୮ ଜଣ, ଝୁମୁକାରୁ ୧୨ ଜଣ, କୁରୁମୁଲୁମୁଣ୍ଡାରୁ ୧୩ ଜଣ, ମିନାପାଇ ଗ୍ରାମରୁ ୬ ଜଣ ଲେଖାଏଁ ସର୍ବମୋଟ ୬୫ ଜଣ ମହିଳା ମାନଙ୍କୁ ପ୍ରତ୍ୟେକ ୧୦ କିଲୋଗ୍ରାମ ହିସାବରେ ଚାଉଳ ଯୋଗାଇ ଦିଆଯାଇଛି । ଅତିଥିମାନଙ୍କ ମଧ୍ୟରେ କୁମ୍ଭୀକଟା ଗ୍ରାମପଞ୍ଚାୟତର ସରପଞ୍ଚ ଗୋପାଳ କୁଲେସିକା, କୁଟୁଳି ଗ୍ରାମପଞ୍ଚାୟତର ସମିତି ସଭ୍ୟା ଜୁନିତା ମାଣ୍ଡାଙ୍ଗୀ, ଉଦୟପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ଦାସ, ଉଦୟପୁର ଅଙ୍ଗନବାଡି କର୍ମୀ ଇଲନ୍ତି କୁଲେସିକାଙ୍କ ଉପସ୍ଥିତରେ ଚାଉଳ ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପଣ୍ଡା, କୋଷାଧକ୍ଷ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ସଭ୍ୟ ଅଭିରାମ ଝୋଡ଼ିଆ ଏବଂ ଶାଲାର ଫାଉଣ୍ଡେସନର ସ୍ୱେଚ୍ଛାସେବୀ ରଞ୍ଜନ ମାଣ୍ଡାଙ୍ଗୀ, କୈଳାଶ ମାଣ୍ଡାଙ୍ଗୀ, ନର୍ସି କୁଲେସିକାଙ୍କ ସହଭାଗିତା ଓ ପରିଶ୍ରମରେ କାର୍ଯ୍ୟଟି ସଫଳ ହୋଇଥିଲା।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର,୧୯।୯(ସମିସ):

ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରେ ଶୁକ୍ରବାର ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଆନ୍ଦୋଳନ କରିଥିଲେ। ପ୍ରତ୍ୟେକ ପାଠକ୍ରମ ପ୍ରଦାନ ପାଇଁ ଶ୍ରେଣୀ ପିଛା ୫ ଶହ ଟଙ୍କା ବଦଳରେ ସରକାରୀ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ୭ଶହ ଟଙ୍କା ପ୍ରଦାନ କରିବା ଦାବି ନେଇ ପୂର୍ବାହ୍ନ ସାଢେ ୧୦ଟା ଠାରୁ ଆନ୍ଦୋଳନ କରି ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ୭ ମାସର ଦରମା ମିଳିନାହିଁ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତ୍ୟେକ ଶ୍ରେଣୀ ପିଛା ୭ଶହ ଟଙ୍କା ଏବଂ ମାସିକ ସର୍ବାଧିକ ୩୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଶ୍ରେଣୀ ପିଛା ୫ ଶହ ଟଙ୍କା ସର୍ବାଧିକ ୨୫ ହଜାର ଟଙ୍କା ପ୍ରଦାନ କରିବା ନେଇ ବିଲ ପ୍ରସ୍ତୁତ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବାରୁ ଅସ୍ଥାୟୀ ଅଧ୍ୟାପକ, ଅଧ୍ୟାପିକାଙ୍କ ମଧ୍ୟରେପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଶ୍ରେଣୀ ପିଛା ୭ ଶହ ଟଙ୍କା ଏବଂ ସର୍ବାଧିକ ୩୫ ହଜାର ଟଙ୍କା ପ୍ରଦାନ କରିବାକୁ ଦାବିରେ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ଜିଦ୍ କରିଥିଲେ। କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଏବଂ କୁଳସଚିବ ମହେଶ୍ୱର ନାୟକ ଆନ୍ଦୋଳନରତ ଅଧ୍ୟାପକଙ୍କ ନେତୃତ୍ୱ ନେଉଥିବା ଅଧ୍ୟାପକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ଦୁଇଦିନ ରାଜ୍ୟ ସ୍ତରୀୟ ହରେକୃଷ୍ଣ ମହତାବ ଜୟନ୍ତୀ ଆୟୋଜନ ହେବାକୁ ରହିଥିବା ବେଳେ ଏଥିରେ ସହଯୋଗ କରିବା ସହ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସହ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ, ଜଗନ୍ନାଥ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମିଶ୍ର କହିଛନ୍ତି ଯେ, ବର୍ତ୍ତମାନ ବିକ୍ରମ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ହୋଇଥିବା ଯୋଗୁଁ ସରକାରୀ ନିୟମ ଅନୁଯାୟୀ ସର୍ବାଧିକ ଶ୍ରେଣୀ ପିଛା ୫ ଶହ ଟଙ୍କା ଦିଆଯିବ ନା ୭ ଶହ ଟଙ୍କା ଦିଆଯିବ ସେଥିନେଇ କୌଣସି ଚିଠି ଆସିନାହିଁ। ଗତକାଲି ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ନାୟକ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ପାହ୍ୟାର ଜଣେ ଅଧିକାରୀଙ୍କ ସହ ଫୋନ ମାଧ୍ୟମରେ ଏହି ସମସ୍ୟା ନେଇ ଆଲୋଚନା କରିଥିଲେ। କିନ୍ତୁ ଗତ ଜୁନ୍ ୨୦ ତାରିଖରେ ଶ୍ରେଣୀ ପିଛା ୫ଶହ ଏକ ସର୍ବାଧିକ ମାସିକ ୨୫ ହଜାର ଟଙ୍କା ନେଇ ଚୁକ୍ତିନାମା ହୋଇଛି । ଜୁନ ୨୩ ତାରିଖରେ ଶ୍ରେଣୀ ପିଛା ୭ଶହ ଟଙ୍କା ଏବଂ ସର୍ବାଧିକ ୩୫ ହଜାର ଟଙ୍କା ନେଇ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଥିଲା । କିନ୍ତୁ ଚୁକ୍ତିନାମା ଅନୁଯାୟୀ ଏହି ସର୍ବାଧିକ ୨୫ ହଜାର ଟଙ୍କା ନେଇ ବିଲ୍ ପ୍ରସ୍ତୁତ କରାଯାଇଛି। ଏଥିନେଇ ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ଅସ୍ଥାୟୀ ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ଧାରଣାକୁ ସ୍ଥଗିତ ରଖିବା ସହ ବିଶ୍ୱବିଦ୍ୟାଳୟର ସମସ୍ତ ଶ୍ରେଣୀ ଓ ଇଣ୍ଟରନାଲ ପରୀକ୍ଷା ପରିଚାଳନାରେ ସହଯୋଗ କରିବା ସହିତ ଆସନ୍ତା ଦୁଇଦିନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହରେକୃଷ୍ଣ ମହତାବ ଜୟନ୍ତୀ ପାଳନ କରିବାରେ ସହଯୋଗ କରିବାକୁ ଧାରଣାକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ୬୫ ଜଣ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ୬୫ ଜଣ ଅଛନ୍ତି।



➤ ଶ୍ରେଣୀ ପିଛା ୭ଶହ ଟଙ୍କା ପ୍ରଦାନ ଦାବି
➤ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

# ଜାତୀୟ ଗ୍ରାମୀଣ ମେଧା ଅନ୍ୱେଷଣ ପରୀକ୍ଷା

ଲକ୍ଷ୍ମୀପୁର,୧୯।୯(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ନବମଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟଗ୍ରାମୀଣ ମେଧା ଅନ୍ୱେଷଣ ପରୀକ୍ଷା ଚଳିତ ଶିକ୍ଷା ବର୍ଷ ପାଇଁ ଅନୁଷ୍ଠିତ ହୋଇଯାଇଛି। ୮୩ ଜଣ ଛାତ୍ରଛାତ୍ରୀ ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସି ପରୀକ୍ଷା ଦେଇ ଥିଲେ। ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ଏହି ପରୀକ୍ଷାରେ ଅଧିକ୍ଷକ ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ଉପ ଅଧିକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ନିୟୋଜିତ ଥିଲେ। ଶିକ୍ଷକ ସୁଜିତ କୁମାର ସାମଲ, ଜେଷ୍ଠା ପଣ୍ଡା, ସୁକାନ୍ତ ଯାଦବ ଓ ପ୍ରିୟଙ୍କା ବିଷୋୟୀ ନିରୀକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସୁରଜ କୁମାର ନାୟକ ଏହି ପରୀକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚମେଲି ମଜୁମଦାର ପରୀକ୍ଷା ପରିଦର୍ଶନ କରିଥିଲେ।

# ଖୋଲିଲା ଆରଏମସି ୟାର୍ଡ ପରିବା ବଜାର



ରାୟଗଡ଼ା,୧୯।୯(ସମିସ):

ରାୟଗଡ଼ାର ଲାଇଫ ଲାଇନ୍ କୁହାଯାଉଥିବା ଓଭର ବ୍ରିଜ ମରାମତି କାମ ଆରମ୍ଭ ହୋଇଥିବା ବେଳେ ଏହି ବ୍ରିଜ ତଳେ ବସି ପରିବା ବ୍ୟବସାୟୀ କରୁଥିବା ଉଠା ପରିବା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ପୌର ପାଳିକା ତରଫରୁ ସହରର କସ୍ତୁରୀ ନଗର, ତୁମ୍ବିଗୁଡା ସ୍ଥିତ ଆରଏମସି ୟାଡର୍ ଓ ରାମକୃଷ୍ଣ ନଗରରୁ କେଡି ସ୍କୁଲ ଲାଇନ ରାସ୍ତା ପାଖରେ ବ୍ୟବସ୍ଥା କରାଯାଇଛି । ତେବେ ଉଚ୍ଛେଦ ପୂର୍ବରୁ ପୌରପାଳିକା ନୋଟିସ କରିଥିବାରୁ ଥଇଥାନ ସ୍ଥାନ ଚିହ୍ନଟକୁ ନେଇ ପରିବା ବ୍ୟବସାୟୀମାନେ ଦୁଇଦିନ ପରିବା ବଜାର ବନ୍ଦ ରଖିଥିଲେ। ଆଜି ଆରଏମସି ୟାଡର୍‌ରେ ପରିବା ବଜାର ଖୋଲା ଯାଇଥିବା ବେଳେ ବିଜେପି ବରିଷ୍ଠ ନେତା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲ୍ଲା ଧାନ ସଂଗ୍ରହ କମିଟି ସଭ୍ୟ ସୁମନ୍ତ କୁମାର ମହାରଣା ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ କାଉନ୍‌ସିଲର ମୁଞ୍ଜୁଲା ମିଣିୟାକା , ରଙ୍ଗାରାଓ କଣ୍ଡାଗିରି ଓ କେ ସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ପରିବା ନ ପାଇ ସହରବାସୀ ହନ୍ତସନ୍ତ ହେଉଥିବା ବେଳେ ପ୍ରଶାସନର ଏଭଳି ବ୍ୟବସ୍ଥାକୁ ବ୍ୟବସାୟୀ ସଂଘ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

# ହୋଟେଲରୁ ରନ୍ଧନ ପାତ୍ର ଚୋରି

ଜୟପୁର,୧୯।୯(ସମିସ): ଜୟପୁର ପୁରାତନ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ସୁରଜ ହୋଟେଲରୁ ଗତକାଲି ରାତିରେ ରନ୍ଧନ ନିମନ୍ତେ ବ୍ୟବହୃତ ଆଲୁମିନିୟମ ସାମଗ୍ରୀ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଗତ ରାତିରେ ହୋଟେଲ ମାଲିକ ଦୋକାନ ବନ୍ଦ କରି ଯାଇଥିଲେ। ସକାଳୁ ଆସି ହୋଟେଲ ଖୋଲିବା ସମୟରେ ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ଆଲୁମିନୟମ ପ୍ରେସର କୁକର, ବଡ ଡଙ୍କି ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଚାରିପଟେ ଖୋଜାଖୋଜି କରିବା ପରେ ପୁରାତନ ସରକାରୀ ବସଷ୍ଟାଣ ନିକଟରେ ଥିବା ଏକ ଘର ଭିତରେ ସମସ୍ତ ସାମଗ୍ରୀ ଗୁଡିକ ଥିବା ଦେଖିବାକୁ ପାଇଲେ। ଅନ୍ୟ ସାମଗ୍ରୀ ଗୁଡିକ ଚୋରି ହୋଇଥିବା ମାଲିକ ପ୍ରକାଶ କରିଛନ୍ତି। ପୁଲିସ ଷ୍ଟେସନ ନିକଟରେ ପୁରାତନ ସରକାରୀ ବସଷ୍ଟାଣ୍ଡେ, ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଆ‡ା ପାଲଟିଛି। ନିୟମିତ ଭାବେ ରାତ୍ରି ପାଟ୍ରୋଲିଂକୁ କଡାକଡି କରିବାକୁ ଦାବି ହେଉଛି।

■ ରାଜ୍ୟମୁକ୍ତ ବିଦ୍ୟାଳୟର ସ୍ୱତନ୍ତ୍ର ଶିବିର

# ଅଧାରୁ ପାଠ ଛାଡିଥିବା ପିଲାଙ୍କ ନାମଲେଖା



ମାଲକାନଗିରି,୧୯।୯(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ କର୍ଯ୍ୟାଳୟ ତରଫରୁ ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତର ତଳସାହି ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ଏକ ସ୍ୱତନ୍ତ୍ର ଶିବିର କରାଯାଇଥିଲା। ଏଥିରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଆଡମିଶନ କରାଯାଇଥିଲା। ଏହି ଶିବିରରେ ୧୦୦ରୁ ଅଧିର୍କ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ୬୦ ଜଣ ଛାତ୍ରଛାତ୍ରୀ ଆଡିମିଶନ କରିଥିଲେ। କର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଶ୍ରୀମତି ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି, ଅଧାରୁ ପାଠ ଛାଡିଥିବା ପିଲା ଓ ଅଭିଭାବକମାନଙ୍କୁ ପୁଣିଥରେ କିପରି ପିଲାମାନେ ବିଦ୍ୟାଳୟରେ ପାଠ ପଢ଼ିବେ, ଅଭିଭାବକ ମାନେ କିପରି ସେଥିପ୍ରତି ଯତ୍ନବାନ ହେବେ ବୁଝାଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜନ ଶିବିର ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ମୁକ୍ତ ବିଦ୍ୟାଳୟର ଜିଲ୍ଲା ସଂଯୋଜକ ସନ୍ଦୀପ ଦାସ ମୁକ୍ତ ବିଦ୍ୟାଳୟରେ ଥିବା ବିଭିନ୍ନ ସୁବିଧା ସୁଯୋଗ ଓ ନିୟମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ପ୍ରକଳ୍ପ କର୍ଯ୍ୟାଳୟ ଯୋଜନା ସଂଯୋଜିକା ବିଜୟ ଲକ୍ଷ୍ମୀ ଚୌଧୁରୀ, ପିରାମାଲ ଫାଉଣ୍ଡେସନର ସଦସ୍ୟ ବିକାଶ କୁମାର ଗୁପ୍ତା, ବ୍ଲକ ମୁକ୍ତ ବିଦ୍ୟାଳୟ ସଂଯୋଜକ ବିଷ୍ଣୁ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଆଡିମିଶନ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଜିତେନ୍ଦ୍ର ତ୍ରିପାଠୀ, ସରୋଜ ସାହୁ, ଜନାର୍ଦ୍ଦନ ତାଣ୍ଡି ପରିଚାଳନା କରିଥିଲେ।

# ମାଲକାନଗିରି ବ୍ଲକ୍ ଉପାଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ମାଲକାନଗିରି, ୧୯।୯(ସମିସ): ଗତକାଲି ବ୍ଲକ ଅଧକ୍ଷାଙ୍କ ବିରୋଧରେ ଉପାଧକ୍ଷ ଓ କିଛି ସମିତି ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଏହି ଘଟଣାରେ ଆଜି ନୂଆ ମୋଡ଼ ଆସିଛି। ଆଜି ବ୍ଲକ ଉପାଧକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ବ୍ଲକ ଅଧକ୍ଷା ଓ ଅନ୍ୟ ସଦସ୍ୟ ମାନେ । ଏନେଇ ଆଜି ମାଲକାନଗିରି ସଦର ପଞ୍ଚାୟତ ସମିତି ସଭାଗୃହରେ ଏକ ଜରୁରୀ କାଳୀନ ସମିତି ବୈଠକ ଆହ୍ୱାନ କରାଯାଇଥିଲା। ଏଥିରେ ଅଧକ୍ଷା ଗୌରୀ ପଡ଼ିଆମୀ ସଭାପତିତ୍ୱ କରିଥିବା ବେଳେ ସମିତିର ୨୦ରୁ ଅଧିକ ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ରହି ବୈଠକରେ ଉପାଧକ୍ଷ ନିରଞ୍ଜନ ହାଲଦାରଙ୍କ ୨ ବର୍ଷରୁ ଅଧିକ ସମୟ ଧରି ମନମୁଖୀ କାର୍ଯ୍ୟକଳାପ, ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଦୁର୍ବ୍ୟବହାର ଓ ବ୍ଲକର ଉନ୍ନତିମୂଳକ କାର୍ଯ୍ୟରେ ହସ୍ତକ୍ଷେପ ଓ ଠିକାଦାରୀରେ ସମ୍ପୃକ୍ତି, ଆବାସ ଯୋଜନାରେ ସମ୍ପୃକ୍ତି ଥିବା ଭଳି ଅଭିଯୋଗ ଆଣିଥିଲେ। ଏଣୁ ଆଜି ସରପଞ୍ଚ ସମିତି ସଭ୍ୟ ମାନେ ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହଲଦାରଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣି ସର୍ବସମ୍ମତି କ୍ରମେ ପାରିତ କରିବା ପାଇଁ ଉପ ଜିଲ୍ଲାପାଳ ଓ ବିଡିଓଙ୍କୁ ଲିଖିତ ପତ୍ର ପ୍ରଦାନ କରି ଅନାସ୍ଥା ପ୍ରସ୍ତାବକୁ ଗୃହୀତ କରିବା ଅନୁରୋଧ କରିଛନ୍ତି।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ୮ ମାସରେ ୧୨୨୨ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ରାୟଗଡ଼ା,୧୯।୯(ସମିସ): ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା କକ୍ଷ ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି (ଡିଆରଏସସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ.କୁମାର, ଆରଟିଓ ବିନୟ କୁମାର ପାଉଲ, ଏମଭିଆଇ ପି.ଦୁର୍ଗା ପ୍ରସାଦ ରାଓ, ଅତିରିକ୍ତ ସିଡିଏମଓ ଡ.ମମତା ଚୌଧୁରୀ, ରାୟଗଡ଼ା ପୂର୍ତ୍ତର୍ ବିଭାଗ ନିବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗା ମାଧବ ପାଢୀ, ଜାତୀୟ ରାଜପଥ ଡିଭିଜନ, ସୁନାବେଡା ଅଧୀକ୍ଷଣ ଯନ୍ତ୍ରୀ ସୌର୍ମ୍ୟଜିନୀ ସେଠୀ, ଟିଆଇ ରାୟଗଡା ଝାସକେତନ ଭରାସଗରିଆଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ, କମିଟି ସଭ୍ୟ ଶିବ ନାରାୟଣ ଗଡଡ, ଆଶିଷ ଗଂଜନ ପଣ୍ଡା, ଜେକେ ପେପର ମିଲ୍ କର୍ତ୍ତୃପକ୍ଷି, ସ୍ମୃତିରେଖା କର, ଘରୋଇ ବସ୍ ଆସୋସିଏସନ କର୍ତ୍ତୃପକ୍ଷ, ଟ୍ରକ୍ ଆସୋସିଏସନ କର୍ତ୍ତୃପକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ସଡ଼କ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ତୁରନ୍ତ ମେଡିକାଲରେ ପହଞ୍ଚାଇବାରେ ସାହାର୍ଯ୍ୟ କରିଥିବା ୮ ଜଣ ଭଲ ସାମରିଆନ୍ସଙ୍କୁ ଜିଲ୍ଲାପାଳ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗତ ମଇ ମାସ ୧୦ ତାରିଖରେ ଅନୁଷ୍ଠିତ ଡିଆରଏସସି କମିଟି ବୈଠକର ଆଲୋଚନା ଓ ପ୍ରସ୍ତାବଗୁଡିକ ଉପରେ ଆରଟିଓ ବିନୟ କୁମାର ଗୃହକୁ ଜଣାଇଥିଲେ। ରାୟଗଡ଼ା ଜିଲ୍ଲାରେ ଚଳିତ ବର୍ଷ ଜାନୁଆରୀରୁ ଅଗଷ୍ଟ ୮ମାସ ମଧ୍ୟରେ ୧୬୩ଟି ସଡ଼କ ଦୁର୍ଘଟଣାରେ ୯୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୩ ଜଣ ଗୁରୁତର ଆହତ ଏବଂ ୯୨ଜଣ ସାମାନ୍ୟ ଆହାତ ହୋଇଥିବା ନେଇ ଆରଟିଓ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ବିଶେଷ କରି ଜିଲ୍ଲାର ପ୍ରମୁଖ ରାସ୍ତା, ଜାତୀୟ ରାଜପଥ, ରାଜ୍ୟ ସଡ଼କ ପଥ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ରାସ୍ତା ଓ ଅନ୍ୟାନ୍ୟ ରାସ୍ତାଗୁଡିକର ଅନେକ ସ୍ଥାନରେ ଅବସ୍ଥା ଶୋଚନୀୟ ଥିବା ନେଇ ସଭ୍ୟମାନେ ଅବଗତ କରାଇଥିଲେ। ଯାହାକୁ ନେଇ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚଳିତ ବର୍ଷ ଜାନୁଆରୀରୁ ଅଗଷ୍ଟ ୮ ମାସ ମଧ୍ୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ୧୧୮୧ଜଣ ଗାଡି ମାଲିକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ଆରଟିଓ ବିଭାଗ ପକ୍ଷରୁ ୧୧୦୮ଟି ଏବଂ ପୋଲିସ ବିଭାଗ ପକ୍ଷରୁ ୭୩ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଆରଟିଓ ବିଭାଗ ପକ୍ଷରୁ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ୩୫୬୭ଗୋଟି ହେଲମେଟ୍ ଲେସ୍ ଡ୍ରାଇଭ, ୨୫୮ଟି ସିଟ୍ ବେଲ୍ଟ ନ ପିନ୍ଧିବା, ୩୫୯୦ଟି ଦ୍ରୁତ ଗତି, ୫୫ଟି ଡ୍ରଙ୍କନ ଡ୍ରାଇଭ, ୨୩୪ଟି ଓଭରଲୋଡ ଭଳି ଏନଫୋର୍ସମେଣ୍ଟ କରାଯାଇଥିବା ଏବଂ ୧୦୦୯ ଗୋଟି ଟ୍ରିପଲ ରାଇଡିଂ ପାଇଁ ଚାଲାଣ କଟାଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ସେହିପରି ରାୟଗଡ଼ା ସହରରେ ରାସ୍ତା କଡ଼ରେ ପାର୍କିଂ ଯୋଗୁଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିବାରୁ ଆରଟିଓ ଓ ପୁଲିସ ବିଭାଗ ମିଳିତରେ ଚଢ଼ଉ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ରାସ୍ତା କଡ଼ରେ ଲଗାଯାଇଥିବା ସାଇନ ବୋର୍ଡଗୁଡିକ ଗଛଲତା ମାଳରେ ଲୁଚି ରହିଥିବା ନେଇ ବୈଠକରେ ସଭ୍ୟମାନେ କହିଥିବା ବେଳେ ବିଭାଗୀୟ ଅଧିକାରୀ ତୁରନ୍ତ ସେଗୁଡିକ ଗାଡି ଚାଳକଙ୍କୁ ଦିଶିବା ଭଳି କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେବାକୁ କହିଥିଲେ। ରାୟଗଡ଼ା ଓଭରବ୍ରିଜର ମରାମତିକୁ ନେଇ ରେଲିଂ କାମ ଆରମ୍ଭ ହୋଇଥିବା ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବୈଠକରେ ସୂଚନା ଦେଇଥଲେ। ଜରୁରୀକାଳନୀ ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ଏହି ଓଭରବ୍ରିଜ ଉପରେ ନିର୍ଭର କରୁଥିବାରୁ ଲୋକଙ୍କ ସୁବିଧାକୁ ନେଇ ଏହାର ଗୋଟିଏ ପଟ ବାଇକ୍, ଆମ୍ବୁଲାନ୍ସ ଆଦି ଚଳାଚଳ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସେହିପରି କୋଟଲାଗୁଡାରେ ସ୍ୱୟଂଚାଳିତ ଡ୍ରାଇଭିଂ ପରୀକ୍ଷା ପ୍ରଣାଳୀ, କୁମତଲପେଟାରେ ସ୍ୱୟଂଚାଳିତ ପରୀକ୍ଷଣ ବ୍ୟବସ୍ଥା ଏବଂ ଟିକିରି ଠାରେ ନିର୍ମାଣ ପାଇଁ ଆବଶ୍ୟକ ଜମି ନିମନ୍ତେ ତହସିଲଦାରଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ୩୨୬ନଂ ଜାତୀୟ ରାଜପଥର ଗୁମ୍ମା ଘାଟି ବୁଲାଣି, ଗୁମ୍ମା ଘାଟି ଠାରୁ ଫୁଲକଣା, ଦେବଦଳା ଠାରୁ କୁମତଲପେଟା, ଘୋଡାନାଳ ବିଜ୍ର ଠାରୁ ମିଟ୍ସ ଭୂଜବଳ ଛକ ଓ ତୁମ୍ବା ଛକ ଠାରୁ ଭାଗୁଡି ଗ୍ରାମ ଭଳି ଚିହ୍ନଟ ୫ଟ ବ୍ଲାକ୍‌ସ୍ପଟ ସ୍ଥାନରେ ବିଭାଗ ପକ୍ଷରୁ ସଡ଼କ ଦୁର୍ଘଟଣାକୁ ହ୍ରାସ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ତଥ୍ୟ ଉପସ୍ଥାପନା କରିଥିଲେ।




ଓଭରବ୍ରିଜ୍ ମରାମତି କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

# ୮ ଫୁଟିଆ ଅଜଗର ଉଦ୍ଧାର



ବୈପାରୀଗୁଡ଼ା,୧୯।୯ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ମାଜୁଲୁଗୁଡାରୁ ଅଜଗର ଉଦ୍ଧାର କରିଛନ୍ତି ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡ଼ମ୍ବୁର ମାଝୀ। ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ରାସ୍ତା ପାର୍ଶ୍ୱରେ ବୁଲୁଥିଲା ସାପ। ଏହାକୁ ଦେଖି ଗାଁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପ ଲୋକେ ସ୍ଥାନୀୟ ରେଞ୍ଜରଙ୍କୁ ଜଣାଇବା ପରେ ରେଞ୍ଜର ସନ୍ଦେପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀମାନେ ମାଜୁଲୁଗୁଡା ଗାଁରେ ପହଞ୍ଚି ୮ ଫୁଟିଆ ଅଜଗର ସାପ ଉଦ୍ଧାର କରି ସୁରକ୍ଷିତ ଭାବେ ସପ୍ତଧାରା ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam

Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.

# ସମ୍ପାଦକୀୟ



ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

ସକାଳ THE SAKALA

## ଲଘୁ ଖଣିଜ ସମ୍ପଦ ଲୁଟ୍

ଆମ ରାଜ୍ୟରୁ ଲଘୁ ଖଣିଜ ଚୋରାଚାଲାଣ ସମସ୍ତ ନିୟନ୍ତ୍ରଣକୁ ଅତିକ୍ରମ କରିଯାଇଛି। କ୍ଷମତା କେନ୍ଦ୍ରର କଠୋର କଟକଣା ଓ ନିର୍ଦ୍ଦେଶର କ୍ରମାଗତ ଉଲ୍ଲଙ୍ଘନରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ଚୋରା ଚାଲାଣକାରୀ ମାଫିଆଙ୍କ ସହ ଅସାଧୁ ମେଣ୍ଟର ଉଚ୍ଚସ୍ତରରେ ସଂପର୍କ ଥିବାରୁ ରାଜ୍ୟର ବିପୁଳ ରାଜସ୍ୱହାନି ଘଟୁଛି। ଏପରିକି କ୍ଷମତାକେନ୍ଦ୍ର ସହ ସଂଶ୍ଳିଷ୍ଟ ଦଳର ବରିଷ୍ଠ ନେତା ଏହି ଚୋରା ଚାଲାଣ ନେଇ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କୌଣସି ପ୍ରଭାବ ତୃଣମୂଳ ସ୍ତରରେ ପଡୁନାହିଁ। ଏ ବାବଦରେ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ୭୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ଶାସନକଳର ଚରମ ଉଦାସୀନତା ସବୁରି ମହଲରେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ମାର୍ଚ୍ଚମାସରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପଥର, ବାଲି ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶେଷକରି ନିୟମିତ ଚଢ଼ଉ ପାଇଁ ଦେଇଥିବା ନିର୍ଦ୍ଦେଶ ପ୍ରତି ଏପର୍ଯ୍ୟନ୍ତ ଉଚିତ ଧ୍ୟାନ ଦିଆଯାଇଥିଲା ଭଳି ମନେହେଉନାହିଁ। ଏହି ଖଣିଜ ସଂପଦର ନୂଆ ଉତ୍ସ ଚିହ୍ନଟ କରି ଅତିରିକ୍ତ ରାଜସ୍ୱ ଆଦାୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଖଣି ମାଫିଆ ସେମାନଙ୍କ କାର୍ଯ୍ୟ ପରିସର ବଢ଼ାଇ ନିର୍ବାଧରେ ଚୋରା ଚାଲାଣ କରୁଛନ୍ତି। ଏକଥା ସତ ଯେ ଏହି ଲୁଟତରାଜ ରୋକିବା ପାଇଁ ମିଳିତ ଚଢ଼ଉର ଆବଶ୍ୟକତା ରହିଛି। ପୁଲିସ, ତହସିଲ, ଖଣି ଓ ଆବଶ୍ୟକ ସ୍ଥଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ଜରୁରୀ ହୋଇପଡ଼ିଛି। ନିୟମିତ ଭାବେ ମିଳିତ ଚଢ଼ାଉ କଲେ ଚୋରା ଚାଲାଣକୁ ରୋକିହେବ। ପରିସ୍ଥିତି ଏପରି ହୋଇଛି ଯେ ଚଢ଼ଉ ବେଳେ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ ଚମକ ଦେଇ ଖଣି ମାଫିଆ ନିଜ ଶୈଳୀରେ ଚୋରା ଚାଲଣ ଜାରି ରଖିଛନ୍ତି। ବେଳେ ବେଳେ ମନେହୁଏ ସେମାନଙ୍କର ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ଥିବାରୁ ନିମ୍ନସ୍ତରର କ୍ଷମତାଧାରୀ ନିଜକୁ ଅସହାୟ ମନେ କରୁଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସମସ୍ତେ ନିଜ ନିଜ ଢଙ୍ଗରେ ହାତ ଚିକ୍କଣ କରି ନିରବ ରହୁଛନ୍ତି। ଏହି ବାସ୍ତବ ଦିଗ ପ୍ରତି ଉପରୁ ନିର୍ଦ୍ଦେଶ ଦେଉଥିବା କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ କେବଳ କାଗଜ କଲମରେ ଚାଷ ହେଉଛି ସିନା ଚୋରା ଚାଲାଣ ରୋକି ହେଉନାହିଁ।

ପୁଲିସ-ତହସିଲ-ଖଣି ବିଭାଗର ମଧୁଚନ୍ଦ୍ରିକା ସଂପର୍କରେ ଯାହା କୁହାଯାଉଛି ତାହା ଯେ ସଂପୂର୍ଣ୍ଣ ରୂପେ ବିଭ୍ରାନ୍ତକର ଏକଥା ନୁହେଁ। ଏବାବଦରେ ହେଉଥିବା ରାଜସ୍ୱ ହରିଲୁଟ ପଛରେ ଯେଉଁ ପ୍ରଭାବଶାଳୀ ବର୍ଗ ଅଛନ୍ତି ସେମାନଙ୍କ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁନାହିଁ। ତଳଠାରୁ ଉପରସ୍ତର ପର୍ଯ୍ୟନ୍ତ ଏବାବଦରେ ଆଦାୟ ହେଉଥିବା ଅର୍ଥର ଅଂଶୀଦାର ଅଛନ୍ତି। ଅନେକ କ୍ଷେତ୍ରରେ ଖଣିମାଫିଆଙ୍କ ପ୍ରତି ରାଜନେତାଙ୍କ ଆଶୀର୍ବାଦ ଥିବାରୁ ସେମାନେ ନିର୍ଭୟରେ ଲଘୁ ଖଣିଜ ଲୁଟି ଚାଲିଛନ୍ତି। ଧର ପଗଡ଼ ବେଳେ ସେମାନେ କର୍ତ୍ତୃପକ୍ଷଙ୍କୁ ପାଲଟା ନାଲିଆଖି ଦେଖାଇ ଚମ୍ପଟ ମାରୁଛନ୍ତି। ଏଭଳି ପରିସ୍ଥିତିରେ କିଏ କାହାକୁ ରୋକିବ? ଲଘୁ ଖଣିଜ ସମ୍ପଦ ବ୍ୟାପାରରେ ବାଡ଼ି ଫସଲ ଖାଇବା ନୀତି ଅନୁସରଣ କରାଯାଉଥିବାରୁ ରାଜସ୍ୱ ହାନି ଘଟିବା ସ୍ୱାଭାବିକ।

## ବିପଦରେ ପ୍ରବାସୀ ଭାରତୀୟ

ଆମଦେଶର ପ୍ରାୟ ୪କୋଟି ଲୋକ ବିଦେଶରେ ଅବସ୍ଥାନ କରୁଛନ୍ତି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦୈନିକ ହାରାହାରି ୭୦୦ ଭାରତୀୟ ଦେଶ ଛାଡୁଛନ୍ତି। ସମ୍ପନ୍ନ ପରିବାରରେ ବିଶେଷତଃ ଏହି ମାନସିକତା ପରିଲକ୍ଷିତ ହେଉଛି। ଏହି ପ୍ରବାସୀ ଭାରତୀୟ ଏଠାରେ ଥିବା ନିଜ ପରିବାର ଓ ପରିଜନଙ୍କ ସକାଶେ ନିୟମିତ ପଠାଉଥିବା ଡଲାର ଆମ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ସେମାନଙ୍କ ନିକଟରୁ ଗତ ବର୍ଷ ୧୩୬ ବିଲିୟନ ଡଲାର ଭାରତକୁ ଆସିଛି। ଆମ ଜିଡିପିରେ ଏହାର ଅବଦାନ ୩.୪ ପ୍ରତିଶତ। ଏହାଛଡ଼ା ଗଚ୍ଛିତ ବୈଦେଶିକ ବିନିମୟ ମୁଦ୍ରା ଅଭିବୃଦ୍ଧିରେ ସେମାନଙ୍କ ଦ୍ୱାରା ପ୍ରେରିତ ଡଲାରର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଉଲ୍ଲେଖ କଲାବେଳେ ସ୍ୱତଃ ମନରେ ଉଙ୍କିମାରେ ସମ୍ଭ୍ରାନ୍ତ ଓ ସମ୍ପନ୍ନ ପରିବାର ଭାରତର ତଥାକଥିତ ପ୍ରଗତିରେ ଅଂଶୀଦାର ନହୋଇ କାହିଁକି ଦେଶ ଛାଡୁଛନ୍ତି। ଏ ସଂପର୍କରେ ଏପର୍ଯ୍ୟନ୍ତ ଆମ ଦେଶରେ କୌଣସି ତାଜା ସମୀକ୍ଷା ହୋଇନାହିଁ। ସେମାନଙ୍କ ତଥାକଥିତ ରେମିଟାନ୍ସରେ ହିଁ ଆମେ ସନ୍ତୁଷ୍ଟ ଥିଲା ଭଳି ମନେ ହେଉଛି।

ଏବେ ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ଏହି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଥିବା ରାଷ୍ଟ୍ରରେ ମୁଣ୍ଡ ଟେକିଥିବା ଅତିବାଦୀ ଦକ୍ଷିଣପନ୍ଥୀଙ୍କ ବହିରାଗତ ବିଦ୍ୱେଷୀ ଆନ୍ଦୋଳନ। ଏହି ପ୍ରବାସୀଙ୍କ ଅବସ୍ଥାନ ଫଳରେ ମୂଳବାସିନ୍ଦା ନିଯୁକ୍ତି ସୁଯୋଗରୁ ବଂଚିତ ହେବା ସହ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି। ସମଗ୍ର ବିଶ୍ୱରେ ଦକ୍ଷିଣପନ୍ଥୀ ମାନସିକତାର ଅଭ୍ୟୁଦୟ ଘଟିଥିବାରୁ ସେମାନଙ୍କ ଆନ୍ଦୋଳନ ଓ ହିଂସା, କ୍ଷମତାସୀନ ସରକାର ପ୍ରତିକୂଳ ଅର୍ଥନୀତିର ମୁକାବିଲା କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରବାସୀ ଭାରତୀୟ ବିରୋଧୀ ଆନ୍ଦୋଳନ ଅଷ୍ଟ୍ରେଲିଆ ପରେ ବ୍ରିଟେନରେ ତୀବ୍ର ହେବାରେ ଲାଗିଛି। ଗତ ଶନିବାର ଲଣ୍ଡନରେ ଦେଢ଼ଲକ୍ଷ ମୂଳବାସିନ୍ଦା ଟମ୍ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ବହିରାଗତଙ୍କୁ ବହିଷ୍କାର ଦାବି କରିଥିଲେ। ଏହା ମୁଖ୍ୟତଃ ଥିଲା ପ୍ରବାସୀ ଭାରତୀୟଙ୍କ ବିରୋଧରେ। ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ୨୬ ବରିଷ୍ଠ ଅଧିକାରୀ ହିଂସାକାଣ୍ଡରେ ଆହତ ହୋଇଛନ୍ତି। ଏହି ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏଲନ ମସ୍କ କହିଛନ୍ତି – ମାଡ଼ି ଆସୁଛି ହିଂସା ମୁକାବିଲା କର, ନହେଲେ ମୃତ୍ୟୁକୁ ଆଦରି ନିଅ। ଲଣ୍ଡନରେ ଉପୁଜିଥିବା ଏହି ପରିସ୍ଥିତିର କିଛିଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବହିଷ୍କାର ଦାବି କରି ମୁଣ୍ଡ ଟେକିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ଏହି ବହିରାଗତଙ୍କ ଭୋଟ ଉପରେ ନିର୍ଭରଶୀଳତା ଦୃଷ୍ଟିରୁ ସରକାର କଠୋର ଦମନ ନୀତି ମାଧ୍ୟମରେ ଆନ୍ଦୋଳନକୁ ଚପାଇଦେଇଥିଲେ ମଧ୍ୟ ପରିସ୍ଥିତି ସୁଧୁରିନି। ଅନୁରୂପ ପରିସ୍ଥିତି ଆର୍ୟଲାଣ୍ଡରେ ମଧ୍ୟ ଅନୁଭୂତ ହୋଇଛି। ସବୁ ଦେଶରେ ମୂଳ ବାସିନ୍ଦାଙ୍କ ସେହି ଏକା ଦାବି। ଆମେରିକା ଓ କାନାଡ଼ା ସ୍ଥିତି ସଂପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନାବଶ୍ୟକ। ନିକଟରେ ଆମେରିକାରୁ ଦକ୍ଷିଣ କୋରିଆ ପ୍ରବାସୀଙ୍କୁ ବହିଷ୍କାର କରାଯାଇଛି। ଏହାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ସେବା ଓ ସହଯୋଗର ଆବଶ୍ୟକତା ଦେଶରେ ରହିଛି।

ଏକଥା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ପଡ଼ୋଶୀ ନେପାଳ ଓ ବାଂଲଦେଶରେ ଭାରତୀୟଙ୍କ ବିରୋଧରେ କ୍ରମାଗତ ହିଂସା ଉପୁଜୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ପାରୁନି। କେବଳ ସୀମାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି। ନେପାଳ ସହ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ଥିଲେ ମଧ୍ୟ ଭାରତୀୟଙ୍କ ପ୍ରତି ଆକ୍ରୋଶମୂଳକ ହିଂସା ର କୌଣସି ଉତ୍ତର ଆମ ପାଖରେ ନାହିଁ।

## ନିର୍ବାଚନ ରଣାଙ୍ଗନରେ ଶବ୍ଦର ଯାଦୁ

**ଜିତୁ ନାଥ**

ସମ୍ପ୍ରତି ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ 'ଭୋଟ ଚୋରି' ପରି ଏକ ଆକର୍ଷଣୀୟ ଉତ୍କଣ୍ଠାପୂର୍ଣ୍ଣ ଶବ୍ଦକୁ ମତଦାତାଙ୍କ ମାନସିକ ଭାବନା ସହ ଯୋଡ଼ିବାକୁ ବିରୋଧୀ ଦଳ ନେତା ପ୍ରୟାସ କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଅନ୍ୟାନ୍ୟ ବିରୋଧୀ ଦଳର ନେତାମାନେ ଏହାକୁ ଜାତୀୟ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ବାରମ୍ବାର ଉଚ୍ଚାରଣ କରି ଏହାର ଗୁରୁତ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି। ବିହାରରେ ଚାଲିଥିବା 'ଭୋଟର ଅଧିକାର ଯାତ୍ରା'ରେ ଏହି ଶବ୍ଦକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟ ଚୋରି ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ବିପନ୍ନ ଏବଂ ବିହାର ମତଦାତାଙ୍କ ସର୍ବନିମ୍ନ ଅଧିକାରକୁ ଛଡ଼େଇ ନେବାର ପ୍ରୟାସ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ କରୁଛନ୍ତି ବୋଲି ପ୍ରଚାର କରାଯାଉଛି। ଏହି ଶବ୍ଦ ବର୍ତ୍ତମାନ ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହିସାବରେ ଗ୍ରହଣ କରାଯାଇଛି ଏବଂ ଏହାର ସଫଳତା ପାଇଁ ବିଭିନ୍ନ ମାଧ୍ୟମ ଅବଲମ୍ବନ କରାଯାଉଛି। ଏପରି ସ୍ଲୋଗାନ, ଶବ୍ଦ, ଶବ୍ଦପୁଞ୍ଜ, ସଂଳାପ, ଫକ୍ତି, ଲୋକକଥା ବେଳେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ଭୋଟରଙ୍କ ଭାବାବେଗକୁ ନିୟନ୍ତ୍ରଣ କରିଥାଏ ଏବଂ ନିର୍ବାଚନର ଫଳାଫଳକୁ ନିର୍ଦ୍ଧାରଣ କରିଥାଏ।

ସ୍ୱାଧୀନତା ପରର ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଅଦ୍ୟାବଧି ଦେଶର କେନ୍ଦ୍ର ସରକାର ବା ପ୍ରାଦେଶିକ ସରକାରଙ୍କ ଗଠନରେ ଏପରି ସ୍ଲୋଗାନର ଯଥେଷ୍ଟ ଭୂମିକା ଥିବାର ପ୍ରମାଣ ରହିଛି। ସ୍ଲୋଗାନ ମାଧ୍ୟମରେ ଦଳର ମୁଖ୍ୟ ପ୍ରଚାରକ ଏକ ଦୃଢ଼ ବାର୍ତ୍ତା ଦିଅନ୍ତି, ଯାହା ଭୋଟରଙ୍କୁ ଉତ୍ସାହିତ କରିଥାଏ। ଏହାଦ୍ୱାରା ଭୋଟଦାନର ହାର ମଧ୍ୟ ବଢ଼ିବାର ସମ୍ଭାବନା ଥାଏ। ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ଆଭିମୁଖ୍ୟକୁ ବହୁ ସହଜରେ ନିର୍ବାଚନ କ୍ଷେତ୍ରର କୋଣ ଅନୁକୋଣରେ ପହୁଞ୍ଚାଇଥାଏ। ସମୟ ସମୟରେ ରାଜନୈତିକ ଅସ୍ଥିରତା, ଆଶା-ଆଶଙ୍କା ମଧ୍ୟରେ ଏପରି ସ୍ଲୋଗାନ ମଧ୍ୟ ମତଦାତାଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ ରହିଥାଏ।

ଗତ ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହ ମନୀଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ ପ୍ରମୁଖ ବହୁ ପ୍ରଭାବଶାଳୀ ନେତାଙ୍କ ପରାଜୟ ବହୁ ରାଜନୀତି ବିଶାରଦଙ୍କ ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରିଥିଲା। ଏହି ଫଳାଫଳର ବିଭିନ୍ନ କାରଣମାନଙ୍କୁ ତର୍ଜମା କଲା ବେଳେ ଅନ୍ୟସବୁ ପ୍ରସଙ୍ଗ ତୁଳନାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରଚାରଶୈଳୀ, ପ୍ରସାର ମାଧ୍ୟମ ଓ ନ୍ୟାରେଟିଭ ଗଠନ ବିଶେଷ ଗୁରୁତ୍ୱ ବହନ କରେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'କୁ 'ଆପଦା' ଅର୍ଥାତ ବିପଦ ସହ ଯୋଡ଼ିବା ବିଜେପିର ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ବୋଲି ବିବେଚନା କରାଯାଉଛି।

ସ୍ୱାଧୀନ ଭାରତରେ ୧୯୭୧ ମସିହା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର 'ଗରିବୀ ହଟାଓ' ନାରା ସାରା ଦେଶରେ ଗୁଞ୍ଜରିତ ହୋଇଥିଲା। ୨୦୧୪ରେ 'ଅଚ୍ଛେଦିନ ଆ ରହେ ହିଁ' କାମ ଦେଇଥିଲା। ଏହା ଆମ ଦେଶରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସ୍ଲୋଗାନ ଭାବେ ପରିଗଣିତ। ୧୯୯୬ ମସିହା ନିର୍ବାଚନରେ 'ଅବ କି ବାରି ଅଟଳ ବିହାରୀ' କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ କରିପାରିଥିଲା। ୨୦୧୯ ମସିହାର 'ଫିର ଏକ ବାର ମୋଦୀ ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ ନେତୃତ୍ୱ ନେବାର ଶ୍ରେଷ୍ଠତ୍ୱକୁ ସମ୍ମୁଖରେ ରଖି ମତଦାତାଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲା। ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ 'ବଟେଙ୍ଗେ ତୋ କଟେଙ୍ଗେ', 'ଏକ ହେ ତୋ ସେଫ ହେ' ସ୍ଲୋଗାନ୍ ସେହି ସମୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ଭବିଷ୍ୟ ଉପରେ ସଚେତନ କରାଇ ମତଦାତାଙ୍କ ନିକଟତର ହୋଇପାରିଲା।

ଗଣତାନ୍ତ୍ରିକ ପର୍ବ ନିର୍ବାଚନର କିଛି ସ୍ଲୋଗାନ ମଧ୍ୟ ଏପରି ରହିଛି, ଯାହା ଦଳ ବା ନେତୃତ୍ୱର ବିରୋଧରେ କାମ କରିଛି ବା ବିରୋଧୀ ଦଳ ପାଇଁ ଫାଇଦା ଆଣିଛି। ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାରଙ୍କର 'ଅବ କି ବାର, ୪୦୦ ପାର' ଏହାର ସଦ୍ୟତମ ଉଦାହରଣ। କିଛିବର୍ଷ ପୂର୍ବେ ଗୁଜୁରାଟରେ ବିଜେପି ବିରୋଧରେ ବିରୋଧୀ ଦଳଙ୍କ 'ମୌତ କି ସୌଦାଗର', ବିହାର ନିର୍ବାଚନରେ ଡିଏନଏ ପ୍ରସଙ୍ଗରେ ଆକ୍ଷେପ ବିରୋଧୀଙ୍କ ବିପକ୍ଷରେ ଯାଇଛି। 'ଚୌକିଦାର ଚୋର ହେ' ବଦଳରେ 'ମେଁ ଭି ଚୌକିଦାର' ଅଧିକ ସଫଳତା ଆଣିଦେଇଥିବାର ଦୃଷ୍ଟାନ୍ତ ରହିଛି। ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ନେତାମାନଙ୍କ ନାଁରେ ହୋଇଥିବା ସ୍ଲୋଗାନ, ଯେପରିକି - 'ଇନ୍ଦିରା ଲାଓ, ଦେଶ ବଚାଓ', 'ଫିର ଏକ ବାର ମୋଦୀ ସରକାର' ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି।

ଆମ ଓଡ଼ିଶାରେ ମଧ୍ୟ ଏପରି ବହୁ ରୋଚକ ଶବ୍ଦ ବା ସ୍ଲୋଗାନ ମତଦାନକୁ ପ୍ରଭାବିତ କରିଥିବାର ଉଦାହରଣ ରହିଛି। 'ହଜାରେ ଦିନରେ ହଜାରେ ଶିଳ୍ପ'ର କଥା କହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଲୋକଙ୍କୁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ ଏବଂ କ୍ଷମତାସୀନ ହୋଇଥିଲେ। 'ଆପଣ ମାନେ ଖୁସି ତ' - ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ପ୍ରମୁଖ ସ୍ଲୋଗାନ ଥିଲା। ସ୍ୱଳ୍ପ ବକ୍ତବ୍ୟ ପାଇଁ ପ୍ରସିଦ୍ଧ ନବୀନ ବାବୁଙ୍କ ଏହି ଧାଡ଼ିକିଆ ଉକ୍ତିରେ 'ସେ ସାଧାରଣ ଓଡ଼ିଆଙ୍କ ଭଲମନ୍ଦ ଜାଣିବାର ପ୍ରୟାସ କରୁଛନ୍ତି' - ଏହା ଲୋକମାନଙ୍କ ମନକୁ ଛୁଇଁଲା ଏବଂ ତାହା ଭୋଟରେ ପ୍ରତିଫଳିତ ହୋଇଥିଲା। ୨୦୨୪ ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ଏପରି ଏକ ଶବ୍ଦପୁଞ୍ଜ ଥିଲା, ଯାହାର ମନସ୍ତାତ୍ତ୍ୱିକ ପ୍ରଭାବ ସାଧାରଣ ମତଦାତା ଉପରେ ପଡ଼ିଲା ଏବଂ ଭୋଟରେ ପରିଣତ ହେଲା। ସ୍ଥଳବିଶେଷରେ ଛୋଟ ଛୋଟ ରୁଢ଼ି, ଢଗ, ଲୋକକଥା ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରେ। ଗତ ନିର୍ବାଚନରେ, 'ଲେଖା ଛିଡ଼ିବା' ଏହାର ଏକ ଉଦାହରଣ।

ଏପରି ସ୍ଲୋଗାନ କେବଳ ଭାରତୀୟ ନିର୍ବାଚନ ନୁହେଁ, ବରଂ ବିଶ୍ୱର ବହୁରାଷ୍ଟ୍ରର ନିର୍ବାଚନକୁ ପ୍ରଭାବିତ କରିଛି। ଆବ୍ରାହମ ଲିଙ୍କନଙ୍କ ଉକ୍ତି, 'ବିଭାଜିତ ଗୃହ କେବେ ସ୍ଥିର ରୁହେନା' - ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥିରତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭୋଟରଙ୍କୁ ଖୁବ ପ୍ରଭାବିତ କରିଥିଲା। ରୁଜଭେଲଟଙ୍କ 'ସୁଖର ଦିନ ଆସୁଛି' ଫଳପ୍ରଦ ହୋଇଥିଲା। ବାରାକ ଓବାମାଙ୍କ 'ହଁ, ଆମେ ପାରିବା' ତାଙ୍କୁ ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି କରାଇଲା। ଡୋନାଲଡ ଟ୍ରମ୍ପଙ୍କର 'ମାଗା' ସ୍ଲୋଗାନ ଆମେରିକା ଅସ୍ମିତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି କରାଇଲା। କ୍ୟୁବାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଫିଡେଲ କାଷ୍ଟ୍ରୋ 'ଜନ୍ମଭୂମି କିମ୍ବା ମୃତ୍ୟୁ' ର ସ୍ଲୋଗାନ ଦେଇ ଦୀର୍ଘକାଳ କ୍ଷମତାସୀନ ହୋଇପାରିଥିଲେ।

ସମ୍ପ୍ରତି ବିଜ୍ଞାନର ପ୍ରଗତି ଅନୁସାରେ ପ୍ରଚାରପତ୍ର ବଦଳରେ ଭାରତୀୟ ନିର୍ବାଚନରେ ଇଣ୍ଟରନେଟ ମୁଖ୍ୟ ମାଧ୍ୟମ ପାଲଟିଛି। 'ଏକ୍ସ'ରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ଶୈଳୀ, ନୂଆ ଢାଞ୍ଚାରେ ସେହି ସମାନ ଶବ୍ଦର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରାଯାଉଛି। ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ସୁଦ୍ଧା ଦେଶର ପଞ୍ଚାନବେ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ ସଂଯୋଗ କରାଯାଇଛି। କୁହାଯାଉଛି ଦେଶର ପଞ୍ଚାଅଶୀ ପ୍ରତିଶତ ପରିବାରଙ୍କ ପାଖରେ ସ୍ମାର୍ଟଫୋନ ପହଞ୍ଚି ସାରିଲାଣି। ସୁତରାଂ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ଏହି ନିର୍ବାଚନୀ ଆୟୁଧ - 'ଶବ୍ଦପୁଞ୍ଜ'ର ପ୍ରଚାର, ପ୍ରସାର ପାଇଁ ମୋବାଇଲ ଫୋନକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ଚିତ୍ର, ଛାୟାଚିତ୍ର, କ୍ଷୁଦ୍ର ଗୀତ, ସଂଳାପ, ନାଟକ ମାଧ୍ୟମରେ ଲୋକଙ୍କ ମନକୁ ଆକର୍ଷିତ କଲା ପରି ସଂଯୋଜନା କରି ଏହି ଶବ୍ଦର ଗୁରୁତ୍ୱ ବୃଦ୍ଧି କରାଯାଉଛି। ସରକାରୀ ଦଳର ବିଭିନ୍ନ ଲୋଭନୀୟ ଯୋଜନା ସହ ବିରୋଧୀ ଦଳର ସମାଲୋଚନା ଏବଂ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଏହି ଶବ୍ଦର ସଠିକ ନିରୂପଣ ଓ ବ୍ୟବହାର ଯେ ନିର୍ବାଚନ ରଣାଙ୍ଗନର ଅନ୍ୟତମ ପ୍ରମୁଖ ଅସ୍ତ୍ର, ଏହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୩୬୦୮୬୬

## ପ୍ରାକ୍‌ପ୍ରସ୍ତୁତି ଲକ୍ଷ୍ୟ ହାସଲକୁ ସହଜ କରେ

**ଡ. ଉଷାରାଣୀ ଦାଶ**

ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିବର୍ଷ ବାଦଲଫଟା ବର୍ଷା, ତଦ୍‌ଜନିତ ବନ୍ୟା, ହିମବାହ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେଠାକାର ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି। ଏପରି ପରିସ୍ଥିତିରୁ ସୁରକ୍ଷା ପାଇଁ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶ ଅନୁକୂଳ କରାଗଲେ ଏହିପରି ବିପର୍ଯ୍ୟୟକୁ ରୋକାଯାଇପାରିବ। ପ୍ରସ୍ତୁତର ସଫଳତା ବିନା ଏହା ସମ୍ଭବନ ନୁହେଁ। ଏ ସମ୍ପର୍କରେ ବେଞ୍ଜାମିନ ଫ୍ରାଙ୍କଲିନଙ୍କ ଉକ୍ତିଟି ପ୍ରଣିଧାନଯୋଗ୍ୟ, ଯାହାର ଅର୍ଥ - 'ପ୍ରସ୍ତୁତିରେ ବିଫଳ ହୋଇ ତୁମେ ବିଫଳ ହେବା ନିମିତ୍ତ ପ୍ରସ୍ତୁତ ହେଉଛ।'

ପୂର୍ବପ୍ରସ୍ତୁତି କିଭଳି ବିପର୍ଯ୍ୟୟରୁ ଧନଜୀବନକୁ ଶତପ୍ରତିଶତ ସୁରକ୍ଷିତ କରିପାରେ ତାହାର ଉଦାହରଣ ଭାବେ ଆମେ ଓଡ଼ିଶାକୁ ନେଇପାରିବା। ଭାରତସ୍ଥିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ୨୦୨୪ମସିହାରେ ବିପର୍ଯ୍ୟୟ ଆପଦ ପ୍ରସ୍ତୁତିରେ ଓଡ଼ିଶାକୁ ବିଶ୍ୱରେ ଏକ ଅଗ୍ରଣୀ ମଡେଲ ଭାବେ ପ୍ରଶଂସା କରିଥିଲେ। ୨୦୨୩ ମସିହାରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଭାରତରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱସ୍ତରରେ ଏହି ପୁରସ୍କାରର ମୂଳରେ ଥିଲା ଓଡ଼ିଶା ସରକାରଙ୍କ ସଫଳ ପ୍ରସ୍ତୁତି।

କୋଭିଡ୍-୧୯ ଆରମ୍ଭ ହେବା ସମୟରେ ଚିକିତ୍ସା ଭିତ୍ତିଭୂମି ଏବଂ ମହାମାରୀ ରଣନୀତିର ଅଭାବ ହେତୁ ଭାରତ ସମେତ ଅନେକ ଦେଶ, ପିପିଇ, ଚିକିତ୍ସା ଉପକରଣ, ପରୀକ୍ଷଣ ଭିତ୍ତିଭୂମି ଏବଂ ହସ୍ପିଟାଲରେ ଶଯ୍ୟାର ଅଭାବ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରେ ଭାରତ ପିପିଇ ଉତ୍ପାଦନ ବୃଦ୍ଧି କରିବା ସହିତ କୋୱିନ ପ୍ଲାଟଫର୍ମ ଆରମ୍ଭ କରି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିଥିଲା। ଇଟାଲୀ ଓ ଆମେରିକାରେ ପ୍ରାରମ୍ଭିକ ପରୀକ୍ଷାର ଅଭାବ, ମନ୍ଥର ଲକଡାଉନ୍ ଏବଂ ଦୁର୍ବଳ ଭଣ୍ଡାର ପରିଚାଳନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଦକ୍ଷିଣ କୋରିଆ ଓ ତାଇୱାନ ପରି ପ୍ରାକ୍‌ପ୍ରସ୍ତୁତ ଦେଶଗୁଡ଼ିକ ପରୀକ୍ଷଣ, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସଫଳତାର ସହିତ ମୁକାବିଲା କରିଥିଲେ। ସେହି ସମୟରେ ସ୍କୁଲଗୁଡ଼ିକରେ ଅନଲାଇନ୍ ଶିକ୍ଷାଦାନ କରିବା ଅତ୍ୟାବଶ୍ୟକ ହୋଇଥିଲା। ଭାରତ, ଆଫ୍ରିକା, ଆମେରିକାର ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ଅନେକ ପ୍ରତିଷ୍ଠାନ ଡିଜିଟାଲ୍ ଭିତ୍ତିଭୂମି ଓ ତାଲିମ ଅଭାବରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡ ପରି ଦେଶଗୁଡ଼ିକ ପ୍ରାକ୍‌ଡିଜିଟାଲ୍ ପ୍ରସ୍ତୁତି କରିସାରିଥିବାରୁ ସେଠାରେ ନିରନ୍ତର ଶିକ୍ଷା ଜାରି ରହିଥିଲା।

ଏକଦା ମୋବାଇଲ୍ ଫୋନ୍ ଜଗତରେ ନେତୃତ୍ୱ ନେଉଥିବା ନୋକିଆ ସ୍ମାର୍ଟଫୋନ୍ ବିପ୍ଳବ ପାଇଁ ଉପଯୁକ୍ତ ପ୍ରସ୍ତୁତି ନ କରିବା ସହିତ ଆପଲ୍ ଓ ଆଣ୍ଡ୍ରଏଡ୍ ଭଳି ପ୍ରତିଯୋଗୀମାନଙ୍କୁ ଅଣଦେଖା କରିଥିଲା। ଫଳରେ ରାତାରାତି ବଜାର ନେତୃତ୍ୱ ହରାଇଥିଲା। ଉପଯୁକ୍ତ ପ୍ରସ୍ତୁତି, ନେତୃତ୍ୱ, ସମ୍ବଳ ଓ ସମନ୍ୱୟର ଅଭାବ ସହିତ ଅସହଯୋଗ ଯୋଗୁଁ ସିପାହୀ ବିଦ୍ରୋହ ଆଶାନୁରୂପ ପ୍ରଭାବଶାଳୀ ହୋଇପାରି ନ ଥିଲା। ତାଲିବାନକୁ ବିତାଡ଼ିତ କରିବା ପାଇଁ ଆଫଗାନିସ୍ତାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସେ ଦେଶର ଭୌଗୋଳିକ ସ୍ଥିତି ଆକଳନର ଅଭାବ ଏବଂ ପାର୍ବତ୍ୟାଞ୍ଚଳ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ରଣନୀତିର ଅଭାବ ଯୋଗୁଁ ସଫଳତା ପାଇପାରି ନ ଥିଲା।

ସେହିପରି ଭାରତରେ ନଗଦ ଦେଣନେଣ, ଡିଜିଟାଲ୍ ଭିତ୍ତିଭୂମି ଓ ସାଧାରଣ ଯୋଗାଯୋଗ ଦୃଷ୍ଟିରୁ ପ୍ରସ୍ତୁତିର ଅଭାବ ପାଇଁ ୨୦୧୬ରେ ଭାରତରେ ବିମୁଦ୍ରୀକରଣ ପଦକ୍ଷେପ ବିଫଳ ହୋଇଥିଲା। ୨୦୨୩ ମସିହାରେ ଇସ୍ରୋର ଚନ୍ଦ୍ରାୟଣ-୩ ସଫଳ ଅବତରଣ କେବଳ ଚନ୍ଦ୍ରାୟଣ-୨ର ଆଂଶିକ ବିଫଳତାର ସୁଧାର ପରେ ସମ୍ଭବ ହୋଇଥିଲା। ସେହିପରି ୨୦୨୪-୨୦୨୫ରେ ସାରା ଭାରତରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେତୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିବା ସମୟରେ ଗ୍ରୀଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଉଥିବା ଅହମ୍ମଦାବାଦ ଭଳି ସହରରେ ମୃତାହତଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରିଥିଲା। ଯୋଜନାବ ବିହୀନ ସହରାଞ୍ଚଳ ବିକାଶ, ଦୁର୍ବଳ ଜଳ ନିଷ୍କାସନ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିର ଅଭାବ ଯୋଗୁଁ ୨୦୨୫ ମସିହାରେ ଦିଲ୍ଲୀ, ମୁମ୍ବାଇ ସହିତ ଅନେକ ସହରରେ ବନ୍ୟା ହୋଇଥିଲା।

ଯେଉଁ ବ୍ୟକ୍ତି ନିଜର ଲକ୍ଷ୍ୟ ଅନୁଯାୟୀ ସଠିକ୍ ଯୋଜନା ପ୍ରସ୍ତୁତ କରନ୍ତି, ଅନ୍ତତଃ ପକ୍ଷେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ପଦ୍ଧତି, କିପରି ପ୍ରସ୍ତୁତି କରିବା ଜାଣନ୍ତି ଏବଂ ରଣନୈତିକ ପ୍ରୟାସ ଜାରି ରଖନ୍ତି ସେମାନେ ନିଶ୍ଚିତ ଭାବରେ ସଫଳତାର ସ୍ୱାଦ ଚାଖନ୍ତି। ଆବ୍ରାହମ ଲିଙ୍କନ୍ କହିଥିଲେ, ମୋତେ ଗଛ କାଟିବା ପାଇଁ ଛଅ ଘଣ୍ଟା ଦିଅ; ମୁଁ ପ୍ରଥମ ଚାରି ଘଣ୍ଟା କୁରାଢ଼ିକୁ ଧାର କରିବା ପାଇଁ ବିତାଇବି।' ଗ୍ରୀକବୀର ଆଲେକଜାଣ୍ଡାର୍, ହର୍କ୍ୟୁଲସ୍, ଆକବର, ରାଣାପ୍ରତାପ, ଅଶୋକ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରି ସେମାନଙ୍କର ନାମ ସଫଳ ବ୍ୟକ୍ତିତ୍ୱ ଭାବରେ ବିଶ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯାଇଛନ୍ତି। ପିଲାଦିନେ ଲଗାତାର ବିଫଳତାର ଶିକାର ହୋଇଥିବା ଆଲବର୍ଟ ଆଇନଷ୍ଟାଇନ ପ୍ରସ୍ତୁତି ଓ ନିରନ୍ତର ପ୍ରୟାସ ଫଳରେ ନିଜକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅମୂଲ୍ୟ ରତ୍ନ ଭାବରେ ପ୍ରମାଣିତ କରି ୧୯୨୧ ମସିହାରେ ପଦାର୍ଥବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିପାରିଥିଲେ। କୋଲୋନେଲ ହାର୍ଲାଣ୍ଡ ସାଣ୍ଡର୍ସ ତାଙ୍କ ରେଷ୍ଟୁରାଣ୍ଟର ଫ୍ରାଞ୍ଚାଇଜ୍‌ର ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ୧୦୦୯ ଥର ପ୍ରତ୍ୟାଖ୍ୟାନ ହୋଇଥିବା ତାଙ୍କର ଗୁପ୍ତ ରେସିପି, 'କେଣ୍ଟକି ଫ୍ରାଏଡ୍ ଚିକେନ୍' ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିଲା।

ଦ୍ରୁତ ପରିବର୍ତ୍ତନଶୀଳ ସମସାମୟିକ ବିଶ୍ୱରେ ସଙ୍କଟ ସାଧାରଣ। କେବଳ ପର୍ଯ୍ୟାପ୍ତ ପ୍ରସ୍ତୁତ ରାଷ୍ଟ୍ର ହିଁ ଏହାକୁ ସମ୍ମୁଖୀନ ହୋଇପାରିବେ ଏବଂ ସଫଳ ହୋଇପାରିବେ। ଲୁଇସ ପାଷ୍ଟରଙ୍କ ଭାଷାରେ 'ସୁଯୋଗ ଓ ସମ୍ଭାବନା କେବଳ ପ୍ରସ୍ତୁତ ହୋଇଥିବା ମନକୁ ସମର୍ଥନ କରିଥାଏ।' ପ୍ରସ୍ତୁତି କେବଳ ସଫଳତା ପାଇଁ ଏକ ଉପକରଣ ନୁହେଁ; ଏହା ବିଫଳତା ବିରୁଦ୍ଧରେ ଏକ ସୁରକ୍ଷା। ପ୍ରତ୍ୟେକ କ୍ଷେତ୍ରରେ ଏହି ମାନସିକତା ମୂଳଦୁଆ ହେବା ଆବଶ୍ୟକ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**



### ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ତଞ୍ଜୁର: ଏହି ଶ୍ରେଣୀରେ ସତରଗୋଟି ବର୍ଗର ଗ୍ରନ୍ଥମାନ ଅନ୍ତର୍ଭୁକ୍ତ। କେତେକ ବର୍ଗ ମଧ୍ୟରେ ଉପ-ବର୍ଗମାନ ମଧ୍ୟ ରହିଛି। (୧) ସ୍ତୋତ୍ର- ଏହି ବର୍ଗରେ ଏକସ୍ତରୀ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୨) ତନ୍ତ୍ର- ତିବ୍ବତୀୟ ପରମ୍ପରାରେ ଦର୍ଶାଯାଇଥିବା ମୁତାବକ ଏହି ବର୍ଗଟି ହେଉଛି ତାନ୍ତ୍ରିକ ଗ୍ରନ୍ଥର ବିଶାଳ ସଂଗ୍ରହ। ଏହା ମଧ୍ୟରେ ଦୁଇ ହଜାର ଛଅଶହ ଛଅଗୋଟି ତନ୍ତ୍ର ଗ୍ରନ୍ଥ ରହିଛି। ଏଥିମଧ୍ୟରୁ ଅନେକ ଗ୍ରନ୍ଥ ହେଉଛି ଭାରତୀୟ ଉପ-ମହାଦେଶରୁ ସଂଗୃହୀତ ତନ୍ତ୍ରଗ୍ରନ୍ଥ। (୩) ପ୍ରଜ୍ଞାପାରମିତା ସୂତ୍ର- ଏହି ଶ୍ରେଣୀରେ ଅଠତିରିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୪) ମାଧ୍ୟମିକ - ଏହି ବର୍ଗରେ ଏକଶହ ସତାବନ ଗୋଟି ଶାସ୍ତ୍ର ରହିଛି। (୫) ସୂତ୍ରଟୀକା - ଏହା ହେଉଛି ବୁଦ୍ଧଙ୍କ ବାଣୀ ସଂପର୍କରେ ଭାରତୀୟ ଗୁରୁ ଓ ପଣ୍ଡିତମାନଙ୍କର ବ୍ୟାଖ୍ୟା ସମ୍ବଳିତ ସଂଗ୍ରହ। ଏହା ମଧ୍ୟରେ ଅଣଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୬) ଯୋଗାଚାର- ମହାଯାନ ବୌଦ୍ଧଧର୍ମର ଏହା ଏକ ପ୍ରମୁଖ ଶାଖା। ମାତ୍ର ଏଠାରେ ଏହାର ଅର୍ଥ ହେଉଛି ଯୋଗ ଓ ଯୋଗଦର୍ଶନ ସଂପର୍କିତ। (୭) ଅଭିଧର୍ମ- ଏହି ବର୍ଗର ଗ୍ରନ୍ଥ ପାଲି ଅଭିଧର୍ମପିଟକ ଗ୍ରନ୍ଥ ସ୍ୱରୂପ। ଏଥିମଧ୍ୟରେ ଉଭୟ ଭାରତ ଓ ତିବ୍ବତରେ ଉଚ୍ଚଶ୍ରେଣୀର ବୌଦ୍ଧ ଦର୍ଶନ ଅନ୍ତର୍ଭୁକ୍ତ। ମାତ୍ର ପାଲି ଅଭିଧର୍ମପିଟକଠାରୁ ଏଥିରେ ଅଧିକ ଗ୍ରନ୍ଥ ରହିଛି। ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥର ସଂଗ୍ରହ, ଯେଉଁଠିକି ପାଲିରେ ମାତ୍ର ସାତଗୋଟି। (୮) ବିନୟ- ଏହା ମଧ୍ୟରେ ଛୟାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତି। (୯) ଜାତକ- ପାଲିଗ୍ରନ୍ଥ ମଧ୍ୟରେ ଜାତକ ଗ୍ରନ୍ଥକୁ ତ୍ରିପିଟକ ମଧ୍ୟରେ ଗଣାଯାଏ ନାହିଁ, ମାତ୍ର ଜାତକ ଗ୍ରନ୍ଥ ବୌଦ୍ଧ ପାଲିଗ୍ରନ୍ଥର ଏକ ମୁଖ୍ୟ ଅଂଶ। (୧୦) ଚିଠିପତ୍ର- ଏହି ବର୍ଗରେ ପଇଁଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। ଏଥି ମଧ୍ୟରେ ନାଳନ୍ଦାର ପ୍ରସିଦ୍ଧ ବୌଦ୍ଧ ଗୁରୁ ନାଗାର୍ଜୁନ ରାଜା ଗୋତମିପୁତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। (୧୧) ପ୍ରମାଣ ସୂତ୍ର- ଏହି ବର୍ଗରେ ଛଅଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୧୨) ବ୍ୟାକରଣ ବା ଶବ୍ଦ ଶାସ୍ତ୍ର- ଏହି ବର୍ଗରେ ସଇଁତିରିଶ ଗୋଟି ଗ୍ରନ୍ଥର ସମାହାର। (୧୩) ଚିକିତ୍ସା ଶାସ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ବୁଦ୍ଧ ହେଉଛନ୍ତି ଶେଷ ଚିକିତ୍ସକ ଓ ସେ ହିଁ ସମସ୍ତ ମାନସିକ, ଶାରୀରିକ, ମନସ୍ତାତ୍ତ୍ୱିକ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରୋଗ ସବୁର ଚିକିତ୍ସାର କର୍ତ୍ତା। ଏଣୁ ସେମାନେ ବୁଦ୍ଧଙ୍କୁ ହିଁ ଭୈଷଜ୍ୟ ଗୁରୁ ଭାବେ ଗ୍ରହଣ କରିଥା'ନ୍ତି। ବୁଦ୍ଧ ହିଁ ସଂସାରରେ ସମସ୍ତ ପ୍ରକାର ଔଷଧ ତଥା ଚେରମୂଳିରୁ ଔଷଧ ପ୍ରସ୍ତୁତିର ସ୍ୱରର ହର୍ତ୍ତାକର୍ତ୍ତା। (୧୪) ଶିଳ୍ପ ବିଦ୍ୟା- ଏହା ହେଉଛି ମଣ୍ଡଳ, ଧାରଣୀ ଓ ତନ୍ତ୍ରର ବିଭିନ୍ନ ପ୍ରକାରର ଯନ୍ତ୍ର ତିଆରି ନିମନ୍ତେ ଆବଶ୍ୟକୀୟ ବିଦ୍ୟା। ଏହା ମଧ୍ୟରେ ପନ୍ଦର ଗୋଟି ଗ୍ରନ୍ଥର ସମାହାର। (୧୫) ସମୟ ଶାସ୍ତ୍ର- ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥ ରହିଛି। (୧୬) ଅନ୍ୟାନ୍ୟ- ଯେଉଁ ସବୁ ଗ୍ରନ୍ଥ ଉପରେ ବର୍ଣ୍ଣିତ ବର୍ଗ ଅନ୍ତର୍ଭୁକ୍ତ ନୁହନ୍ତି, ସେ ସବୁକୁ ଏହି ବର୍ଗରେ ସ୍ଥାନିତ କରାଯାଇଛି। ଏହି ବର୍ଗରେ ଏକଶହ ଉଣେଇଶ ଗୋଟି ଗ୍ରନ୍ଥ ସଂଗୃହୀତ। (୧୭) ଅତୀଶଙ୍କ ଦ୍ୱାରା ରଚିତ ଗ୍ରନ୍ଥ- ଏହି ବର୍ଗରେ ଏକଶହ ତିନିଗୋଟି ଗ୍ରନ୍ଥ ସଂଗୃହୀତ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ଦେବା ପାଇଁ ୨୫ ଲକ୍ଷ ଠକେଇ

କଟକ,୧୯ ।୯(ସମିସ): ଏକ ଇ-କମର୍ସ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ବାରାଣସୀରୁ ଗିରଫ କରିଛି । ଗିରଫ ଅଭିଯୁକ୍ତଜଣଙ୍କ ହେଉଛି, ଆଶିଷ କୁମାର ଯାଦବ(୩୦) । ସେ ଜଣେ ବି.ଟେକ୍ ଡିଗ୍ରିଧାରୀ

### ବାରାଣସୀରୁ ଜଣେ ଗିରଫ

ୱେବଡିଜାଇନର୍ । ଓକିନାୱା ଇଲେକ୍ଟ୍ରିକ ସ୍କୁଟର୍‌ର ଡିଲରସିପ ପ୍ରଦାନ ପାଇଁ ସେ ଅଭିଯୋଗକାରୀଙ୍କଠାରୁ ୨୫ଲକ୍ଷ ଟଙ୍କା ଠକେଇ କରିଥିବା ନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଥିଲା । ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ବାହାନାରେ ଡିଜିଟାଲ୍ ଯୋଗାଯୋଗ ମାଧ୍ୟମରେ ସେ ଅଭିଯୋଗକାରୀଙ୍କ ସହ ପରିଚିତ ହୋଇଥିଲା । ସ୍କୁଟର୍‌ର ଡିଲରସିପ୍ ଗ୍ରହଣ କରିବା ତାଙ୍କୁ ୨୫ଲକ୍ଷ ୩୫ହଜାରଟଙ୍କା ପଠାଇଥିଲେ ଅଭିଯୋଗକାରୀ । ତେବେ ଆଉ ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା । ପରେ ଏ ସଂପର୍କରେ ସେ ସାଇବର୍ ଥାନାରେ ଏତଲା ଦେଇଥିଲେ । ଇନ୍ସପେକ୍ଟର୍ ଅବନ୍ତୀମଣି ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳର ଉତ୍ତରପ୍ରଦେଶର ବାରାଣାସୀ ଏବଂ ନଏଡ଼ାରେ ଚଢ଼ଉ କରି ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିଛି ।

## ରାଜ୍ୟରେ ସ୍କ୍ରାପ ହୋଇଛି ୪୩୫୯୧ ଗାଡ଼ି

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୯୧ଟି ଗାଡ଼ି ସ୍କ୍ରାପ୍ ହୋଇଛି । ରାଜ୍ୟରେ ଥିବା ୨ଟି ଗାଡ଼ି ସ୍କ୍ରାପ୍ କେନ୍ଦ୍ରରେ ଏହି ସ୍କ୍ରାପ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଗାଡ଼ି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ କରିବାପାଇଁ ୨ଟି କେନ୍ଦ୍ର ରହିଛି । ଏଥିରୁ ଗୋଟିଏ ଖୋର୍ଦ୍ଧାରେ ଥିବା ବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢ଼େଇଧରାଠାରେ ରହିଛି । ସେହିଭଳି ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବା ଠାରୁ ଅଦ୍ୟାବଧି ୪୩୫୯୧ଟି ଗାଡି ସ୍କ୍ରାପ୍ କରାଯାଇଛି । ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡ଼ି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

## ୧୦୫ ବ୍ଲକ୍‌ରେ ନାହାଁନ୍ତି ବିଇଓ

ଭୁବନେଶ୍ୱର, ୧୯ ।୯ (ସମିସ): ରାଜ୍ୟର ୩୩ ପ୍ରତିଶତ ବ୍ଲକ୍‌ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ନାହାନ୍ତି । ୧୦୫ ବ୍ଲକ୍‌ରେ ନିୟମିତ ବିଇଓ ନ ଥିବାରୁ ଶିକ୍ଷାଦାନ ସମେତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ଯାଞ୍ଚ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୯ ବ୍ଲକ୍‌ରେ ବିଇଓ ନ ଥିବା ବେଳେ ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୭ଟି ଲେଖାଏଁ ବ୍ଲକ୍‌ରେ ବିଇଓ ନାହାନ୍ତି । ବାଲେଶ୍ୱର ଓ ଜଗତସିଂହପୁରରେ ୬ଟି ଲେଖାଏଁ ପଦ ଫାଙ୍କା ରହିଥିବା ବେଳେ ଖୋର୍ଦ୍ଧା, କନ୍ଧମାଳ ଓ ସମ୍ବଲପୁରରେ ୫ଟି ଲେଖାଏଁ, ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀରେ ୪ଟି ଲେଖାଏଁ ପଦ ଫାଙ୍କା ରହିଛି । ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର ଓ ନୟାଗଡରେ ୩ଟି ଲେଖାଏଁ ବିଇଓ ପଦ ଖାଲି ଥିବା ବେଳେ କଟକ, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ୨ଟି ଲେଖାଏଁ ଏବଂ ବରଗଡ, ଦେବଗଡ଼, ମାଲକାନଗିରିରେ ଗୋଟିଏ ଲେଖାଏଁ ପଦ ଖାଲି ରହିଛି ।

## ୪୨୪ ନକଲି ଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର, ୧୯ ।୯ (ସମିସ): ନକଲି ପ୍ରମାଣପତ୍ର ଦେଇ ଅନେକ ଶିକ୍ଷକ ଚାକିରି ହାତେଇଛନ୍ତି । ଦୀର୍ଘ ବର୍ଷ ଧରି ଦରମା ନେବା ପରେ ଧରାପଡୁଛନ୍ତି । ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିବା ପରେ ୪୨୪ଜଣ ଶିକ୍ଷକ ଚାକିରିରୁ ନିଲମ୍ବନ ହୋଇଛନ୍ତି । ବିଧାୟିକା ସୁଭାସିନୀ ଜେନାଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାର ୧୬ଜଣ ଶିକ୍ଷକ ମଧ୍ୟ ଜାଲ ସାର୍ଟିଫିକେଟ୍ ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି । ଅପରପକ୍ଷରେ ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆସିଥିବା ବହୁ ଶିକ୍ଷକଙ୍କ ଶିକ୍ଷାଗତ ପ୍ରଣାଣପତ୍ର ଯାଞ୍ଚ ପ୍ରକ୍ରିୟା ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ । ମୁଖ୍ୟତଃ ବାହାର ରାଜ୍ୟରେ ବିଏଡ୍ କରିଥିବା ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପ୍ରତିବନ୍ଧକ ସୃଷ୍ଟି କରୁଛି ।

## ଦିଲ୍ଲୀପ ନାୟକଙ୍କୁ ଇଓଡବ୍ଲୁର ଜେରା

କଟକ,୧୯ ।୯(ସମିସ): ଏକ ଜମି କିଣାବିକା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଜି ଏକ ବିଲ୍ଡର୍ ସଂସ୍ଥାର ସ୍ୱତ୍ୱାଧିକାରୀ ଦିଲ୍ଲୀପ ନାୟକଙ୍କ କଟକ ଘର ଯାଞ୍ଚ କରିଛି । ପ୍ରାୟ ଘଣ୍ଟାଏ କାଳ ଯାଞ୍ଚ କରିବା ପରେ ଇଓଡବ୍ଲୁ କିଛି କାଗଜପତ୍ର ଜବତ କରିବା ସହ ଶ୍ରୀ ନାୟକଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇଛି । ଅପରପକ୍ଷରେ ରାଜନୈତିକ ଆକ୍ରୋଶ ରଖି ମିଛ ଅଭିଯୋଗରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି ।

ଶ୍ରୀ ନାୟକ ବାରଙ୍ଗ ଥାନା ଅଞ୍ଚଳରେ ତାଙ୍କ ବିଲ୍ଡର୍ ସଂସ୍ଥା ପାଇଁ କିଛି ବର୍ଷ ତଳେ ଏକ ଜମି କିଣି ପ୍ଲଟିଂ କରି ବିକ୍ରି କରିଥିଲେ । ତେବେ ଜମି ବିକ୍ରେତାଙ୍କ ପରଲୋକ ପରେ ବିବାଦ ଆରମ୍ଭ ହୋଇଥିଲା । ଜମିର ଆଇନଗତ ଉତ୍ତରାଧିକାରୀମାନେ ଜମି ବିକ୍ରି ଟଙ୍କା ପାଇ ନ ଥିବା ଦର୍ଶାଇ କୋର୍ଟରେ ମାମଲା କରିଥିଲେ । ଶ୍ରୀ ନାୟକଙ୍କଠାରୁ ପ୍ଲଟ୍ କିଣିଥିବା ବ୍ୟକ୍ତିଙ୍କ ପାଖକୁ କୋର୍ଟରୁ ନୋଟିସ୍ ଯିବାରୁ ସେମାନେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇ ମାମଲା କରିଥିଲେ । ଆଜି ଅପରାହ୍ନରେ ଇଓଡବ୍ଲୁ ଟିମ୍ ଶ୍ରୀ ନାୟକଙ୍କ କଟକସ୍ଥିତ ଘରେ ଚଢ଼ଉ କରିଥିଲା । ଶ୍ରୀ ନାୟକ ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ୨୦୧୯ ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ଓ ପରେ ବିଜେପିରେ ଯୋଗ ଦେଇଥିଲେ । ତେବେ ସେ ୨୦୨୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ।

**ଅନ୍‌ଲାଇନ୍ ନିବେଶ ନାମରେ ୧.୪୫ କୋଟି ଠକେଇ**

## ୩ ସାଇବର୍ ଠକ ଗିରଫ

କଟକ,୧୯ ।୯(ସମିସ): ଡିଜିଟାଲ କରେନ୍ସି, ଆଇପିଓ ଓ ସେୟାର ମାର୍କେଟ୍‌ରେ ନିବେଶ ଆଳରେ ଲୋକଙ୍କୁ ଠକୁଥିବା ୩ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚର ସାଇବର୍ କ୍ରାଇମ ୟୁନିଟ୍ ଗିରଫ କରିଛି । ସେମାନେ ହେଲେ, ଖୋର୍ଦ୍ଧାର ଏମ୍. ଫାର୍ମା ଡିଗ୍ରୀଧାରୀ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଦୀପକ କୁମାର ଦାଶ(୩୩), ବାଲେଶ୍ୱର ଗୋପାଳପୁର ତାଳପଡ଼ା ନିବାସୀ ବି.ଟେକ୍ ଡିଗ୍ରୀଧାରୀ ଚନ୍ଦନ କୁମାର ସାହୁ (୩୩), ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆସ୍କା ରୋଡ୍ ଅଞ୍ଚଳର ରାମହରି ସାହୁ(୪୬) । ସେମାନଙ୍କ ପାଖରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି । ଆଜି ସେମାନଙ୍କୁ ଜେଏମ୍‌ଏଫସି-୩ କଟକ ଅଦାଲତରେ ହାଜର କରାଯାଇଛି ।

ଅନଲାଇନ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ୧କୋଟି ୪୫ଲକ୍ଷ ୮୫ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ ଅଭିଯୋଗକାରୀ । ଅଧିକ ଅର୍ଥ ପାଇବା ଆଶାରେ ସେ ବିଗତ କିଛି ମାସ ଭିତରେ ଉପରୋକ୍ତ ଟଙ୍କା ଜମା କରିଥିଲେ । ଆଇପିଓ ଓ ଓଟିସି ଟ୍ରେଡିଂରେ ପୁଞ୍ଜି ନିବେଶ କରି ସେୟାର ମାର୍କେଟ୍‌ରେ ଅଧିକ ରିଟର୍ଣ୍ଣ ପାଇବାକୁ ଆଶା ରଖିଥିଲେ । ତେବେ ମୂଳ ଟଙ୍କା ଉଠାଣରେ ବିଫଳ ହେବାରୁ ଏହା ସାଇବର୍ ଠକଙ୍କ କରାମତି ବୋଲି ଜାଣିବାକୁ ପାଇଥିଲେ । ପରେ ଏ ସଂପର୍କରେ ସେ ସାଇବର ଥାନାରେ ଏତଲା ଦେଇଥିଲେ । ଇନ୍ସପେକ୍ଟର ଅମିତାଭ ଦାସଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ।

**■ ଏସ୍‌ଆଇଟି ଗଠନରେ ଅବହେଳା**

## ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ ଯାଜପୁର ଏସ୍‌ପିଙ୍କ ସମେତ ୩ ଅଧିକାରୀ

କଟକ, ୧୯।୯ (ସମିସ): ଜଣେ ନାବାଳିକା ନିଖୋଜ ସଂକ୍ରାନ୍ତରେ ନାବାଳିକାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ମାମଲାରେ ଏସଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ତଦନ୍ତ କରିବାକୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନରେ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ୟକ୍ତିଗତ ଭାବେ ଯାଜପୁର ଏସପି, ମଙ୍ଗଳପୁର ଥାନା ଆଇଆଇସି ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି । ଏହି ମାମଲାରେ ଗତ ଅଗଷ୍ଟ ୨୬ ତାରିଖରେ ଏସଆଇଟି ଗଠନ ପାଇଁ ଯାଜପୁର ଏସପିଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରୀଙ୍କ ଏତଲାରେ ନାବାଳିକାକୁ ଅଟକ ରଖିଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏସଆଇଟି ଦ୍ୱାରା ନାବାଳିକାକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ଓ ଏ ସମ୍ପର୍କିତ ରିପୋର୍ଟ ଏସପି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ବିଭାଗ ଏହି ଆଦେଶ ପାଳନରେ ନିଷ୍ଠା ପ୍ରତିପାଦିତ କରିନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଗତ ୨୦୨୫ ଜାନୁଆରି ୨୩ରୁ ସମ୍ପୃକ୍ତ ନାବାଳିକାଜଣଙ୍କ ନିଖୋଜ ହୋଇଥିଲେ । ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଯାଜପୁର ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ । ନାବାଳିକାକୁ ଠାବ କରିବା ପାଇଁ ପୁଲିସ କିଛି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାର ତାତି...

ଗୃହ କମ୍ପାଇଥିଲେ । ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଅଣତାରକା ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିଲେ ହେଁ ବିଜେଡି ବିଧାୟକଙ୍କ ନାରାବାଜିରେ ଏହା ଆଦୌ ଶୁଣାଯାଉନଥିଲା । ଏହି ସମୟ ମଧ୍ୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ । ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରିନଥିଲେ । ଫଳରେ ବାଚସ୍ପତି ୧୦ଟା ୩୪ରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ । ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକ ସମାନ ଢଙ୍ଗରେ ଗୃହରେ ନାରାବାଜି, ହଟ୍ଟଗୋଳ ଆରମ୍ଭ କରିଥିଲେ । ବିଜେପି ସରାକରଙ୍କ ବିରୋଧରେ ନାରାବାଜି କରିବା ସହ ସାର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଥିଲେ ବିଜେଡି ବିଧାୟକ । ବିଜେଡି ବିଧାୟକଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବାଚସ୍ପତି ଶନିବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି ।

### କଂଗ୍ରେସ ବିଧାୟକଙ୍କ...

କ୍ଷୁଣ୍ଣ କରିଛି । ଏଥିପାଇଁ ସେମାନଙ୍କ ବିରୋଧରେ ଗୃହର ସ୍ୱାଧିକାର ଭଙ୍ଗ ନୋଟିସ୍ ଆସିଥିବା ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ସୂଚନା ଦେଇଛନ୍ତି ।

ଅନ୍ୟପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି । ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କାଡାମ୍ କହିଛନ୍ତି ଯେ ଆମକୁ ଡରାଇବା ପାଇଁ ସ୍ୱାଧିକାର ନୋଟିସ ଅଣାଯାଇଛି । ଏଥିରେ କଂଗ୍ରେସ ବିଧାୟକ ଭୟଭୀତ ହେବେ ନାହିଁ । କଂଗ୍ରେସର କଣ୍ଠରୋଧ କରିବାକୁ ଶାସକ ଦଳ ଚେଷ୍ଟା କରୁଛି । ବିଧାନସଭାର ବିଧି ଅନୁସାରେ ଆମେ ଅନାସ୍ଥା ନୋଟିସ ଦେଇଛୁ; କୌଣସି ସ୍ୱାଧୀକାର ଭଙ୍ଗ କରିନାହୁ । ଆମ ଦଳ ବିରୋଧରେ ଶାସକ ଦଳ ମିଛ ଅଭିଯୋଗ କରୁଛି । ଦେଢ଼ବର୍ଷର ବିଜେପି ସରକାର ଓଡିଶାବାସୀଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି । ଏହା ବିରୋଧରେ ଆମେ ଅନାସ୍ଥା ଆଣିଛୁ ବୋଲି ଶ୍ରୀ କାଡାମ୍ ସୂଚନା ଦେଇଛନ୍ତି ।

### ସରକାରଙ୍କ ପାଖରେ...

ହୋଇଥିବାବେଳେ ଗୋଟିଏ ମାମଲାର ବିଚାର ସରିନାହିଁ । ଅଭିଯୋଗକାରିଣୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ହାଜର ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନାହିଁ । ଦ୍ୱିତୀୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବାବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ଜଣ, ବ୍ରହ୍ମପୁର ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଗୋଟିଏ ଲେଖାଏଁ ମାମଲା ରହିଛି । ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'ରେ ଦୁଇଜଣ ଛାତ୍ରୀ ନିର୍ଯ୍ୟାତନାର ମାମଲା ତଦନ୍ତାଧୀନ ରହିଛି । ତନ୍ମଧ୍ୟରୁ ଜଣେ ଛାତ୍ରୀ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଦେଢ଼ମାସ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି । ଅପରପକ୍ଷରେ ୨୦୨୪-୨୫ ଠାରୁ ଏବେଯାଏଁ ଶିକ୍ଷାନୁଷ୍ଠାନରେ କେତେ ଛାତ୍ରୀ ଅସଦାଚରଣ ଓ ଦୁର୍ଷମର ଶିକାର ହୋଇଛନ୍ତି ଏବଂ କେତେଜଣ ଆତ୍ମହତ୍ୟା କରିଛନ୍ତି ବୋଲି ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ । ଏହି ଅଣତାରକା ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି । ମହାବିଦ୍ୟାଳୟରୁ ସର୍ବାଧିକ ଅଭିଯୋଗ ଆସୁଥିବାବେଳେ ସରକାରଙ୍କ ପାଖରେ କିପରି ତଥ୍ୟ ନାହିଁ, ସେନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ।

ସେହିପରି ଦେଢ଼ ବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକରେ ୩୨ ଜଣ ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି । ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ୧୪ଟି ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ଅଭିଯୋଗ ଆସିଛି । ମୋଟ୍ ୩୨ ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୧୧ ଜଣ ଛାତ୍ରୀ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ସମସ୍ତ ଅଭିଯୋଗର ତଦନ୍ତ କରାଯାଇଛି । ମୋଟ୍ ୧୬ ଜଣ ଶିକ୍ଷକଙ୍କ ସମେତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ।

### ପ୍ରଥମ ପତ୍ନୀଙ୍କୁ...

ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ଥାନା ପୁଲିସ । ଦୁଇଟି ହତ୍ୟା ମାମଲା ରୁଜୁ ହେବାପରେ କନେଷ୍ଟବଳ ଦୀପକ ପାଇଁ ଅଡୁଆ ବଢ଼ିଛି । ସେପଟେ ଶୁଭଶ୍ରୀ ହତ୍ୟା ଘଟଣାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତଦନ୍ତରେ କ୍ୟାପିଟାଲ ଥାନା ପୁଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ । ଏବେ ଅପର୍ଣ୍ଣା ମୃତ୍ୟୁ ଘଟଣାରେ ମଧ୍ୟ ହତ୍ୟା ମାମଲା ରୁଜୁ ହେବାପରେ ଦୁଇଟି ହତ୍ୟା ମାମଲାକୁ ନେଇ କ୍ରାଇମବ୍ରାଞ୍ଚ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବ ବୋଲି କୁହାଯାଉଛି ।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ)ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ । ଖୁଣ୍ଟୁଣି ଥାନା ଅଧିନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ । ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ । ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ନିଜ କାରରେ ନେଇ କଟକ ସ୍ଥିତ ଏକ ଭର୍ତ୍ତି କରିଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା । ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ପାଇ ନ ଥିଲା । ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା । ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ହାତେଇଥିଲା ଦୀପକ । ଶୁଭମିତ୍ରା ହତ୍ୟା ମାମଲାକୁ କ୍ରାଇମବ୍ରାଞ୍ଚ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିଛି । କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଓ କମିସନରେଟ ପୁଲିସର କ୍ୟାପିଟାଲ ଥାନା ପୁଲିସ ମିଳିତ ଭାବେ ତଦନ୍ତ କରିବେ । ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରା ନିଖୋଜ ହେବା ଓ ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ । ଖୁଣ୍ଟୁଣି ଥାନା ପୁଲିସ ଠାରୁ ଅପର୍ଣ୍ଣାଙ୍କ ଦୁର୍ଘଟଣା ଜନିତ ମାମଲା ଓ ହତ୍ୟା ମାମଲାର ବିଭିନ୍ନ ତଥ୍ୟ ସଂଗ୍ରହ କରି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏହି ମାମଲାକୁ ତଦାରଖ କରିବ ।

### ଚାଷୀଙ୍କୁ ବିଜେପିର...

ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ । ଫଳରେ ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଥିଲେ । ବିଜେଡିର ପ୍ରବଳ ପ୍ରତିବାଦ କାରଣରୁ ଶୁକ୍ରବାର ଗୃହ ମାତ୍ର ୮ ମିନିଟ ଚାଲିଥିଲା । ବିଧାନସଭା ଅଚଳ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ବିଜେପି ବିଧାୟକ ଅଗସ୍ତି ବେହେରା ଦେଇଥିବା ମନ୍ତବ୍ୟ ଏବେ ସାଧାରଣରେ ତୀବ୍ର ସମାଲୋଚିତ ହୋଇଛି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୋ ଜୀବନରେ ଏପରି ଉତ୍କଟ ସାରର ଅଭାବ ମୁଁ ଦେଖିନାହିଁ । ସରକାର କହୁଛନ୍ତି ରାଜ୍ୟରେ ପର୍ଯ୍ୟାପ୍ତ ସାର ଅଛି । ଯଦି ପର୍ଯ୍ୟାପ୍ତ ସାର ଅଛି, ତାହେଲେ ଚାଷୀଙ୍କୁ କଣ ପାଇଁ ସାର ଦିଆଯାଉ ନାହିଁ । ମୁଠେ ମୁଠେ ସାର ପାଇଁ ଚାଷୀ ଅହୋରାତ୍ର ଧାଡ଼ିରେ ଛିଡ଼ାହେଉଛି । ମାତ୍ର ସାର ନପାଇବା କାରଣରୁ ବାଧହୋଇ ଚଢ଼ାଦରରେ ସାର କିଣୁଛି । ଜଣେ ଶାସକ ଦଳ ବିଧାୟକ ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ସାର ମିଳୁନଥିବା ନେଇ ଚିଠି ଲେଖିଛନ୍ତି । ଯୋଗାଣ ମନ୍ତ୍ରୀ ମଧ୍ୟ ସାରର କଳାବଜାରୀ ହେଉଥିବା ସ୍ୱୀକାର କରୁଛନ୍ତି । ତାହେଲେ ଚାଷୀ, ଶାସକ ବିଧାୟକ, ମନ୍ତ୍ରୀ କଣ ଅସତ୍ୟ କହୁଛନ୍ତି? ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଚାଷୀଙ୍କୁ ଲ୍ୟାମ୍ପସ, ପାକ୍ସରେ ସାର ମିଳୁନାହିଁ । ଚଢ଼ାଦରରେ କଳାବଜାରରେ ଚାଷୀ ବାଧ ହୋଇ ସାର କିଣୁଛନ୍ତି । ସରକାରଙ୍କ ଜାଣତରେ ଏସବୁ ହେଉଛି । ସରକାରଙ୍କ ଉଦାସୀନତାର ଏହା ଫଳ । ଆମେ ପ୍ରଶ୍ନକାଳ ବାତିଲ କରି ଦିନତମାମ୍ ଏ ବାବଦରେ ଆଲୋଚନା କରିବାକୁ ଚାହିଁଥିଲୁ । ମାତ୍ର ସରକାର ଏଥିରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଆଚାର୍ଯ୍ୟ । ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି । ମାତ୍ର ଆଲୋଚନା ବଦଳରେ ବିଧାନସଭା ବନ୍ଦ କରିବା ନିନ୍ଦନୀୟ । ଆଜି ରାଜ୍ୟରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି । ଚାଷୀ ସାର ନପାଇ ହଇରାଣ ହେଉଛନ୍ତି । ବିଧାନସଭାରେ ଆଲୋଚନା ହୋଇଥିଲେ, ସରକାର ସଚେତନ ହୋଇଥାନ୍ତେ । ଆମେ ଏଥିପାଇଁ ନିଜ ଆସନରେ ଠିଆ ହୋଇ ଆଲୋଚନା ପାଇଁ ଦାବି କରୁଥିଲୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି ।

### ଦୁଇ ପୁଅଙ୍କୁ...

ଥାନା ଅନ୍ତର୍ଗତ ନୂଆକ୍ଷେତା ଜଙ୍ଗଲକୁ ଯାଇଥିଲେ । ସେଠାରେ ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଥିଲେ । କିଛି ସମୟ ପରେ ଦୁଇ ନାବାଳକ ବାନ୍ତି କରିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଳା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଏକ କାର୍ ଯୋଗେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

### ୨୫ରେ ଲଘୁଚାପ...

ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ୍ୟ ସମୁଦ୍ର ନିକଟସ୍ଥ ମ୍ୟାଁମାର-ବାଂଲାଦେଶ ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ପରବର୍ତ୍ତୀ ସମୟରେ ଏହା ବଙ୍ଗୋପସାଗରମୁହାଁ ହୋଇ ରାଜ୍ୟର ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇପାରେ ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପ୍ରକାର ପାଣିପାଗ ନିୟାମକ ସକ୍ରିୟ ନାହିଁ । ହେଲେ ବର୍ତ୍ତମାନ ରାଜ୍ୟରେ ହେଉଥିବା ଖରା ଓ ଗୁଳୁଗୁଳି ଯୋଗୁଁ ଅପରାହ୍ଣରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି । ଏଭଳି ସ୍ଥିତିରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି ।


**GOVT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR** O-819

Office Order No. 4559 Dated 18.09.2025

1st Corrigendum Notice to Bid Identification No. EEBLGR-online-05/2025-26
The date and time of the Bid Identification No. EEBLGR-online-05/2025-26 has been revised.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division Bolangir | EEBLGR-online-05/2025-26 | 10.09.2025 at 11.00 A.M | 25.09.2025 upto 5.00PM | 24.09.2025 upto 1.00PM | 26.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Bolangir

OIPR-25068/11/0032/2526

**AFFIDAVIT**

By virtue of an Affidavit No.571, dtd 19/09/2025 Sworn before The Executive Magistrate Bisoi, I, Sunita Goipai, aged about 38 years W/O Swarup Chandra Naik of village Badbalichua,PO - Kaduani, PS- Bisoi in the district of Mayurbhanj declared that my son, Sri Subham Naik in school admission register O.A.V, Jamirdiha my name has been written as SUNITA NAIK instead of SUNITA GOIPAI. That both name as SUNITA GOIPAI and SUNITA NAIK are same and one person.That the purpose of this Affidavit is to be produce before the concerned authority to correction of my name as Sunita Goipai for future Reference. Sd/- Sunita Goipai

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.09.2025, I Toofan Malik resident of At- Kentalo, Po - Kulasukarpada, Ps- Nischintakoili, Dist- Cuttack, Odisha, PIN - 754209 declare that I have changed the name of my Son from Omm Prakash Mallik to Sairam Mallik. Henceforth he shall be known as **SAIRAM MALLIK** for all future purposes.

**AFFIDAVIT**

I, RANJITA TRIPATHY, W/o- Durga Prasad Tripathy residing At- Plot No - B-38, Sidhi Vihar, Jagamara, Po/PS- Khandagiri, Bhubaneswar, Dist- Khordha, State- Odisha, Pin- 751030, declare by this affidavit No Vol-II, SL No - 683, dtd. 04.08.2025 that now onwards I shall be known as **RANJITA PANDA** for all future purposes.
**Sd- RANJITA PANDA**

**LOST**

**I, Sekh Jakir,** C/o: Sekh Sabir, resident of At: Musalim Sahi, Balugaon Chilika, Dist.: Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below: **1) ROR Khata No.: 321/566 and 2) Sell Deed No.: 2711, Doc No.: 11101102712, 3) Deed No.: 1243.**
If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be resposible for it.
**Sd/- Sekh Jakir**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 19/09/2025, I, Jyoti Nayak, resident of Plot No.511, Unit-3, Kharavela Nagar, PS- Kharavela Nagar, Bhubaneswar, Pin- 751001, Dist- Khordha, Odisha declare that I have changed my son name from Jyotirdeep Ghadei to JYOTIRDEEP NAYAK. Henceforth, he shall be known as **JYOTIRDEEP NAYAK** for all purposes.

**NOTICE**

I, Raja Aditya Prasad Mohanty Advocate do hereby declare that the original register sale deed bearing document No- 687/1989/1 Dt. 29.08.1989 of my client Ranjan Rana S/o Late. Dhusasan Rana of Vill/Po/Ps-Tigiria, Dist-Cuttack has been lost on the way from Tigiria to Nuapatna on Dt. 15.09.2025. If any person found the said document please contact on the following contact number or address.
**Raja Aditya Prasad Mohanty**
(Advocate)
At/Po-Tigiria, Dist-Cuttack, PIN-754030
**Mob No-9348267038**
Mail id-rajaaditya.mohanty@gmail.com

**AFFIDAVIT**

I, RINA GANGULI, W/O SURYANARAYAN DASH, RESIDENT OF AT- RAJA BAGICHA, KUSANPUR, PO-TELENGA BAZAR, DIST-CUTTACK, PIN-753009, ODISHA, DECLARE BY THIS AFFDAVIT NO-2119, DT-12.02.2025,THAT NOW ONWORDS I SHALL BE KNOWN AS **REENA DASH** FOR ALL FUTURE PURPOSES.

**AFFIDAVIT**

I Bijaya Kumar Sahoo S/o Prahallad Chandra Sahoo, Resident of. Village-Kundibag, PO-Bhadrak By-Pass, PS-Sabarang, Dist - Bhadrak, Odisha, PIN-756181, declare by this affidavit No 8374 dtd 09.09.2025 that now onwards I shall be known as **BIJAY KUMAR SAHOO** for all future purposes.

**AFFIDAVIT**

By virtue of an affidavit sworn before the Notary Public, Sunabeda dated 19/09/2025 I Sri Gandhi Pangi, S/o.- Deba Pangi, Village-Parajabhimdol, PO. - Balda, PS.- Padwa, Dist.- Koraput declare that I have changed my son's name from **Magara Pangi** to **Makara Pangi**. Henceforth, my son shall be known as **Makara Pangi** for all purposes.
Sd/- **Gandhi Pangi**

**AFFIDAVIT**

I, Sri Gopal Harijan, S/o- Late Madhu Harijan resdient of Bhatra, Po.- Ambaguda, Ps.- Jeypore sadar, Dist.- Koraput, Odisha, Pin- 764055 declare by this affidavit no.731 dtd.- 17/09/2025 that, my daughter's actual and correct name is **Sruti Harijan** but in her Aadhaar card no. 6537 8604 4981 her name wrongly mentioned as **Krutirani Harijan**. Hence **Sruti Harijan** and **Krutirani Harijan** is one and same person.
Sd/- **Gopal Harijan**

**NOTICE (FOR MINOR)**

By virtue of an affidavit shown before Executive Magistrate, Bhubaneswar Date. 17.8.24 I Prangya Paramita Garabadu, Address: A/T- Ratha Road, P/O- Old town, P/S- Sree Lingaraj, Dist- Khordha, Odisha, Pin-751002, declare that I have changed the name of my SON from AHWAN ARYANSHU PATRO to AHWAN ARYANSHU. Henceforth, he shall be known as **AHWAN ARYANSHU** for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Tirtol, Vide No.6531 dated 16.09.2025, I Anisur Rahaman, S/o- Shaikh Jahiruddin Resident of , At- Krushnanandapur, Po - Krishnanandapur PS - Krushnanandapur, Dist - Jagatsinghpur, Odisha, PIN - 754135 declare that I have changed my name from Sk Anisur Rahman to Anisur Rahaman. Henceforth, I shall be known as **ANISUR RAHAMAN** for all future purposes.

**ହଜିଛି**

ଆମ୍ଭେ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଓକିଲ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭର ମହକିଲ ରଞ୍ଜନ ରଣା ପିତା- ସ୍ୱ ଧୁଶାସନ ରଣା ସା/ପୋ/ଥା- ତିଗିରିଆ, ଜିଲ୍ଲା-କଟକ ଙ୍କ ଅସଲ ବିକ୍ରୟ କବଲା ଯାହାର ନମ୍ବର-୬୮୭/୧୯୮୯/୧ ତା.୨୯-୦୮-୧୯୮୯ ଟି ତିଗିରିଆ ରୁ ନୁଆପାଟଣା ଯିବା ବାଟରେ ଗତ ତା. ୧୫-୦୯-୨୦୨୫ ରିଖରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କାଗଜାତ ପାଇଛନ୍ତି ତେବେ ନିମ୍ନ ବର୍ଣ୍ଣିତ ମୋବାଇଲ ନମ୍ବର କିମ୍ବା ଠିକଣାରେ ଯୋଗାଯୋଗ କରନ୍ତୁ ।
**ରାଜା ଆଦିତ୍ୟ ପ୍ରସାଦ ମହାନ୍ତି,** (ଓକିଲ)
ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ,
ପିନ୍-୭୫୪୦୩୦
ମୋବାଇଲ ନଂ-୯୩୪୮୨୬୭୦୩୮

**AFFIDAVIT**

I, Kamini Dalai, W/o- Prasanna Kumar Dalai, resident of Radhakrishna Enclave, Flat No-206, 2nd Floor, Lane-7, Unit-6, Bhubaneswar, Dist- Khurda, Pin-751003, Odisha declared by this affidavit no. CF-57, dtd- 15/09/2025 that now onwards I shall be known as **SAKHI DALAI** for all future purposes.

**AFFIDAVIT**

I, Prasanta Mohanty, S/o- Radhashyam Mohanty, resident of Plot No- 2F/591, Sector- 10, CDA, Cuttack, Dist- Cuttack, Pin- 753014, Odisha declared by this affidavit No. 12, dtd- 15/09/2025 that now onwards I shall be known as **PRASANTA KUMAR MOHANTY** for all future purposes.

**AFFIDAVIT**

I, Baikunatha Nath Karan, S/o- Madan Mohan Karan, resident of Jemadeipur Patna, Mandhatapur, Dist- Nayagarh, Pin- 752079, Odisha declared by this affidavit No.753, dtd- 18/09/2025 that now onwards I shall be known as **BAIKUNTHA NATH KARAN** for all future purposes.

**AFFIDAVIT**

I, Brajesh Kr Thakur, S/o- Rajendra Thakur, resident of Ward No-5, Ektali, Po- Ektali, Ps- Sadar, Dist- Jharsuguda, Pin-768202, Odisha declared by this affidavit No. CF-889 , dtd- 24/07/2025 that now onwards I shall be known as **BRAJESH KUMAR SINGH** for all future purposes.

# ଏଟିଏମ୍‌ରୁ ଲୁଟ୍ ଉଦ୍ୟମ, ୨ କୋର୍ଟ ଚାଲାଣ



ଦାମନଯୋଡ଼ି,୧୯।୯(ସମିସ): ଗତ ୮ ତାରିଖ ବିଳମ୍ବିତ ରାତିରେ ଏଟିଏମରୁ ଲୁଟ୍ ଉଦ୍ୟମ କରିଥିଲେ ସୁନୀଲ ଭତ୍ରା (୨୬), ଏଲିଆସ ଚେଟି (୨୦) ଏବଂ ଜଣେ ନାବାଳକ। ଦାମନଯୋଡି ପୁଲିସ ସେମାନଙ୍କୁ ଧରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଗତ ୮ତାରିଖ ବିଳମ୍ବିତ ରାତିରେ ନାଲ୍‌କୋ ଟାଉନ୍‌ସିପ, ସେକ୍ଟର-୩ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ କରିବାକୁ ଯାଇ ସେଠାରେ ନିୟୋଜିତ ଥିବା ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଲୁଟ୍ କରି ନପାରି ବିଫଳ ହୋଇ ଦଉଡ଼ି ପଳାଇଯିବାରେ ସଫଳ ହୋଇଥିଲେ। ତେବେ ଲୁଟେରାଙ୍କ ମୋବାଇଲ ଫୋନ ଓ ଲୁଟ୍ ପାଇଁ ବ୍ୟବହାର କରିଥିବା କେତେକ ଜିନିଷ ଯଥା ଲୁହା ଛଡ଼, ନେଲ ପଲିସ, ଫେୟାର ଏଣ୍ଡ ଲଭଲି କ୍ରିମ, ପେଚକସ, ତାର କଟା ଯନ୍ତ୍ର ଆଦି ଛାଡ଼ି ପଳେଇ ଥିବାରୁ ପୁଲିସ ସେମାନଙ୍କୁ ଧରିବା ପାଇଁ ସହଜ ହୋଇଥିଲା। ଲୁଟ୍ ଘଟଣାକୁ ନେଇ ଗତ ୯ ତାରିଖରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଦାମନଯୋଡି ଶାଖା ପକ୍ଷରୁ ଏତଲା ପ୍ରଦାନ କରାଯାଇଥିଲା। ଏତଲାକୁ ଭିତ୍ତି କରି ଥାନା ଅଧିକାରୀଣୀ ପ୍ରମିଳା ବିଡିକାଙ୍କ ନିର୍ଦ୍ଦେଶ ଅନୁସାରେ ସବ୍ ଇନ୍ସପେକ୍ଟର ଦୀପକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଦୟାନିଧି ମୁର୍ଜା ଓ ଅନ୍ୟମାନଙ୍କୁ ନେଇ ଏକ ଦଳ ତଦନ୍ତ ଆରମ୍ଭ କରିଥିଲେ। ମୋବାଇଲ୍ ଫୋନ୍ ଯାଞ୍ଚ୍ କରି ପ୍ରଥମେ ମୁଖ୍ୟ ଅଭିଯୁକ୍ତ ସୁନିଲକୁ ନାଲ୍‌କୋ ଗେଟ୍ ପାଖ ଅଞ୍ଚଳରୁ ଧରିବାରେ ସଫଳ ହୋଇଥିଲେ। ସୁନିଲକୁ ଆଣି ଥାନାରେ ପଚାରାଉଚରା କରିବା ପରେ ସେ ଏଲିଆସ ଓ ଅନ୍ୟ ଜଣେ ନାବାଳକର ନାଁ କହିଥିଲା। ତିନି ଅଭିଯୁକ୍ତ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ/ଥାନା ଅନ୍ତର୍ଗତ ଲୁଲା ଗ୍ରାମର ବୋଲି ଜଣାପଡିଛି। ୯ ତାରିଖ ଏତଲାକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଶ୍ରୀମତୀ ବିଡ଼ିକା ସୂଚନା ଦେଇଛନ୍ତି।

# ଏନ୍‌ସିସି କ୍ୟାଡେଟ୍ ସର୍ଜେଣ୍ଟ ଭାଗ୍ୟଶ୍ରୀ କାଦେୟାଙ୍ଗଙ୍କ ଜାତୀୟ କୀର୍ତ୍ତିମାନ



ସୁନାବେଡ଼ା,୧୯।୯(ସମିସ): ଏନ୍‌ସିସି ସଦାରଣତଃ ସିଷ୍ଟାଚାର, ନିଷ୍ଠା ଓ ନେତୃତ୍ୱର ପ୍ରତୀକ। ଏହି ସବୁ ଗୁଣର ସୁନ୍ଦର ଉଦାହରଣ ହେଲେ ସର୍ଜେଣ୍ଟ ଭାଗ୍ୟଶ୍ରୀ କାଦେୟାଙ୍ଗ। ସେ ୨୦୨୪ ମସିହାରେ ୨(ଓ) ଗର୍ଲ୍ସ ବଟାଲିୟନ୍, ଏନ୍‌ସିସି ରାୟଗଡ଼ା ଅଧୀନରେ ଏନ୍‌ସିସିରେ ଭର୍ତ୍ତି ହୋଇଥିଲେ। ଆରମ୍ଭରୁ ହିଁ ସେ ଏନ୍‌ସିସି କାର୍ଯ୍ୟକଳାପ ପ୍ରତି ଉତ୍ସାହ, ନିଷ୍ଠା ଓ ପରିଶ୍ରମରେ ସମସ୍ତଙ୍କ ନଜରକୁ ଆସିଥିଲେ। ମେ ୨୦୨୪ରେ ଆୟୋଜିତ ବାର୍ଷିକ ଟ୍ରେନିଙ୍ଗ କ୍ୟାମ୍ପରେ ଅଂଶଗ୍ରହଣ କରି ସେ ଫାୟାରିଂ ପ୍ରତିଯୋଗିତା ପାଇଁ ବିଭାଗ ଦ୍ୱାରା ଚୟନ ହୋଇଥିଲେ। ଏହା ତାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସିଢ଼ି ଥିଲା। ତାଙ୍କର ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ସମର୍ପଣରେ ସେ ବିଭିନ୍ନ ପର୍ଯ୍ୟାୟର ଚୟନ କ୍ୟାମ୍ପ୍ ଅତିକ୍ରମ କରିଥିଲେ। ସେ ଡିଏଭି ଭିଏସଭି, ସୁନାବେଡା ସ୍କୁଲ୍, ନିଜର ୨(ଓ) ଗର୍ଲ୍ସ ବାଟାଲିୟନ୍, ଏନ୍‌ସିସି ରାୟଗଡ଼ା ଓ ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଜାତୀୟ ସ୍ତରର ଅଲ୍ ଇଣ୍ଡିଆ ସ୍ଥଳ ସେନିକ୍ କ୍ୟାମ୍ପ (ଟିଏସସି)ରେ ଭାଗ୍ୟଶ୍ରୀ କଠୋର ପରିଶ୍ରମ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ୮ମ ସ୍ଥାନ ଅଧିଗ୍ରହଣ କରିଥିଲା। ଏହି ସଫଳତା ପଛରେ ୨(ଓ) ଗର୍ଲ୍ସ ୱିଙ୍ଗ ଏନସିସି ,ରାୟଗଡ଼ାର କମାଣ୍ଡିଙ୍ଗ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣଲ ଆର. ସି ବର୍ଥୱାଲ, ଡିଏଭି ଭିଏସ୍‌ଭି, ସୁନାବେଡାର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ, ଟ୍ରେନିଙ୍ଗ ଅଫିସର, ସୁବେଦାର୍ ବିନୋଦ କେ.ଓ ତାଙ୍କ ଟିମ୍, ଏଏନ୍‌ଓଟିଓ, ଆରତୀ ରାଣୀ ସାହୁ ଓ ସିଟିଓ, ଜୟନ୍ତ କୁମାର ସାହୁଙ୍କ ସହଯୋଗ ରହିଛି ବୋଲି ସେ କହିଛନ୍ତି। ତାଙ୍କ ସଫଳତା ଏହି କେବଳ ସ୍କୁଲ୍ ଓ ବଟାଲିୟନ୍ ପାଇଁ ନୁହେଁ, ସମଗ୍ର ଓଡ଼ିଶାର ଗର୍ବ ବୋଲି କୁହାଯାଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ରାୟଗଡ଼ା,୧୯।୯(ସମିସ): ରାୟଗଡ଼ାର ନ୍ୟୁ ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମା’ ଗଜଲକ୍ଷ୍ମୀ ପୂଜା କମିଟିର ୩୦ତମ ପୂଜା ଆୟୋଜନ ନିମନ୍ତେ ଗୁରୁବାର ଶୁଭ ଖୁଣ୍ଟି ସ୍ଥାପନ ନିୟୁ କଲୋନୀ ସ୍ଥିତ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ଜଗନ୍ନାଥ ସାହୁ କର୍ତ୍ତା ରୂପେ ପୂଜା କାର୍ଯ୍ୟ କରିଥିଲେ। ପୂଜାରୀ ପ୍ରବୀର ମହାରାଜ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ୧୪ ତାରିଖରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ମାସ ୬ ତାରିଖ ଠାରୁ ୧୭ତାରିଖ ପର୍ଯ୍ୟନ୍ତ ୧୨ ଦିନ ଧରି ମାଁଙ୍କର ସମସ୍ତ ପୂଜା ସହ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ଆଡମ୍ବରର ସହ ପୂଜା ଓ ଉତ୍ସବ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏହି ପୂଜାକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ପୂଜା କମିଟି ରାୟଗଡ଼ା ଜିଲ୍ଲା ପ୍ରଶାସନ, ପୁଲିସ, ପୌରସଂସ୍ଥା, ମିଡିଆ ତଥା ସମସ୍ତ ରାୟଗଡାବାସୀଙ୍କ ସହଯୋଗ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଏନ୍. ତ୍ରିନାଥ ରାଓ, ଉପଦେଷ୍ଟା ସବ୍ୟସାଚୀ ସାହୁ, ରାମପ୍ରସାଦ ପାତ୍ର, ଉପ ସଭାପତି ବିନୋଦ ସାହୁ, କୋଷାଧ୍ୟକ୍ଷ ଦିଲୀପ ସାହୁ, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ବ୍ରହ୍ମା, ପୂଜା ସମ୍ପାଦକ୍ ଲକ୍ଷ୍ମୀକାନ୍ତ ଦାଶ ଓ ସୁରେଶ ଚନ୍ଦ୍ର ସାମନ୍ତରାୟ ତଥା ସଦସ୍ୟ ମନୋଜ ସାହୁ, ବାଲାଜୀ ପାଢୀ, ଅଶୋକ ସାହୁ, ଶିବ ନାୟକ, ଶୁଭେନ୍ଦୁ ମହାପାତ୍ର, ମୋହନ ରାଓ ଓ କିଶୋର ସାହୁ ପ୍ରମୁଖ ସହ ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ରନ୍ଧନ ଗ୍ୟାସ ଲିକ୍‌ରୁ ଅଘଟଣ

# ବିସ୍ଫୋରଣରେ ଉଡ଼ିଗଲା ଘରର ଛପର : ୨ ଗୁରୁତର



ନନ୍ଦପୁର,୧୯।୯ (ସମିସ): ରନ୍ଧନ ଗ୍ୟାସ୍ ଲିକ୍ ଯୋଗୁଁ ଅଘଟଣ ଘଟି ଦୁଇ ଜଣ ଗୁରୁତର ହୋଇଛି। ବୋହୂ ଓ ଶଶୁର ପୋଡିଯାଇ ଗୁରୁତର ହୋଇ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ସକାଳେ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ କୁଲାବିର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିଲାପୁଟ ଗ୍ରାମରେ ଏହି ଘଟଣା ଘଟିଛି। ବଳରାମ ଡୁରୁଙ୍କ ଘରେ ଏହି ଅଘଟଣ ଘଟିଛି। ବିସ୍ଫୋରଣରେ ଘରର ଆଜବେଷ୍ଟର୍ସ ଛପର ଛାରଖାର ହୋଇଯାଇଛି। ସୂଚନା ଅନୁସାରେ ଗତ ରାତିରେ ରୋଷେଇ ଶେଷ ହେବା ପରେ ଖାଦ୍ୟ ଖାଇ ସାରି ପରିବାର ଲୋକେ ଶୋଇ ପଡିଥିଲେ। ତେବେ କୌଣସି କାରଣରୁ ରାତି ତମାମ ଗ୍ୟାସ ହାଣ୍ଡି ଲିକ୍ ହୋଇ ଘର ସାରା ଗ୍ୟାସ ଭର୍ତ୍ତି ହୋଇ ରହିଥିଲା। ସକାଳୁ ପରିବାର ଲୋକେ ଉଠିବା ବେଳକୁ ଘର ସାରା ଗ୍ୟାସ ଲିକ୍ ହେବା ଦୁର୍ଗନ୍ଧ ହେଉଥିଲା। ତେବେ ବଳରାମଙ୍କ ବୋହୂ ରଶ୍ମିତା ଡୁରୁ ସକାଳୁ ଉଠି ରୋଷେଇ ଘରକୁ ଯାଇ ଗ୍ୟାସ୍ ଚୁଲା ଲଗାଇବା କ୍ଷଣି ହଠାତ୍ ଘରେ ଭର୍ତ୍ତି ଥିବା ଗ୍ୟାସ ଜଳି ଉଠିଥିଲା। ତେଣୁ ରୋଷେଇ ଶାଳରେ ଶୋଇଥିବା ଶଶୁର ବଳରାମ ଡୁରୁ ଓ ବୋହୂ ରଶ୍ମିତା ଜଳି ଯାଇଥିଲେ । ନିଆଁ ଲାଗିବାରୁ ଗ୍ୟାସ ସିଲିଣ୍ଡରରୁ ବଡ଼ ଶବ୍ଦ ହୋଇ ଘର ଛପର ସବୁ ଚାରଖାର ହୋଇ ଯାଇଥିଲା। ପାଖ କୋଠରୀରେ ଶୋଇଥିବା ବଳରାମଙ୍କ ପୁଅ ଉଠି ଦେଖିବା ବେଳେକୁ ବାପା ଓ ପତ୍ନୀ ଉଭୟେ ଜଳି ସାରି ଥିଲେ। ତାଙ୍କୁ ଉଦ୍ଧାର କରି ତୁରନ୍ତ କୋରାପୁଟ ମେଡିକାଲକୁ ନିଆଯାଇଥିଲା। ଘଟଣାଟି ଶୁକ୍ରବାର ଭୋର ସକାଳ ପ୍ରାୟ ପାଞ୍ଚ ଘଟଣା ସମୟ ହୋଇଥବା। ଜଣାପଡିଛି । ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୧୯।୯(ସମିସ): ଏକ ହତ୍ୟା ମାମଲାର ବିଚାର କରି ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଅଭିଯୁକ୍ତ ସୁଦର ମାଝୀ ଓ ମଦନ ମାଝୀକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁସାରେ ନବରଙ୍ଗପୁର ଥାନା ଅନ୍ତର୍ଗତ ଦେଉଳା ଗ୍ରାମର ପୀତାମ୍ବର ପୂଜାରୀ ଗତ ୨୦୨୦ ଜୁନ୍ ୧୯ ତାରିଖ ଦିନ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଭାଇ ଈଶ୍ୱର ପୂଜାରୀ ଗତ ୨୦୨୦ ଜୁନ ୧୮ ତାରିଖ ରାତି ୯ଟା ସମୟରେ ନବୀନ ପୂଜାରୀ, ପର୍ଶୁରାମ ଭତରା, ମନୋଜ ପୂଜାରୀ ଓ ଡ଼ଙ୍ଗରୀଗୁଡା ଗ୍ରାମର ଜଗନ୍ନାଥ ଗୌଡ଼ ସହ ଝାଡ଼ା ଯାଇ ଆଉ ଘରକୁ ଫେରିନଥିଲେ। ଘଟଣା ପର ଦିନ ତାଙ୍କର ମୃତଦେହ ସାନମସିଗାଁ ଛକ ନିକଟରେ ଦେଖିବାକୁ ପାଇଥିଲେ। ଉକ୍ତ ଅଭିଯୋଗ ଆଧାରରେ ନବରଙ୍ଗପୁର ପୁଲିସ ନବରଙ୍ଗପୁର ଥାନା କେସ ନମ୍ବର ୧୪୬/୨୦୨୦ ପ୍ରକାରେ ଭାରତୀୟ ପିଙ୍ଗଳ କୋର୍ଡର ଦଫା ୩୦୨ ଓ ୨୦୧ ପ୍ରକାରେ କେଶ୍ ରୁଜୁ କରି ଅଭିଯୁକ୍ତ ମଦନ ମାଝୀ, ସୁଦର ମାଝୀ, ଈଶ୍ୱର ପୂଜାରୀ ଓ ଗୁପ୍ତ ମାଝୀକୁ କୋର୍ଟ ଚାଲାଣ କରିଥିଲେ। ଇତିମଧ୍ୟରେ ଈଶ୍ୱର ପୂଜାରୀଙ୍କ ମୃତ୍ୟୁ ଘଟିଛି । ସମସ୍ତ ୧୬ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଅଭିଯୁକ୍ତ ସୁଦର ମାଝୀ ଓ ମଦନ ମାଝୀକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଜିଲ୍ଲାର ବରିଷ୍ଠ ଓକିଲ ନରସିଂହ ନାଥ ତ୍ରିପାଠୀ କେସ କୁ ପରିଚାଳନା କରୁଥିବା ବେଳେ ଆଇନଜୀବୀ ପ୍ରଫୁଲ୍ଲ ସିଂ, ଶେଖ୍ ବାବା ଅଲିଶା, ସଞ୍ଜୀବ କୁମାର୍ ଭକ୍ତ ପ୍ରମୁଖ ସହଯୋଗ କରିଥିବା ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ଭଡ଼ା ନ ମିଳିବାରୁ ଷ୍ଟଲ୍ ସିଲ୍ କଲା ଆରଏମ୍‌ସି



ନବରଙ୍ଗପୁର,୧୯।୯(ସମିସ): ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନରେ କାର୍ଯ୍ୟାଳୟ ପାଶ୍ୱର୍ ଗାନ୍ଧୀନଗର ଯିବା ରାସ୍ତାରେ ଥିବା ଷ୍ଟଲ୍ ମଧ୍ୟରୁ ୬ଟି ଷ୍ଟଲର ଭଡ଼ା ୪ବର୍ଷ ଧରି ବକେୟା ପଡ଼ିଛି। ୬ଲକ୍ଷ ୧୫ ହଜାର ୪୫ ଟଙ୍କା ଭଡ଼ା ଷ୍ଟଲ ଖୋଲିବା ଠାରୁ ବ୍ୟବସାୟୀ ମାନେ ଦେଇ ନଥିବା କହିଛନ୍ତି । ଏଣୁ ନିୟନ୍ତ୍ରିତ ବଜାର କମିଟି ସଂପାଦକ କପିଳେନ୍ଦ୍ର ସାସମଲ ପୁଲିସ ଓ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ନମିତା ପ୍ରଧାନଙ୍କ ଉପସ୍ଥିତିରେ ୧୩, ୧୬, ୨୪, ୨୭, ୨୮ ଓ ୨୯ ନମ୍ବର ଷ୍ଟଲର ଚାବିକୁ ଭାଙ୍ଗି ଆରଏମସି ପକ୍ଷରୁ ନୂଆ ତାଲା ପକାଇ ସିଲ୍ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜିଲ୍ଲା ସଦରମହକୁମାରେ ହାଟପଦା ପରିସରରେ ଥିବା ଆରଏମସି କାର୍ଯ୍ୟାଳୟ ଚାରି ପାଶ୍ୱର୍ ରାସ୍ତା ପାଶ୍ୱର୍ରେ ଷ୍ଟଲ୍ ନିର୍ମାଣ କରାଯାଇଛି। ଏଥିରୁ ୬ଟି ଯଥା ୧୩, ୧୬, ୨୪, ୨୭, ୨୮ ଓ ୨୯ ନମ୍ବର ଷ୍ଟଲ୍‌ନେବା ଠାରୁ ଆରଏମ୍‌ସିକୁ ଭଡ଼ା ଦେଇନାହାନ୍ତି ବୋଲି କହିଛନ୍ତି । ଷ୍ଟଲ୍‌ର ମାସିକ ୧୮୩୭ ଟଙ୍କା ଭଡା ଦେଉ ନଥିବା ବେଳେ ବହୁ ବ୍ୟକ୍ତି ବ୍ୟବସାୟ ପାଇଁ ଷ୍ଟଲ ନେଇ ତାଲା ପକାଇ ସେଭଳି ଖାଲି ରଖିଥିବା ଦେଖିବାକୁ ମିଳିଛି। ଅଦରକାରୀ ସାମଗ୍ରୀ ବି ରହିଥିବା ଦେଖିବାକୁ ମିଳିଛି। ଏହି ଷ୍ଟଲ୍ ଗୁଡ଼ିକର ସିଲ୍ କରିବା ସମୟରେ ନିୟନ୍ତ୍ରିତ ବଜାର କମିଟି ସୁପର ଭାଇଜର ରାଜେନ୍ଦ୍ର ପଟ୍ଟନାୟକ , ଗଙ୍ଗା ରାଓଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଘନଶ୍ୟାମ ନାୟକ ,ହେମନ୍ତ ସୁର , ସନ୍ତୋଷ ପାଳ ପ୍ରମୁଖଙ୍କ ସମେତ ବହୁ ପୁଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀ ସମ୍ମିଳନୀ



ସୁନାବେଡ଼ା ,୧୯।୯ (ସମିସ): ସୁନାବେଡ଼ା ଶାଶ୍ୱତୀ ମହିଳା ମହାସଂଘ ସଭାଗୃହ ଠାରେ କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସ୍ୱଚ୍ଛତା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାଗୃତି ମହାସଂଘର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିନୋଦ ଚନ୍ଦ୍ର ବେହେରା ଯୋଗ ଦେଇ ଉପସ୍ଥିତ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ସଚେତନ କରିଥିଲେ। ନିଜ ପରିବେଶ ଓ ନିଜ ଅଞ୍ଚଳ କିପରି ସ୍ୱଚ୍ଛ ରଖି ନିଜ ସ୍ୱାସ୍ଥ୍ୟ ମଧ୍ୟ ସୁରକ୍ଷିତ ରଖିବେ ସେ ବିଷୟରେ ବୁଝାଇଥିଲେ। ଏତଦ୍ ବ୍ୟତୀତ ନିଜ ଘରର ବଗିଚାରେ ଥିବା ଅଳ୍ପ ଜମିରେ ଏବଂ ଘର ଛାତରେ ମଧ୍ୟ ବିଭିନ୍ନ ପ୍ରକାରର ପରିବା ଚାଷ କରି କିଛି ପଇସା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇ ପାରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଶାଶ୍ୱତୀ ମହିଳା ମହାସଂଘର ଉପଦେଷ୍ଟା ଅଶ୍ୱନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ତୀରନ୍ଦାଜ, ଭାରୋତ୍ତୋଳନ ଚୟନ ଶିବିର



ନବରଙ୍ଗପୁର,୧୯।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଜିଲ୍ଲା ସ୍ତରୀୟ ତୀରନ୍ଦାଜ, ଭାରୋତ୍ତୋଳନ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାର ୧୫୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯେଉଁମାନେ ଏହି ପ୍ରତିଯୋଗିତାରେ ମନୋନୀତି ହୋଇଛନ୍ତି, ସେମାନେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଓ ତୀରନ୍ଦାଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରୋତ୍ତୋଳନରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଏବଂ ତୀରନ୍ଦାଜରେ ସୁନ୍ଦରଗଡ଼ ଠାରେ ଅଂଶ ଗ୍ରହଣ କରିବେ,। ତୀରନ୍ଦାଜରେ ରାଇଘର ବ୍ଲକ ଯୋଡିଙ୍ଗା କନ୍ୟା ଆଶ୍ରମର ବାଳିକା ମାନେ ପ୍ରଥମ ଥର ଭାଗ ନେଇ ୮ ଜଣ ବାଳିକା ରାଜ୍ୟ ସ୍ତରୀୟ ପାଇଁ ମନୋନୀତ ହୋଇଛନ୍ତି। ଏହି ଚୟନ ପ୍ରକ୍ରିୟାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, ଅସିମ ବିଶ୍ୱାସ, ଶ୍ରୀନିବାସ ପାଢ଼ୀ ଏବଂ କ୍ରୀଡ଼ା ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି, ବିଭାଶିଷ ଦେ, କିଶୋର ସିଲ, ସପନ ବୈରାଗୀ, ପ୍ରଦୀପ ବିଶ୍ୱାସ, ରଶ୍ମିତା ବରାଳ, ଏମ୍ ବିଜୟ କୁମାର, ଗୁରୁ ଚରଣ ପ୍ରଧାନ, ମିଳି ହାଲଦାର, ଇର୍ମା ପଡିଆମି ଏବଂ କିଶୋର ଗଣ୍ଡ ଚୟନ ଶିବିରର ଦାୟିତ୍ୱରେ ଥିଲେ।

ଗୋପବନ୍ଧୁ ସେବା ପରିଷଦର ପ୍ରୟାସ

# ଜ୍ଞାନର ଆଲୋକ ଦେଖାଉଛି ‘କିରଣ’ ପାଠଶାଳା



ବୈପାରୀଗୁଡ଼ା,୧୯।୯(ସମିସ): ଗ୍ରାମାଞ୍ଚଳରେ ଶିକ୍ଷା ଠାରୁ ବହୁ ଦୂରରେ ରହି କିଏ ମାଛ ଧରିବାକୁ ଯାଉଥିଲା ତ ଆଉ କିଏ ଗାଈ ଚରାଉଥିଲା। ଏଭଳି ପିଲାମାନଙ୍କୁ ଏକଜୁଟ କରାଇ ମାଗଣା ଶିକ୍ଷାଦାନ ସହ ସେମାନଙ୍କୁ ସ୍କୁଲ ମୁହାଁ କରାଇବା ପାଇଁ ପ୍ରୟାସ କରିଛି ବୈପାରୀଗୁଡା ଅଞ୍ଚଳର ଗୋପବନ୍ଧୁ ସେବା ପରିଷଦ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ସେମାନଙ୍କ ସୁନେଲି ସ୍ୱପ୍ନକୁ ସାକାର କରିବା ପାଇଁ ଅଣ୍ଟା ଭିଡ଼ିଛି ଅନୁଷ୍ଠାନ। “କିରଣ “ ନାମକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ଡ୍ରପ ଆଉଟ ପିଲାଙ୍କୁ ସାର୍ବଜନିନ ଶିକ୍ଷା ନିମନ୍ତେ ଏକ ଅଭିନବ ପ୍ରୟାସ କରାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ସେବା ପରିଷଦ ପକ୍ଷରୁ ବୈପାରୀଗୁଡା ବ୍ଲକର ଡ଼ମୁଣିଝୋଲି, ଗୟଲଯୋଡି, ଚିଲିମାଳ, ପଟେଇପଦର, ସିଲିମାଲ ଭଳି ୫ଟି ସ୍ଥାନରେ ଚାଲିଛି “କିରଣ “ କାର୍ଯ୍ୟକ୍ରମ। ଡ୍ରପ୍ ଆଉଟ୍ ଏବଂ ଆଦୌ ପାଠ ପଢି ନଥିବା ପାଞ୍ଚ ବର୍ଷରୁ ପନ୍ଦର ବର୍ଷ ପିଲାଙ୍କୁ ନେଇ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ। ମୋଟ ୧୨୦ରୁ ଅଧିକ ପିଲାଙ୍କୁ ଶିକ୍ଷାର ଆଲୋକ ଦେଖାଇ ନୂତନ ଭବିଷ୍ୟତର ବାଟ କଢାଇ ନେଉଛି ଏହି ଅନୁଷ୍ଠାନ । ସେମାନଙ୍କ ସମୟ ସୁବିଧା ଅନୁଯାୟୀ ପାଠପଢା ଚାଲିଛି । ଏହି କାର୍ଯ୍ୟକ୍ରମକୁ ନେଇ କାଠପୋଡା ପଞ୍ଚାୟତ ଡମୁଣିଝୋଲି ଗାଁର ଅଭିଭାବକ ଚଞ୍ଚଳା ଖରା, ଉର୍ଦ୍ଧବ ଖରା ଏବଂ ଗୟଲଯୋଡି ଗାଁର ଦୌତାରି ଖିଲ କହିଛନ୍ତି ଯେ, ସେମାନେ ରାତି ପାହିଲେ କାମକୁ ଯିବା ପରେ ଧୂଳିବାଲିରେ ବିତିଯାଉଥିଲା ପିଲାମାନଙ୍କ ଶୈଶବ। ଆଜି “କିରଣ’ ପାଠଶାଳା ସମୟ ହୋଇଗଲେ ବ୍ୟାଗ ବସ୍ତାନୀ ଧରି ବାହାରି ପଡୁଛନ୍ତି ଏଇ କୁନି କୁନି ପିଲା। ସିଲଟ ଖଡିର ମାନେ ବୁଝୁ ନଥିବା ପିଲାମାନେ ଆଜି ଅ’ ଆ’ ଡାକି ପାଠ ପଢୁଛନ୍ତି । ଏମାନଙ୍କୁ ମଧ୍ୟରୁ କିଏ ତ ଡ୍ରପ ଆଉଟ ପିଲା ଆଉ କିଏ ତ ମୂଳରୁ ସ୍କୁଲ ଯାଇନି । ବିଦ୍ୟାଳୟ ସୁବିଧା ନଥିବା ଯୋଗୁଁ ଶିକ୍ଷାରୁ ବଞ୍ଚିତ ଥିଲେ। ଏବେ ଆଉ ଏହି ଅନ୍ଧାରୀମୂଳକରେ ଜ୍ଞାନର ଆଲୋକ ଦେଖାଉଛି “କିରଣ’ ପାଠଶାଳା। ଏଥିଲାଗି ଅନୁଷ୍ଠାକୁ ଧନ୍ୟବାଦ ଜଣାଇଛନ୍ତି ଗ୍ରାମବାସୀ। ଏନେଇ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ ମହାରଣା କହିଛନ୍ତି ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେତୁ ଗାଁ ଲୋକେ ସରକାରୀ ଯୋଜନା ବିଷୟରେ ଜାଣି ପାରୁନାହାନ୍ତି । ପିଲାଙ୍କ ପାଇଁ ହଷ୍ଟେଲ ସୁବିଧା ଅଛି କିନ୍ତୁ ଅଭିଭାବକ ସଚେତନ ନାହାନ୍ତି । ଗାଁ ଲୋକେ କାମ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ସେମାନଙ୍କ ପିଲାମାନେ ମଧ୍ୟ ସେମିତି ଅଜ୍ଞାନର ଅନ୍ଧକାର ଭିତରେ ବୁଡ଼ି ଯାଇଥିଲେ। ପାଖ ଆଖରେ ସ୍କୁଲ ନଥିବାରୁ କୁନିକୁନି ପିଲାମାନେ ପାଠପଢିବା ପାଇଁ ମୁସ୍କିଲ ହେଉଥିଲା। ଏମିତି ପରିସ୍ଥିତି ଭିତରେ ତାଙ୍କ ଅନୁଷ୍ଠାନର “କିରଣ “ପାଠଶାଳା ଏହି ପିଲାମାନଙ୍କ ଭବିଷ୍ୟତ ଗଢିବା ପାଇଁ ଅଣ୍ଟା ଭିଡ଼ିଛି। ଏଥିରେ ଗୁଞ୍ଜ ଅନୁଷ୍ଠାନ ଏବଂ ଜୀବଦୟା ଫାଉଣ୍ଡେସନ ସହାୟତା କରିଛନ୍ତି ।ମାଗଣା ଶିକ୍ଷାଦାନ ସହ, ପାଠ୍ୟ ଉପକରଣ ଯୋଗାଇ ଦେଇ ପିଲାମାନଙ୍କୁ ପାଠ ପ୍ରତି ଆକୃଷ୍ଟ କରାଯାଉଛି। ଆଗାମୀ ଦିନରେ ଏମାନେ ବିଦ୍ୟାଳୟ ମୁହାଁ ହେବେ, ଏନେଇ ଚେଷ୍ଟା କରାଯିବ। ପ୍ରତ୍ୟେକ ଶିଶୁର ଶିକ୍ଷା ପାଇବାର ଜନ୍ମଗତ ଅଧିକାର। “କିରଣ” କାର୍ଯ୍ୟକ୍ରମଟି ବେଶ ସହାୟକ ହେବ ବୋଲି ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ ଆଶା ପ୍ରକଟ କରିଛନ୍ତି।

# ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦର ରକ୍ତଦାନ ଶିବିର



ନବରଙ୍ଗପୁର,୨୯।୯(ସମିସ): ସେପ୍ଟେମ୍ବର ୧୭ ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦର ପ୍ରତିଷ୍ଠା ଦିବସ ଅବସରରେ ମେଗା ରକ୍ତଦାନ ଅଭିଯାନ ଆୟୋଜିତ ହୋଇଥିଲା। ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦର ନବରଙ୍ଗପୁର ତେରାପନ୍ଥ ଯୁବକ ପରିଷଦ ଶାଖା ସ୍ଥାନୀୟ ଚିରାୟୁ ମେଡିକାଲ ଷ୍ଟୋରରେ ଏହି ରକ୍ତଦାନ ଶିବିର ହୋଇଥିଲା। ରକ୍ତଦାନ ଶିବିରରେ ମୋଟ ୬୬ ଜଣ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରେ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ , ନବରଙ୍ଗପୁର ବ୍ୟବସାୟୀ ସଂଘ ସଭାପତି ମାନସ ରଞ୍ଜନ ଦାଶ , କୁଞ୍ଜ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଥିଲେ। ନବରଙ୍ଗପୁର ଜିଲ୍ଲା ମୁଖ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସୁଶାନ୍ତ ଶତପଥୀ , ପୌରପାଳିକାର ମୁଖ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଅଶୋକ କୁମାର କର୍ଣ୍ଣ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପରିଷଦ ସଭାପତି ଦୀପକ ଜୈନ ରକ୍ତଦାନ କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଲଳିତ ଜୈନ ଏବଂ ଟିନୁ ଜୈନ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସଦ ବଳଭଦ୍ର ମାଝୀ ପ୍ରଥମେ ରକ୍ତଦାନ କରି ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ମୋଟ ୬୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମହିଳା ମଣ୍ଡଳ ସଭାପତି ବବି ଜୈନ , ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥ ମହାସଭାର ସଦସ୍ୟ ଲକ୍ଷ୍ମୀ ନାରାୟଣ ଜୈନ, ହରିଶ ଜୈନ, ସବିତା ଜୈନ, ଶୁଭମ ଜୈନ , ବିକାଶ କୁମାର ଅଗ୍ରୱାଲ, ଜ୍ଞାନଶାଳା ପ୍ରଶିକ୍ଷକ ବିଦିୟା ଜୈନ, ମହିଳା ମଣ୍ଡଳ ମନ୍ତ୍ରୀ ପୂଜା ଜୈନ, ବ୍ରିଜଲତା ଜୈନ, ସରୋଜ ଜୈନ, ଅଙ୍କିତ ଜୈନ,ସଂଯୋଜକ ରଚିତ ଅଗ୍ରୱାଲ, ପୀୟୁଷ ଜୈନ, ସୁମନ୍ତ ଜୈନ, ଅଙ୍କିତ ଜୈନ, ଆଲୋକ ମୋଦି, ଅଙ୍କେଶ ଅଗ୍ରୱାଲ, ଜିତେଶ ଅଗ୍ରୱାଲ, ବିବେକ ଅଗ୍ରୱାଲ ଏବଂ ପରିଷଦର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିବା ସହିତ ରକ୍ତଦାନ କରିଥିଲେ। ଶିବିରରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ୍ କର୍ମଚାରୀ ରକ୍ତଦାନ କରିଥିଲେ। ଲ୍ୟାବ୍ ଟେକ୍ନିସିଆନ୍ ଅରୁଣ ସ୍ୱାଇଁ, କର୍ମଚାରୀ ସଦସ୍ୟ ହେମନ୍ତ ରାଉତ, ସମ୍ବିତ ମିଶ୍ର, କପିଲ ଭତ୍ରା ଏବଂ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ବହୁ କର୍ମଚାରୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ଶେଷରେ ନରେଶ ଜୈନ ରକ୍ତଭଣ୍ଡାର ଲ୍ୟାବ୍ ଟେକ୍ନିସିଆନ୍ ଅରୁଣ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ।

# ଓଡ଼ିଶା ଲୋକସେବା ଅଧିକାର କାର୍ଯ୍ୟକ୍ରମ



ବିଷମ କଟକ,୧୯।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା’ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମା ଶଙ୍କର ନେମାଲପୁରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୁକ୍ତ ତିନି ମହାବିଦ୍ୟାଳୟର ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ନିରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ ବାବଦରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇବା ସହ ଲୋକସେବା ଅଧିକାର ଉପରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ କରମେନ୍ଦ୍ର ସାହୁ, ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ପ୍ରମୋଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସଭା ଶେଷରେ ଇଂରାଜୀ ଅଧ୍ୟାପକ ଦୟାନିଧି ବାଙ୍ଗିରି ଧନ୍ୟବାଦ ଜଣାଇଥିଲେ।

# ମଦ ଜବତ, ଜଣେ ଗିରଫ



କୋଷାଗୁମୁଡା,୧୯।୯(ସମିସ): ଆଜି ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ, ପାପଡାହାଣ୍ଡି ଅବକାରୀ ଥାନା ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ କୋଷାଗୁମୁଡା ଥାନା ଅନ୍ତର୍ଗତ ମୁଣ୍ଡାଗୁଡ଼ା ଗ୍ରାମର ଯଦୁ ଭତରା ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ଉ କରି ତାଙ୍କ ଘରୁ ୧୨ ଲିଟର ମଦ ସାଙ୍ଗକୁ ୩୦ଲିଟର ପୋଚ ଜବତ କରିଥିବା ସୂଚନା ମିଳିଛି । ଆସାମୀ ଯଦୁ ଭତରାଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ପ୍ରଥମ ବିଚାରପତିଙ୍କ ଅଦାଲତରେ ହାଜିର କରିଛି। ଏହି ଚଢ଼ଉରେ ନବରଙ୍ଗପୁର ଅବକାରୀ ବିଭାଗର ରିସମା ସୁନା, ସୁଧାଂଶୁ ଶେଖର ବାଘ, ଆକ୍ରମ ଖାନ ଓ ପ୍ରସାଦ ବଳବନ୍ତ ରାୟ ବି ସାମିଲ ଥିଲେ।

# ଜୟନ୍ତଗିରି ସରପଞ୍ଚଙ୍କ ବିରୋଧରେ ପୁଣି ଅନାସ୍ଥା ପ୍ରସ୍ତାବ



ଜୟପୁର,୧୯।୯(ସମିସ): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତଗିରୀ ସରପଞ୍ଚଙ୍କ ବିରୁଦ୍ଧରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାରେ ବିଳମ୍ବ ନେଇ ଆଜି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ନାଏବ ସରପଞ୍ଚ ବିମଳା ଭୁମିଆ ଏବଂ ଅନ୍ୟାନ୍ୟ ୱାର୍ଡ ମେମ୍ବର। ଗତ ଜୁନ ମାସ ୨୫ ତାରିଖରେ ଜୟନ୍ତଗିରି ସରପଞ୍ଚ ଭଦ୍ର ପୂଜାରୀଙ୍କ ବିରୋଧରେ ନାଏବ ସରପଞ୍ଚ ଏବଂ ଅନ୍ୟ ୱାର୍ଡ ମେମ୍ବର ମାନେ ମିଳିତ ଭାବେ ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। କିନ୍ତୁ ଆଜି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଯୋଗୁଁ ପୁଣି ଥରେ ଆଜି ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ନମ୍ରତା ଗଡତିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତିନି ମାସ ହେଲା ୱାର୍ଡ ମେମ୍ବର ମାନଙ୍କୁ ନ୍ୟାୟ ମିଳି ପାରି ନାହିଁ । ତେଣୁ ପ୍ରଶାସନ ଜୟନ୍ତଗିରି ସରପଞ୍ଚଙ୍କ ବିରୁଦ୍ଧରେ ପଦକ୍ଷେପ ନ ନେଲେ ଜନ ସାଧାରଣଙ୍କ ସମର୍ଥନରେ ଆମରଣ ଅନଶନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

● ଦୋକାନ ଗୃହ ଭୁଶୁଡ଼ିବା ଘଟଣା

# ସହରର ପୁରାତନ ଭବନ,ଦୋକାନ ଗୃହ ଯାଞ୍ଚ



ଜୟପୁର, ୧୯ । ୯(ସମିସ) : କୋରାପୁଟ ସହରରେ ଦୋକାନ ଗୃହ ଭୁଷୁଡିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ପୌରସଂସ୍ଥା ପକ୍ଷରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହାୟତାରେ ସହରର ପୌରସଂସ୍ଥା ରହିଥିବା ପୁରାତନ ଭବନ ଏବଂ ଦୋକାନ ଗୃହ ଯାଞ୍ଚ କରାଯାଇଛି। ଏହିପରି ସହରର ମହାରାଣୀ ପେଟା ସରୋଜିନୀ ଭବନ ପାଶ୍ୱର୍ରେ ରହିଥିବା ଦୁଇମହଲା ଭବନ, ପୁରାତନ ସରକାରୀ ବସଷ୍ଟାଣ୍ଡ ପାଶ୍ୱର୍ରେ ରହିଥିବା ଦୁଇ ମହଲା ଭବନ, ଶ୍ରମ ଅଦାଲତ ତଥା ସ୍ୱତନ୍ତ୍ର ଟ୍ରେଜେରୀ ନିକଟସ୍ଥ ଦୋକାନ ଗୃହ, ଦୈନିକ ବଜାର ଭିତରେ ରହିଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଦୋକାନ ବଜାରର ଯାଞ୍ଚ କରାଯାଇଥିଲା। ଏହି ଅବସରରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ବିପ୍ଳବ କୁଅଁର, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, ୱାର୍କ ସରକାର ଦେବ ପ୍ରସାଦ ମହାନ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଯାଞ୍ଚ ପରେ ଆଗାମୀ ଦିନରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସାର୍ଟିଫିକେଟ ଅନୁଯାୟୀ ବିପଦସଙ୍କୁଳ ଭବନ ଗୁଡିକକୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ହେବ ଏବଂ ସୁରକ୍ଷିତ ଭବନ ଗୁଡିକକୁ ଆବଶ୍ୟକ ଅନୁଯାୟୀ ମରାମତି କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି।

## 'କାପ୍‌କୋ'ରେ ଅର୍ଥ ହେରଫେର ଘଟଣା

# ଦରମା ନପାଇ ଦୟନୀୟ ଅବସ୍ଥାରେ କର୍ମଚାରୀ

କୋରାପୁଟ,୧୯।୯(ସମିସ): କୋରାପୁଟ ଏଗ୍ରିକଲଚର୍ ପ୍ରଡ୍ୟୁସର୍ସ କମ୍ପାନୀ (କାପକୋ)ରେ ଲକ୍ଷ ଲକ୍ଷ୍ୟ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଦୁଇ ମାସ ପୂର୍ବରୁ ଉଠିଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ପ୍ରଡ୍ୟୁସର୍ସ ଗ୍ରୁପ ମାନଙ୍କ ଠାରୁ ଗୋଲମରିଚ, କଫି, ମାଣ୍ଡିଆ, ହଳଦୀ, ଲେମନଗ୍ରାସ ତେଲ, ସୁଆଁ ଭଳି ସାମଗ୍ରୀ କ୍ରୟ କରାଯାଇଥିବା ଦେଖାଇ ପ୍ରାୟ ୪୦ ଲକ୍ଷ ଟଙ୍କା ହଡ଼ପ କରା ଯାଇଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ଆସିବା ବହୁ ପୂର୍ବରୁ କାପକୋର ଆକାଉଣ୍ଟାଣ୍ଟ ସୁକାନ୍ତ କୁମାର ପଟ୍ଟନାୟକ ଦୀର୍ଘ ୮ ମାସ ହେଲା ଫେରାର ଥିବାରୁ ଅଭିଯୋଗ ଅଧିକ ସନ୍ଦେହ ପରିସରକୁ ଆସିବା ସ୍ୱଭାବିକ। ଦୀର୍ଘ ମାସ ଯାଏ ଅନ୍ୟ କର୍ମଚାରୀ ମାନେ ଦରମା ନପାଇ ଦୟନୀୟଅବସ୍ଥାରେ ଥିବାରୁ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସକାଳେ ମାଜିଷ୍ଟ୍ରେଟ ଭବାନୀ ଶଙ୍କର ପ୍ରସାଦ ମିଶ୍ର, କାପକୋ ଅଧ୍ୟକ୍ଷା, ସମ୍ପାଦିକାଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ଆଲମାରୀ ତାଲା ଭାଙ୍ଗି କେତେକ ରେକର୍ଡ ଓ ବ୍ୟାଙ୍କ ଚେକ ଜବତ କରା ଯାଇଥିବା ଓର୍ମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ, ଉମା ମହେଶ ଏବଂ କାପକୋ ସିଇଓ ଗୁରୁ ବୁରୁଡି ସୂଚନା ଦେଇଛନ୍ତି। ଆଲମାରୀରୁ ସେଭଳି କିଛି ଗୁରତ୍ୱପୂର୍ଣ୍ଣ ସାମଗ୍ରୀ କିମ୍ବା ନଥିପତ୍ର ମିଳିନାହିଁ। କେବଳ ୪/୫ ଟି ରେକର୍ଡ ଏବଂ କେତୋଟି ଦସ୍ତଖତ ଥିବା ଚେକ ଓ ଆଉ କିଛି ବ୍ଲାଙ୍କ ଚେକ୍, ବ୍ୟବହାର ହୋଇଥିବା ଚେକର କପି ମିଳିଥିବା ମାଜିଷ୍ଟ୍ରେଟ ଶ୍ରୀ ମିଶ୍ର କହିଛନ୍ତି। ସେଗୁଡ଼ିକ ଯାଞ୍ଚ କରିବା ପରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ଓର୍ମାସ ସିଇଓ ଏ, ଉମା ମହେଶ ପ୍ରତିକ୍ରିୟା ଦେଇଛନ୍ତି। ସୂଚନା ଥାଉକି ଓର୍ମାସର ଆର୍ଥିକ ସହାୟତାରେ କାପକୋ ସଂସ୍ଥା ପରିଚାଳିତ ହୋଇଥାଏ। ୧୦ ଜଣ ସଦସ୍ୟାଙ୍କୁ ନେଇ କାପକୋ ଗଠିତ, ସେମାନଙ୍କ ମଧ୍ୟରୁ ଜଣେ ଅଧ୍ୟକ୍ଷା ଓ ଅନ୍ୟ ଜଣେ ସମ୍ପାଦିକା ଦାୟିତ୍ୱ ତୁଲାଇ ଥାଆନ୍ତି। ବର୍ତ୍ତମାନ ସାବିତ୍ରୀ ନାୟକ ଅଧ୍ୟକ୍ଷା ଓ ସବିତା ନାୟକ ସମ୍ପାଦିକା ଥିବାବେଳେ ଏ ଦୁଇଜଣଙ୍କ ଦସ୍ତଖତରେ ସମସ୍ତ ବ୍ୟାଙ୍କ କାରବାର ହୋଇଥାଏ। କମିଟିକୁ ସହାୟତା ପାଇଁ ଜଣେ ସିଇଓ, ଜଣେ ମାର୍କେଟିଂ ମ୍ୟାନେଜର ଓ ଆଉଜଣେ ଆକାଉଣ୍ଟାଣ୍ଟ କାପକୋ କମିଟି ଦ୍ୱାରା ନିଯୁକ୍ତ ହୋଇଛନ୍ତି। ଅଧ୍ୟକ୍ଷା ଏବଂ ସମ୍ପାଦିକା ଶିକ୍ଷାଗତ ଓ ଏବଂ ମାର୍କେଟିଂ କ୍ଷେତ୍ରରେ ସେଭଳି ଦକ୍ଷତା ନଥିବା କାରଣରୁ ସମସ୍ତ କାରବାର ଉପରୋକ୍ତ ତିନିଜଣ କର୍ମଚାରୀ ସମ୍ଭାଳି ଥାଆନ୍ତି। କାପକୋ ଯେତେବେଳେ ବିଭିନ୍ନ ସାମଗ୍ରୀ ଗ୍ରୁପ ମାନଙ୍କ ନିକଟରୁ କ୍ରୟ କରେ ସେମାନଙ୍କୁ ଅନଲାଇନ୍ ପେମେଣ୍ଟ କିମ୍?। ଚେକ୍ ମାଧ୍ୟମରେ ପେମେଣ୍ଟ କରା ଯାଇଥାଏ। ଏହି ସୁଯୋଗରେ କେତେକ କ୍ଷେତ୍ରରେ କୌଣସି ସାମଗ୍ରୀ କିଣା ନଯାଇ କିମ୍ବା କମ୍ ପରିମାଣର ଜିନିଷ କିଣି ଅଧିକ ପରିମାଣ ଦେଖାଇ ଟଙ୍କା ଉଠା ଯାଇଥିବା ସନ୍ଦେହ କରା ଯାଉଛି। କିଛି ମାସ ପୂର୍ବରୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀକ୍ଷା ବୈଠକ କରିବା ପରେ ଏହି ଘଟଣା ପଦାକୁ ଆସିଥିଲା। ବିଭିନ୍ନ ସାମଗ୍ରୀ କିଣାରେ ୩୦ ଲକ୍ଷ ଏବଂ ସାଧାରଣ ବୈଠକର ବିନା ଅନୁମୋଦନରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରା ଯାଇଥିବା ସମୀକ୍ଷା ବୈଠକରେ ଜଣା ପଡ଼ିଥିଲା। ଟଙ୍କା ହେରଫେର ଜଣା ପଡ଼ିବା ମାତ୍ରେ କାପକୋ ଅଧ୍ୟକ୍ଷା ଓ ସମ୍ପାଦିକାଙ୍କୁ ଡାକି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତାଗିଦ କରିବା ସହ ଆୟ ବ୍ୟୟର ବିସ୍ତୃତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ବ୍ୟାଙ୍କ ଖାତା ଅଚଳ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ଥିଲେ। କାପକୋ ସିଇଓ ଗୁରୁ ବୁରୁଡ଼ି ଅଧ୍ୟକ୍ଷା,ସମ୍ପାଦିକା ଓ ଆକାଉଣ୍ଟାଣ୍ଟ ସୁକାନ୍ତ କୁମାର ପଟ୍ଟନାୟକଙ୍କ ବିରୁଦ୍ଧରେ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଅଗଷ୍ଟ ମାସରେ ଟାଉନ ଥାନାରେ ଏତଲା ଦେଇଥିଲେ। ହେଲେ ଉକ୍ତ କେଶର କୌଣସି ଅଗ୍ରଗତି ହୋଇନଥିବାବେଳେ ବିଭାଗ ମଧ୍ୟ ଚୁପ ରହିବାରୁ ତାହା ଏକ ପ୍ରକାର ଶୀତଳ ଭଣ୍ଡାରକୁ ଚାଲିଯିବା ଭଳି ସ୍ଥିତି ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଦୀର୍ଘ ମାସ କର୍ମଚାରୀ ଦରମା ନପାଇ ହୋ ହାଲ୍ଲା କରିବା ପରେ ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଲମାରୀ ତାଲା ଭାଙ୍ଗିବା ପାଇଁ ନିଷ୍ପତି ନିଆ ଯାଇଥିଲା।



➤ ୮ ମାସ ହେଲା ଆକାଉଣ୍ଟାଣ୍ଟ ଫେରାର
➤ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଲମାରୀ ତାଲା ଭଙ୍ଗାଗଲା

■ କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନୋଟିସ୍ ପାଇଁ ଦାବି

# ୨୯ରୁ ଉପାଧ୍ୟକ୍ଷ ଓ ସମିତି ସଭ୍ୟସଭ୍ୟା ଦେବେ ଧାରଣା



ଜୟପୁର/କୁନ୍ଦୁରା, ୧୯।୯(ସମିସ) : କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଏକ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା । କିନ୍ତୁ ନୋଟିସ ଜାରି ହୋଇନଥିବା ଯୋଗୁଁ ତୁରନ୍ତ ନୋଟିସ ଜାରି କରିବାକୁ ଉପାଧ୍ୟକ୍ଷ ଓ ସମିତି ସଭ୍ୟ ଓ ସଭ୍ୟା ମାନେ ଦାବି ଜଣାଇଛନ୍ତି। ଗତ ଅଗଷ୍ଟ ୮ ତାରିଖରେ କୁନ୍ଦୁରା ପଞ୍ଚାୟତର ଉପାଧ୍ୟକ୍ଷ ତରୁଣୀସେନ ବିଶୋୟୀ ଓ ସଭ୍ୟ ଓ ସଭ୍ୟା ମାନେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଏକ ଅନାସ୍ଥା ପ୍ରସ୍ତାବ ଆଗତ କରିବା ନେଇ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାପରେ କୁନ୍ଦୁରା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ କୋରାପୁଟ ଠାରେ ଜିଲ୍ଲାପାଳ ମୋଜଜ ସତ୍ୟବାନ ମହାଜନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀଙ୍କ ଅଭିଯୋଗ ପରେ ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ଓ ସମିତି ସଭ୍ୟା ମାନଙ୍କ ଦସ୍ତଖତକୁ ଯାଞ୍ଚ କରାଯାଇଥିଲା। କିନ୍ତୁ ଆଜି ସୁଦ୍ଧା ଅନାସ୍ଥା ଭୋଟ ଉପରେ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରୀ କରାଯାଇନଥିବାରୁ ବର୍ତ୍ତମାନ ସୁଦ୍ଧା ଅନାସ୍ଥା ଭୋଟ ହୋଇପାରିନାହିଁ। ଏଣୁ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା ଯୋଗୁଁ ପୁନର୍ବାର ଅନୁରୋଧ କରାଯାଇ ଯଥାଶୀଘ୍ର ଅନାସ୍ଥା ଭୋଟ ସକାଶେ ତାରିଖ ଧାର୍ଯ୍ୟ କରିବା ଲାଗି ଆଦେଶ ପ୍ରଦାନ କରିବା ସଙ୍ଗେ ନୋଟିସ ଜାରି କରିବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହିପରି ଆସନ୍ତା ୨୭ ତାରିଖ ସୁଦ୍ଧା ନୋଟିସ ଜାରି କରାନଗଲେ ସେପ୍ଟେମ୍ବର୨୯ ତାରିଖଠାରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ସରପଞ୍ଚ ଓ ସମିତିସଭ୍ୟ ମାନେ ଚେତାବନୀ ଦେଇଛନ୍ତି। ଏହି ଦାବି ପତ୍ର ପ୍ରଦାନ ବେଳେ ଉପାଧ୍ୟକ୍ଷ ତରୁଣୀସେନ ବିଶୋୟୀ, ସମିତି ସଭ୍ୟ ଗୁପ୍ତ ଅଧିକାରୀଙ୍କ ସମେତ ସରପଞ୍ଚ ସମିତି ସଭ୍ୟ ଓ ସଭ୍ୟା ମାନେ ଉପସ୍ଥିତ ଥିଲେ।

# ଆନ୍ଦୋଳନ ପାଇଁ ସିଆର୍‌ପିଙ୍କ ଦାବିପତ୍ର




ନନ୍ଦପୁର, ୧୯।୯ (ସମିସ): ଓଡ଼ିଶା ଜୀବିକା ମିଶନର ସିଆର୍‌ପି ୬ ମାସ ହେବ ପାଇ ନାହାନ୍ତି ଦରମା। ନୂତନ ସରକାର ଗଠନ ପର ଠାରୁ ସେମାନେ 'ବାର ଦୁଆର ଶୁଣ୍ଢି ପିଣ୍ଡା' ଭଳି ବୁଲୁଛନ୍ତି। ନନ୍ଦପୁର ବ୍ଲକ୍‌ର ସିଆର୍‌ପି ମାନେ ଧାରଣାରେ ଯୋଗ ଦେବା ନେଇ ଏକ ସ୍ମାରକ ପତ୍ର ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ଦେବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ପାଇ ଘୋଷଣା କରିନ୍ତି । ନୂଆ ସରକାରଙ୍କ ନୂଆ ନୀତି ପାଇଁ ସିଆର୍‌ପି, ଏମ୍‌ବିକେ ମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଜଣାପଡ଼ିଛି। ଚଳିତ ବିଧାନ ସଭା ସମ୍ମୁଖରେ ରାଜ୍ୟର ସମସ୍ତ ଜିଲ୍ଲାର ବ୍ଲକରୁ ସିଆର୍‌ପି ମାନେ ଆସି ଧାରଣାରେ ବସି ଥିବା ବେଳେ ନନ୍ଦପୁର ବ୍ଲକ୍‌ରୁ ସିଆରପି ଓ ଏମ୍‌ବିକେମାନେ ଏଥିରେ ସାମିଲ ହେବେ ବୋଲି କୁହାଯାଉଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଚେତନତା

ଗୁଡାରୀ,୧୯।୯(ସମିସ) : ଗୁରୁବାର ଗୁଡାରି ଗୋଷ୍ଠୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଗୁଡାରି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସ୍ୱାଗତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଯଥା ମେଡିସିନ ବିଶେଷଜ୍ଞ ଡାକ୍ତର ସୁରେଶ ଦେବ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସାନ୍ତନୁ କୁମାର ରାଉତ, ଅନ୍ୟ ଡାକ୍ତରମାନେ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଅଞ୍ଚଳର ମୋଟ ୩୯୭ ଜଣ ମହିଳା ନିଜ ନିଜ ନାମ ପଞ୍ଜିକରଣ କରାଇଥିଲେ। ଗୁଡାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଅତିଥି ଭାବେ ଯୋଗଦେଇ ରିବନ କାଟି କାର୍ଯ୍ୟକ୍ରମର ଶୁଭ ଉଦ†ାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁଙ୍କ ସହ ସ୍ଥାନୀୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ବ୍ଲକ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




ଚନ୍ଦାହାଣ୍ଡି,୧୯।୯(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା ସ୍ଥିତ ପାନାବେଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଗତକାଲି ଠାରୁ ଦୁଇ ଦିନ ଧରି ଆୟୋଜିତ ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଦିନ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ୧୭ ବର୍ଷରୁ କମ୍ ବରିଷ୍ଠ ବିଭାଗରେ୧୮୭ ଜଣ ଛାତ ଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଆଜି ଦ୍ୱିତୀୟ ଦିବସରେ ୧୪ ବର୍ଷରୁ କମ କନିଷ୍ଠ ବିଭାଗରେ ୧୬୭ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଭୟ ବର୍ଗର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଓ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେବେ। ଏହାପରେ ଚନ୍ଦାହାଣ୍ଡି ଗୋଷ୍ଠି ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆଙ୍କ ସଭାପତିତ୍ୱ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ସମିତି ସଭ୍ୟ ପୌରଷ ମାଝୀ, ନୋଡାଲ ପ୍ରଧାନ ଶିକ୍ଷକ ଶରତ କୁମାର ମାଝୀ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଜୟନନ୍ଦ ସୋରି, ପ୍ରେମଚାନ୍ଦ ଧରୁଆ ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଦୈତାରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସିଆରସିସି ବିଶ୍ୱ ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ସିଆରସିସି ତ୍ରିପତି ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଉଦ୍‌ଘାଟନକୁ ବର୍ଷେ ବିତିଲା

# କାର୍ଯ୍ୟକ୍ଷମ ହୋଇପାରିଲାନି ଫେକାଲ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ

କୋରାପୁଟ,୧୯।୯(ସମିସ): କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଲାଣ୍ଡିଗୁଡା ଗ୍ରାମରେ ଫେକାଲ୍(ମଳ) ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଗତ ବର୍ଷ ଅଗଷ୍ଟ ମାସ ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭର୍ଚୁଆଲ ମୋଡରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନର ବର୍ଷେ ବିତିଯାଇଛି, ତଥାପି ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଟ୍ରିଟମେଣ୍ଟ ପ୍ଲାଣ୍ଟର କିଛି ସମସ୍ୟା ରହିଛି। ଦ୍ୱିତୀୟ ମହଲା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସରିଲେ କାର୍ଯ୍ୟ ଆରମ୍ଭ ହେବ। କାର୍ଯ୍ୟ ସରିଲେ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବ ବୋଲି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। କୋରାପୁଟ ସହରରୁ ସଂଗୃହିତ ମଳ ସୁନାବେଡ଼ା ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ୨ କୋଟି ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ସେତେବେଳର ପୌର ପରିଷଦ ଯନ୍ତ୍ରୀ ଓ ଅଧିକାରୀ କାର୍ଯ୍ୟ ସଂପୂର୍ଣ୍ଣ ନ କରି ଉଦ୍‌ଘାଟନ ପାଇଁ କିପରି ଆଗଭର ହେଲେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ସେଠାରେ ଜଣେ ରାତ୍ରୀ ଜଗୁଆଳି ଦରମା ନେଇ ରହୁଛି। ବନ୍ଦ ରହିଥିଲେ ସୁଦ୍ଧା ବିଦ୍ୟୁତ ବିଲ ବାବଦରେ ଅର୍ଥ ଦିଆଯାଉଥବା, ପ୍ଲାଣ୍ଟ କାର୍ଯ୍ୟକ୍ଷମ ନ ହୋଇ ଅଯଥା ଖର୍ଚ୍ଚ ପାଇଁ କିଏ ଦାୟୀ ରହିବେ ବୋଲି ଚର୍ଚ୍ଚା ହେଉଛି। ସୁନାବେଡ଼ା ସହରରେ ପ୍ଲାଣ୍ଟ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ କୋରାପୁଟ ସହରରେ କେଉଁ କାରଣରୁ ପ୍ଲାଣ୍ଟ ନିର୍ମାଣ ହୋଇ ଉଦ୍‌ଘାଟନ ହେବା ସତ୍ତ୍ୱେ କାହିଁକି କାର୍ଯ୍ୟକ୍ଷମ ହେଲା ନାହିଁ, ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।



# କବିତା କ୍ରିଏସନ୍ ଶୁଭାରମ୍ଭ ଉତ୍ସବ




ଜୟପୁର, ୧୯। ୯(ସମିସ) : ଜୟପୁର ସହରରେ ନୂତନ ଭାବେ କବିତା କ୍ରିଏସନ ନାମରେ ଏକ ପ୍ରଯୋଜକ ସଂସ୍ଥାର ଶୁଭାରମ୍ଭ ଉତ୍ସବ ସ୍ଥାନୀୟ ମାଦଳା ସାହିସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଂସ୍ଥାର ପ୍ରଥମ ପ୍ରଯୋଜିତ ଓଡିଆ ସିନେମା 'ଭଉଁରିର ଖେଳ' ନାମକ ଏକ ଓଡିଆ ସିନେମ ଅତିଶିଘ୍ର ମୁକ୍ତିଲାଭ କରିବ। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ବିନୋଦିନୀ ସାନ୍ତାପାତ୍ର, ବ୍ୟବସାୟୀ ସୁବାଶ ରାଉତ, ବିଶିଷ୍ଟ ନାଟ୍ୟକାର ଗୋବିନ୍ଦ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋଜ ପାତ୍ର ପରିଚାଳନା କରିଥିବା ବେଳେ ଏହି ସଂସ୍ଥାର ମୁଖ୍ୟ କାଳୀ ପ୍ରସାଦ ମିଶ୍ର ନିଜ ଦିବଙ୍ଗତ ପତ୍ନୀଙ୍କ ସ୍ମୃତିରେ ଏହି ପ୍ରଯୋଜକ ସଂସ୍ଥାକୁ ଶୁଭାରମ୍ଭ କରିଛନ୍ତି। ଏହି ସିନେମାର କାହାଣୀ, ଦୃଶ୍ୟପଟ, ନିର୍ଦ୍ଦେଶନା ସନ୍ତୋଷ କୁମାର ଦାଶ ପ୍ରଯୋଜକ ବସନ୍ତ କୁମାର ଭଟ୍ଟ, କ୍ୟାମେରା ନିର୍ଦ୍ଦେଶକ ଇଂ.ବ୍ୟୋମକେଶ ଭୈରବ ମହାନ୍ତି, ସଂଗୀତ ସ୍ୱର୍ଗତ ନିହାର ରଞ୍ଜନ ମହାନ୍ତି. ଗୀତରଚନା ଧିରେନ ପଟ୍ଟନାୟକ ଏବଂ କାଳୀ ପ୍ରସାଦ ମିଶ୍ର ରହିଛନ୍ତି।

# ଧବଳମୁଖୀ ବେଶରେ ଦର୍ଶନ ଦେବେ ମା’ ସମଲେଇ



**୨୧ ମହାଳୟାଠାରୁ ୨୩ ମଧ୍ୟାହ୍ନ ପର୍ଯ୍ୟନ୍ତ ଅଢ଼େଇ ଦିନ**

ସମ୍ବଲପୁର, ୧୯।୯ (ସମିସ): ଆସନ୍ତା ୨୧ତାରିଖରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀଦେବୀ ମା’ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ପାଇଁ ନୀତିନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଧବଳମୁଖୀ ବେଶରେ ମା’ଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ କରିବା ସହ ଗଙ୍ଗା ଦର୍ଶନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପବିତ୍ର ମହାଳୟା ତିଥିରେ ମା’ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପୂଜକମାନଙ୍କର ମିଳିତ ନିଷ୍ପତ୍ତିକ୍ରମେ ଚଳିତବର୍ଷର ଦର୍ଶନ ସମୟ ନିର୍ଘଣ୍ଟ ହୋଇଛି। ୨୧ତାରିଖ ଭୋର୍ ସାଢ଼େ ୪ଟାରେ ମଙ୍ଗଳ ଆଳତି ହୋଇ ଭୋର୍ ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ପୂର୍ବାହ୍ଣ ୧୧ଟା ୪୫ ମିନିଟରୁ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନ୍ନଭୋଗ ଲାଗିବ ଓ ଦର୍ଶନ ବନ୍ଦ ରହିବ। ପରେ ସନ୍ଧ୍ୟା ମହାଆଳତି ପାଇଁ ଦର୍ଶନ ରାତି ୭ଟା ୪୫ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ ଏବଂ ପରେ ମା’ ସମଲେଶ୍ୱରୀଙ୍କ ଦର୍ଶନ ବନ୍ଦ ଓ ପହଡ଼ ନୀତି ହେବ ବୋଲି ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ମହାଳୟା, ୨୧ତାରିଖ ରବିବାରଠାରୁ ଆରମ୍ଭ କରି ୨୩ ତାରିଖ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ମା’ ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେବେ।

## ଦଶହରା ପାଇଁ ଚାଲିଛି ପରଭା ସଫେଇ

ଆସନ୍ତା ନବରାତ୍ର ସକାଶେ ମା’ ସମଲେଶ୍ୱରୀ ପରଭା ଓ ଅଳଙ୍କାର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସୂଚନା ଅନୁଯାୟୀ, ରୂପା ପରଭା ସଫେଇ ସରିଥିବା ବେଳେ ଆସନ୍ତାକାଲିଠାରୁ ମା’ଙ୍କ ଅଳଙ୍କାର ସଫେଇ ଆରମ୍ଭ ହେବ। ପ୍ରତିବର୍ଷ ଆଶ୍ୱିନ ନବରାତ୍ର ପୂର୍ବରୁ ମା’ ଧାରଣ କରିଥିବା ଅଳଙ୍କାର, ପରଭା ଆଦି ସଫେଇ କରାଯାଇଥାଏ। ଏହାସହ ଦଶହରା ଉପଲକ୍ଷେ ମନ୍ଦିର ବାହାରପାର୍ଶ୍ୱ ମଧ୍ୟ ନୂତନ ରଙ୍ଗ କରାଯାଉଛି। ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ମା’ଙ୍କ ମନ୍ଦିରରେ ନୂତନ ଧ୍ୱଜାରୋହଣ ହେବ। ଉଲ୍ଲେଖଯୋଗ୍ୟ, ନୂଆଁଖାଇ ସମୟରେ ସମଲେଶ୍ୱରୀ ମନ୍ଦିରର ଦେବଦେବୀଙ୍କୁ ନୂତନ ରଙ୍ଗ ଚଢ଼ାଯାଇଥାଏ।



**ମିଳୁନି ଜିଏସ୍‌ବିୱାଇ ଚିକିତ୍ସା**

# ବାପ ଘରେ ସ୍ୱାସ୍ଥ୍ୟକାର୍ଡ, ଶାଶୂଘରେ ବୋହୂ

ଭୁବନେଶ୍ୱର, ୧୯।୯ (ସମିସ): ରାସନ କାର୍ଡ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଏସ୍‌କେୱାଇ ମାଧ୍ୟମରେ ବିଜେଡି ସରକାର ଆରମ୍ଭ କରିଥିଲେ। ସେହି କାର୍ଡର ନାମ ପରିବର୍ତ୍ତନ କରି ବିଜେପି ସରକାର ତାକୁ ଆୟୁଷ୍ମାନ ସହ ଯୋଡ଼ି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା(ଜିଏସ୍‌ବିୱାଇ) ରେ ପରିଣତ କରିଦେଲେ। ମାତ୍ର ବିଏସ୍‌କେୱାଇରେ ଯେଉଁ ସୁବିଧା ସୁଯୋଗ ମିଳୁଥିଲା, ତାହା ଏବେ ଜିଏସ୍‌ବିୱାଇରେ ମିଳୁନି। ହେଲେ ଏବେ ବି ଯେତିକି ସୁବିଧା ମିଳୁଛି, ଅଧିକାଂଶ ଯୋଗ୍ୟ ହିତାଧିକାରୀ ତାହା ପାଇପାରୁନାହାନ୍ତି। ବିଶେଷକରି ନବବିବାହିତ ଝିଅମାନେ ଏହି ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିବାହ ପରେ ସେମାନେ ବାପାଘର କାଡର୍‌ରୁ ବାଦ ପଡୁଛନ୍ତି ସିନା, ମାତ୍ର ଶାଶୂଘର କାର୍ଡରେ ସେମାନଙ୍କ ନାମ ଯୋଡ଼ି ହୋଇପାରୁନାହାନ୍ତି। କିଛି ସ୍ଥାନରେ ବାପ ଘରେ ଝିଅର ନାଁ ଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ପାଖରେ କାର୍ଡ ନ ଥିବାରୁ କାର୍ଡ ନମ୍ବର, ଫିଙ୍ଗରପ୍ରିଣ୍ଟ ଆଦି ବିଭିନ୍ନ ଅସୁବିଧା ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।

ରାଜ୍ୟରେ ରାସନ କାର୍ଡଧାରୀ ପରିବାର ସଂଖ୍ୟା ୯୫ ଲକ୍ଷ ୮୫ ହଜାର ୭୬୬ । ଅସୁବିଧା ହେଉଛି। ବ୍ଲକ୍‌ଗୁଡ଼ିକୁ ପୂର୍ବରୁ ଏସ୍‌ଏଫ୍‌ଏସ୍‌ଏସ୍ ଓ ଏନ୍‌ଏଫ୍‌ଏସ୍‌ଏସ୍‌ରେ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦିଆଯାଉଛି। ତେଣୁ ଯେଉଁ ବ୍ଲକ୍‌ରେ ନୂତନ ଭାବେ ଯୋଡି ହେବାକୁ ଚାହୁଁଛନ୍ତି, ସେଠି ଟାର୍ଗେଟ୍ ପୂରଣ

**■ ସବୁରି ମୂଳରେ ବ୍ଲକ୍‌ୱାରୀ ଟାର୍ଗେଟ୍**
**■ ଛୋଟ ପିଲା ବି ଯୋଡ଼ି ହୋଇପାରୁନାହାନ୍ତି**


ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରର ସଦସ୍ୟ ଏହି କାର୍ଡରେ ଯୋଡ଼ି ହୋଇ ଯୋଜନାର ଲାଭ ଉଠାଉଛନ୍ତି। ଝିଅମାନେ ବିବାହ ପୂର୍ବରୁ କାର୍ଡରେ ଯୋଡ଼ି ହୋଇ ମୁଣ୍ଡ ପିଛା ୫ କେଜି ଚାଉଳ ସହ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁଛନ୍ତି। ବାହାଘର ପରେ ସେମାନେ ବାପାଘର କାର୍ଡରୁ ନିଜ ନାମକୁ ବିଯୋଗ କରି ଶାଶୂଘର କାର୍ଡରେ ଯୋଡ଼ି ହେବାକୁ ଚାହୁଁଛନ୍ତି; କିନ୍ତୁ ବାପାଘର ଓ ଶାଶୂଘର ଭିନ୍ନ ବ୍ଲକ୍ ହୋଇଥିଲେ ନାଁ ଯୋଡ଼ିବାରେ ହୋଇଯାଇଥିବାରୁ ଯୋଡ଼ି ହୋଇପାରୁନାହାନ୍ତି। କେବଳ ଝିଅମାନେ ନୁହନ୍ତି, ଛୋଟ ପିଲା ଜନ୍ମ ହେବା ପରେ ଆଧାରକାର୍ଡ ହେବା ପରେ ରାସନ କାର୍ଡରେ ଯୋଡ଼ି ହେବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ଗୁଡ଼ିକରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଉଛି, ତେବେ ତାଙ୍କ ପରିବର୍ତ୍ତେ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଅଧିକାଂଶ ଝିଅମାନେ ଚାଉଳ ନ ପାଇବା ଯୋଗୁଁ ବାପାଘରୁ ନାଁ କାଟିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ଚିକିତ୍ସା ସୁବିଧାର ଲାଭ ଉଠାଇ ପାରୁନାହାନ୍ତି।

ହିତାଧିକାରୀ ଚନ୍ଦ୍ରଶେଖର ବେହେରା କହିଛନ୍ତି ଯେ ମୋର କାର୍ଡ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅଛି। ମୋ ସ୍ତ୍ରୀଙ୍କର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ରେ ନାଁ ରହିଛି। ଗୋଟିଏ ଜିଲ୍ଲା ଭିତରେ ହୋଇଥିଲେ ବି ଦୁଇଟି ବ୍ଲକ୍ ଓ ଟାର୍ଗେଟ୍ ନଥିବା କାରଣରୁ ପତ୍ନୀଙ୍କ ନାଁ ଯୋଡ଼ିବାରେ ମୋତେ ଅସୁବିଧା ହେଉଛି। ମୁଁ ନ ଜାଣିପାରି ସେଠୁ ନାଁ କାଟି ଦେଇଥିବାବେଳେ ଏବେ ଏଠି ଯୋଡ଼ିବାରେ ଅସୁବିଧା ହେଉଛି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟାର୍ଗେଟ୍ ନ ଥିଲେ ଆମେ କିଛି କରିପାରିବୁ ନାହିଁ। ମୂଳରେ ଏଭଳି ସରକାରୀ ବ୍ୟବସ୍ଥା ହୋଇଛି। ତେଣୁ ଏଥିରେ ପରିବର୍ତ୍ତନ ପାଇଁ ଆମେ ପ୍ରସ୍ତାବ ଦେବୁ। ଆଗାମୀ ଦିନରେ ସରକାର ଯାହା ନିଷ୍ପତ୍ତି ନେବେ, ଆମେ ତାକୁ କାର୍ଯ୍ୟକାରୀ କରିବୁ ବୋଲି ସେ କହିଛନ୍ତି।

**୨୧ରେ ଦିବଂଗତ ବିଧାୟକ ଢୋଲକିଆଙ୍କ ଦଶାହ**

# ନବୀନଙ୍କୁ ନିମନ୍ତ୍ରଣ କଲେ ପରିବାରଲୋକ

ନୂଆପଡ଼ା, ୧୯।୯(ସମିସ): ଆସନ୍ତା ୨୧ତାରିଖରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମ ତାଙ୍କର ଖରିଆରରୋଡ୍‌ସ୍ଥିତ ନିବାସରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱର୍ଗତ ଢୋଲକିଆଙ୍କ ଝିଆରୀ ଧ୍ୱନି ଓ ଝିଆରୀ ଜ୍ୱାଇଁ ମୋହିତ ଅଗ୍ରୱାଲ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ଉଭୟ ଦିଲ୍ଲୀଠାରେ ନବୀନଙ୍କୁ ତାଙ୍କ ପୈତୃକ ବାସଭବନରେ ଭେଟି ନିମନ୍ତ୍ରଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭାର ୧୪୬ଜଣ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ଦିଆଯାଇଥିବା ଢୋଲକିଆଙ୍କ ପୂର୍ବତନ ପିଏ ରାମଲାଲ ହଂସ ସୂଚନା ଦେଇଛନ୍ତି।



# ବାଳାଶ୍ରମରେ ନିଜ ହାତ କାଟି ନାବାଳିକା ଗୁରୁତର

**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ବ୍ରହ୍ମପୁର, ୧୯।୯(ସମିସ): ଗୋସାଇଁ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରହୁଥିବା ଜଣେ ନାବାଳିକା ନିଜ ହାତକୁ ବ୍ଲେଡ୍‌ରେ କାଟି ଗୁରୁତର ହୋଇ ପଡ଼ିଛନ୍ତି। ତାଙ୍କୁ ଗରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ବାଳାଶ୍ରମରେ କିଛି ମାସ ହେବ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା କୌଣସି କାରଣକୁ ନେଇ ଏକ ବ୍ଲେଡ୍‌ରେ ନିଜ ହାତ କାଟି ଦେଇଥିଲେ। ତାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ବାଳାଶ୍ରମର ଅନ୍ୟ ଅନ୍ତେବାସୀ ଏହା ଜାଣିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏମ୍‌କେସିଜିରେ ତାଙ୍କ ଚିକିତ୍ସା ଜାରି ରହିଛି।

ଏହି ଘଟଣା ସାମ୍ନାକୁ ଆସିବା ପରେ ଗଞ୍ଜାମ ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି, ଏନେଇ ଗୋସାଇଁନୂଆଗାଁରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶଥାଉକି, ନିର୍ଯାତନା ଓ ବଳାତ୍କାରର ଶିକାର ହୋଇଥିବା ନାବାଳିକା ଓ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଉତ୍କଳ ବାଳାଶ୍ରମରେ ରଖାଯାଉଛି। ଏଠାରେ ପୀଡ଼ିତାଙ୍କୁ ଆଶ୍ରୟ ଦିଆଯାଉଥିବା ବେଳେ ସେମାନଙ୍କ ରହିବା ଓ ସ୍ୱାସ୍ଥ୍ୟ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ହେଲେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

**■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

## ଶିକ୍ଷକ ଶଙ୍କର ଖୋସଲାଙ୍କୁ ଅନ୍ତରୀଣ ସୁରକ୍ଷା

କଟକ, ୧୯।୯(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଶିକ୍ଷକ ଶଙ୍କର ଖୋସଲାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ମାମଲାକୁ ଚାଲେଞ୍ଜ କରି ଶ୍ରୀ ଖୋସଲାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମାମଲାରେ ଆବେଦନକାରୀଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଆବେଦନକାରୀ ତଦନ୍ତରେ ସହଯୋଗ କରିବେ ଓ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅକ୍ଟୋବର ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**■ ଆଜି ଛତିଶା ନିଯୋଗ ବୈଠକ**

## କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

ପୁରୀ,୧୯।୯(ସମିସ): ଶନିବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ସାଢ଼େ ୪ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ, ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା’ ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ, ସେନେଇ ମଧ୍ୟ ଆଲୋଚନା କରାଯାଇପାରେ। ଏତଦ୍‌ବ୍ୟତୀତ ରତ୍ନଅଳଙ୍କାର ସ୍ଥାନାନ୍ତର ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

ସମ୍ବଲପୁର, ୧୯।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ସମ୍ପ୍ରତି ହୀରାକୁଦ ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ପହଞ୍ଚିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୭୫ ଫୁଟ୍‌ରେ ପହଞ୍ଚିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲା ରହିଛି। ତେବେ ସଂଧ୍ୟା ପରେ ଡାହାଣପାର୍ଶ୍ୱର ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୪୫୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୨,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୬୫,୬୭୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୬୧୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୫୦୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ନଦୀବନ୍ଧର ଉପରମୁଣ୍ଡରେ ୧.୪୩ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**■ ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀର ମୁଣ୍ଡଗଣ୍ଡି ଅଲଗା କରିଦେଲା

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୯।୯ (ସମିସ): ଶୋଇଥିବା ଅବସ୍ଥାରେ ପତ୍ନୀର ଗଣ୍ଡିମୁଣ୍ଡ ଅଲଗା କରିଦେଲା ସ୍ୱାମୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ୨ନମ୍ବର ୱାର୍ଡର ଚକୁଆପାଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୟନ୍ତୀ ପାତ୍ର(୪୫)। ଜୟନ୍ତୀଙ୍କୁ ଗତରାତିରେ ହତ୍ୟା କରିବା ପରେ ଆଜି ସକାଳୁ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରମୋହନ ପାତ୍ର ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୮୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଚନ୍ଦ୍ରମୋହନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଜୟନ୍ତୀ ଓ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ କଳହ ଲାଗି ରହୁଥିଲା। ଗତରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଏହି ସମୟରେ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ମୁଣ୍ଡକୁ କାଟି ଦେଇଥିଲା। ଆଜି ସକାଳେ ଚନ୍ଦ୍ରମୋହନ ଥାନାରେ ଆତ୍ମସମର୍ପଣ କରିବା ପରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ରାଇବଣିଆ ଥାନା ଅଧିକାରୀଣୀ ଲୋପାମୁଦ୍ରା ପଣ୍ଡା ଓ ବାଲେଶ୍ୱରରୁ ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଥିଲେ।

# କେନାଲରୁ ମହିଳାଙ୍କ ଶବ ଜବତ

ଭେଡେନ/ଅତାବିରା, ୧୯।୯(ସମିସ): ରେଙ୍ଗାଲିକେମ୍ପ -ପଦଙ୍ଗା କେନାଲର ଖାଉପାଲି ବ୍ରିଜ୍ ନିକଟରୁ ଆଜି ଜଣେ ମହିଳାଙ୍କ ଶବ ଉଦ୍ଧାର ହୋଇଛି। ସକାଳେ ଭେଡେନ୍ ପୁଲିସର ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ କେନାଲରୁ ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ମୃତ ମହିଳାଜଣଙ୍କ ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା କେଡ଼ାର ଥାନା ଭାକୁଡା ଗ୍ରାମର ଦିବ୍ୟକାନ୍ତି କୁମ୍ଭାର(୪୦)। ସୂଚନାନୁଯାୟୀ, ୬ ମାସ ତଳେ ଦିବ୍ୟକାନ୍ତି ନିଜ ସ୍ୱାମୀ ଧନିରାମ କୁମ୍ଭାର ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଅତାବିରାକୁ କାମ କରିବାକୁ ଆସିଥିଲେ। ରେଙ୍ଗାଲିକେମ୍ପରେ ରହି ଏକ କାରଖାନାରେ କାମ କରୁଥିଲେ। ଗୁରୁବାର ଅପରାହ୍ଣରେ ଦିବ୍ୟକାନ୍ତି କେନାଲକୁ ଗାଧୋଇବାକୁ ଯାଇ ନ ଫେରିବାରୁ ପରିବାରଲୋକେ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ଅତାବିରା ପୁଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ରେଙ୍ଗାଲିକେମ୍ପରୁ ପତ୍ରାପାଲି ପର୍ଯ୍ୟନ୍ତ କେନାଲରେ ଖୋଜାଖୋଜି କରିଥିଲେ। ଶୁକ୍ରବାର ସକାଳୁ ଉକ୍ତ ମହିଳାଙ୍କ ଶବ ଖାଉପାଲି ବ୍ରିଜ ତଳେ ଭାସୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ କେନାଲ ପାଣିରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପ୍ରସଙ୍ଗ**

# ସରକାରୀ ପ୍ରସ୍ତାବ ନ ଥିବା ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ରୋହିତ

ସମ୍ବଲପୁର, ୧୯।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦ୍ୱିତୀୟଥର ପାଇଁ କହିଛନ୍ତି ଯେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ।

ଏକ ପ୍ରେସ୍ ବିବୃତିରେ ଶ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବର୍ତ୍ତମାନ ଚିନ୍ତାର ବିଷୟ ହେଲା, ସେହି ପ୍ରସ୍ତାବ ଗଲା କୁଆଡ଼େ? ମୋହନ ସରକାର ବୁଝିବା ଦରକାର ଯେ ଏହି ଭାଷା କେବଳ ପଶ୍ଚିମ ଓଡ଼ିଶାର ଦୁଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଭାଷା ନୁହେଁ, ବରଂ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଅନେକାଞ୍ଚଳରେ ଏହି ଭାଷା ପ୍ରଚଳିତ। ଏହା ସତ୍ତ୍ୱେ ଯଦି ମୋହନ ସରକାରଙ୍କ ସମ୍ବଲପୁରୀ ଭାଷା ପ୍ରତି ଦରଦ ନାହିଁ, ତାହେଲେ ଏହାଠୁ ଦୁଃଖର ବିଷୟ କିଛି ନାହିଁ। ରାଜ୍ୟ ସରକାର ବୁଝିବା ଦରକାର ଯେ ସମ୍ବଲପୁରୀ ଖାଲି ଆମର ଭାଷା ନୁହେଁ, ଏହା ଆମର ଅସ୍ମିତା, ପରିଚୟ ଏବଂ ସମ୍ମାନ। ଯଦି ଆଗାମୀ ଦିନରେ ସରକାର ଏ ଦିଗରେ ସଜାଗ ନ ରୁହନ୍ତି, ତେବେ ଆମ ସ୍ୱାଭିମାନ, ଆମର ସମ୍ମାନ ଆମର ସମ୍ବଲପୁରୀ ଭାଷା ପାଇଁ ସବୁପ୍ରକାର ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ କଟୁରି ଚୋଟ

**■ ଝିଅ, ଶ୍ୱଶୁରଙ୍କୁ ବି ଛାଡ଼ିଲାନି**
**■ ଘରେ ନିଆଁ ଲଗାଇଦେଲା**



ଢେଙ୍କାନାଳ,୧୯।୯(ସମିସ): ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମରେ ବର୍ବର କାଣ୍ଡ ଘଟିଛି। ଗ୍ରାମର ମାନସ ଦାସଙ୍କ କଟୁରି ଚୋଟରେ ତାଙ୍କ ସ୍ତ୍ରୀ ସନ୍ତୋଷୀ ପାତ୍ରଙ୍କ ସମେତ ୧୧ବର୍ଷୀୟ ଝିଅ ଓ ଶ୍ୱଶୁର ସରୋଜ ଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଖୋଦ୍ ମାନସ ମଧ୍ୟ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ମାନସ ନିଜ ଘରେ ନିଆଁ ମଧ୍ୟ ଲଗାଇ ଦେଇଥିବା ଜଣାପଡ଼ିଛି। ପରିବାରଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ସନ୍ତୋଷୀ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରୁଥିବାରୁ ମାନସ ସବୁବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରିଆସୁଥିଲେ। ବୁଧବାର ରାତିରେ ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସ ଉତକ୍ଷିପ୍ତ ହୋଇ ଏକ କଟୁରିରେ ସନ୍ତୋଷୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମାନସଙ୍କ ଝିଅ ଏବଂ ଶଶ୍ୱର ସରୋଜ ମାନସଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାରୁ ପଛାଇ ନ ଥିଲା।

**୧୪୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ**

# ୨୫ଟି ପ୍ରକଳ୍ପକୁ ମଞ୍ଜୁରୀ, ୪,୭୩୯ ଟଙ୍କା ହେବ ନିବେଶ

ଭୁବନେଶ୍ୱର, ୧୯।୯ (ସମିସ): ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିଡିଭୂମ, ଲଜିଷ୍ଟିକ୍ସ, ନବୀକରଣଯୋଗ୍ୟ ଶକ୍ତି, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିଡିଭୂମି

**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା. ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଆହୁରି ମଧ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା. ଲି. ଖୋର୍ଦ୍ଧାରେ ଭାରୀ ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ ଇଲେକ୍‌ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

**ଘର ଭିତରେ ପଶିଗଲା ଟ୍ରକ୍**

# ଡ୍ରାଇଭର ମୃତ, ଘର ମାଲିକ ଆହତ

ଭଞ୍ଜନଗର, ୧୯।୯(ସମିସ): ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟ ରାସ୍ତାର କଇଣ୍ଡି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଟ୍ରକ୍ ଚାଳକଙ୍କ ନାମ ଜଣାପଡ଼ି ନଥିବା ବେଳେ ତାଙ୍କ ଘର ରାଜସ୍ଥାନରେ ବୋଲି



ପୁଲିସ କହିଛି। ସେହିପରି ଏହି ଦୁର୍ଘଟଣାରେ ପୂର୍ବତନ ଭଞ୍ଜନଗର ବ୍ଲକ୍ କଂଗ୍ରେସ ସଭାପତି ବିଜୟ କୁମାର ବେହେରା ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଗୁରୁବାର ରାତିରେ ରାଜସ୍ଥାନର ଏକ ଟ୍ରକ୍ ବ୍ରହ୍ମପୁରରୁ ରଦି କାଗଜ ଧରି ରାଜସ୍ଥାନ ଅଭିମୁଖେ ଯାଉଥିଲା। ବାଟରେ କଇଣ୍ଡି ଗ୍ରାମର ଗୋଲେଇରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ବିଜୟଙ୍କ ଘର ଭିତରକୁ ପଶିଯାଇଥିଲା। ଫଳରେ ଘରେ ଏକୁଟିଆ ଶୋଇଥିବା ବିଜୟ ଆହତ ହୋଇଥିଲେ। ତାଙ୍କ ଘର ମଧ୍ୟ ଭାଙ୍ଗିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ଏବଂ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପହଞ୍ଚିବା ବେଳକୁ ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଚାଳକକୁ ଅଗ୍ନିଶମବାହିନୀ ଗାଡ଼ିରୁ ଉଦ୍ଧାର କରିବା ପରେ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ରାଜସ୍ଥାନରୁ ଗାଡ଼ି ମାଲିକ ଏବଂ ମୃତ ଚାଳକଙ୍କ ପରିବାରଲୋକେ ଭଞ୍ଜନଗରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ର ହେଲପର୍ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଉକ୍ତ ରାସ୍ତାଟି ଖାଲଢିପ ଥିବା ଯୋଗୁଁ ବର୍ଷକରେ ଏକାଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୭୮ - ସାପ୍ତାହିକ ଖବରକାଗଜ ଭାବେ 'ଦ ହିନ୍ଦୁ'ର ପ୍ରଥମ ପ୍ରକାଶନ।
- ୧୯୪୬- ପ୍ରଥମ କାନ୍ସ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ।
- ୧୯୮୩- ଆପଲ୍ ଉପଗ୍ରହ କାର୍ଯ୍ୟକରିବା ବନ୍ଦ କରିଦେଲା।
- ୨୦୦୦- କ୍ଲିଣ୍ଟନ୍ ଦମ୍ପତିଙ୍କୁ 'ହ୍ୱାଇଟ୍ ୱାଟର୍ କାଣ୍ଡ'ରୁ ମୁକ୍ତ କରାଗଲା।
- ୨୦୧୧- ପାକିସ୍ତାନର ଲାହୋର ଉଚ୍ଚ ଅଦାଲତ ଫେସ୍‌ବୁକ୍ ଉପରେ ରୋକ୍ ଲଗାଇଲେ।



ଭିନ୍ନ ଜଣେ ବ୍ୟକ୍ତି

## ଛଅ ଥର ମରି ବି ଜୀବିତ

ଜୀବନ ଓ ମୃତ୍ୟୁ ଚିରନ୍ତନ ସତ୍ୟ। ପୃଥିବୀରେ ଯିଏ ଜନ୍ମ ନିଏ ତା'ର ମୃତ୍ୟୁ ନିଶ୍ଚିତ। ଅବଶ୍ୟ ମୃତ୍ୟୁ ପରେ କ'ଣ ହୁଏ ତାହା କେହି ଜାଣନ୍ତି ନାହିଁ। ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଥିରେ କିଛି ଜଣ ମୃତ୍ୟୁର ଅଳ୍ପ ସମୟ ମଧ୍ୟରେ ଜୀବନ୍ତ ଫେରି ଆସି ସେମାନେ ମୃତ୍ୟୁ ପରର ଦୁନିଆକୁ ଦେଖିଥିବା କୁହନ୍ତି। ଏହି କ୍ରମରେ ତାଞ୍ଜାନିଆର ୪୦ ବର୍ଷୀୟ ଇସ୍ମାଇଲ ଅଜିଜିଙ୍କ ଘଟଣା ପୂରାପୂରି ଅଲଗା। ଛଅ ଛଅ ଥର ତାଙ୍କୁ ମୃତ ଘୋଷଣା କରାଯିବା ପରେ ସେ ବେଶ୍ ଆଶ୍ଚର୍ଯ୍ୟଜନକ ଭାବେ ଜୀବିତ ହୋଇଯାଇଛନ୍ତି। ପ୍ରଥମ ଥର ସେ ତାଙ୍କ ଅଫିସ୍‌ରେ କାମ କରୁଥିବା ସମୟରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ହସ୍‌ପିଟାଲ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଇସ୍ମାଇଲଙ୍କ ମୃତ ଶରୀର ନେଇ ତାଙ୍କ ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ। ଏହି ସମୟରେ ସେ କଫିନ୍‌ରୁ ଉଠି ପଡ଼ିଥିଲେ। ଇସ୍ମାଇଲ୍‌ଙ୍କ ସହ ଜୀବନ ମୃତ୍ୟୁର ଖେଳ ପାଖାପାଖି ଛଅ ଥର ଘଟିଛି। ଏକଦା ସେ ଦୁର୍ଘଟଣାରେ କୋମାକୁ ଚାଲି ଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ଥିଲା, ଇସ୍ମାଇଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବାରମ୍ବାର ଜୀବିତ ହୋଇ ଯାଉଥିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ କଫିନ୍‌ରେ ତିନିଦିନ ରଖିଥିଲେ। ସମସ୍ତଙ୍କୁ ଚକିତ କରି ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ତେବେ ମୃତ୍ୟୁ ପରେ ବାରମ୍ବାର ସେ ଜୀବିତ ହୋଇ ଯାଉଥିବାରୁ ଇସ୍ମାଇଲଙ୍କ ପଡ଼ୋଶୀ ତାଙ୍କୁ ଭୂତପ୍ରେତ ମନେକଲେ। ଏପରିକି ରାଗିଯାଇ ଦିନେ ଇସ୍ମାଇଲଙ୍କ ଘର ଜାଳିଦେଲେ। ଆଶ୍ଚର୍ଯ୍ୟର କଥା ଏଥର ବି ଇସ୍ମାଇଲ ଜୀବିତ ରହିଗଲେ। ଏସବୁ ଘଟଣା ପରେ ଇସ୍ମାଇଲ ଏବେ ଏକୁଟିଆ ହୋଇ ଯାଇଛନ୍ତି। କାରଣ ସେ ଗୁଣି ଗାରେଡ଼ି କରୁଛନ୍ତି ନଚେତ୍ ତାଙ୍କ ଶରୀରରେ ଭୂତପ୍ରେତ ଥିବା ତାଙ୍କ ପରିବାର ଲୋକେ ଓ ପଡ଼ୋଶୀମାନେ ଭାବୁଛନ୍ତି। ତେଣୁ ଏବେ ଇସ୍ମାଇଲ ଘର ଛାଡ଼ି ଏକ ଶୂନଶାନ୍ ସ୍ଥାନରେ ଜୀବନ ବିତାଉଛନ୍ତି।

## 'ଦାଦା ସାହେବ ଫାଲ୍‌କେ' କାହାଣୀରେ ପରିବର୍ତ୍ତନ ଚାହୁଁଛନ୍ତି ଅମିର୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ଏହାର କାହାଣୀ ତାଙ୍କୁ ପସନ୍ଦ ଆସି ନ ଥିବା ଚର୍ଚ୍ଚା ହେଉଛି। ନିକଟରେ ଅମିର୍ ରାଜକୁମାର ହିରାନୀ ଓ ଅଭିଜିତ୍ ଯୋଶୀଙ୍କ ଠାରୁ ଏହାର କାହାଣୀ ଶୁଣିଥିଲେ। ତେବେ ଥିଏଟର୍‌କୁ ଦର୍ଶକଙ୍କୁ ଟାଣିବା ଭଳି ଏହାର କାହାଣୀ ନୁହେଁ ବୋଲି ସେ ଅନୁଭବ କରିଥିଲେ। ରାଜକୁମାରଙ୍କ ଅନ୍ୟ ଫିଲ୍ମ ଭଳି ଏଥିରେ କମେଡି ଓ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଅମିର୍ ପୂର୍ବରୁ ଭାବୁଥିଲେ। ହେଲେ ଏଥିରେ ସେମିତି କିଛି ନ ଦେଖି ସେ ରାଜକୁମାରଙ୍କୁ ପୁଣିଥରେ ଏହାର କାହାଣୀ ଲେଖିବା ପାଇଁ କହିଛନ୍ତି। ଏହାର ସୁଟିଂ ଅକ୍ଟୋବରରୁ ଆରମ୍ଭ ହେବାର ଥିଲା। ଯଦି ଏହାର କାହାଣୀର ପରିବର୍ତ୍ତନ କରାଯାଏ ଏହାର ସୁଟିଂ ଆହୁରି ଘୁଞ୍ଚିଯିବ। ଅମିରଙ୍କ ଏହି ନିଷ୍ପତ୍ତିରେ ଏବେ ରାଜ୍‌କୁମାର ଓ ଅଭିଜିତ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ଅମିର୍ ଏହାପୂର୍ବରୁ ରାଜକୁମାରଙ୍କ ସହ 'ଥ୍ରି ଇଡିଅଟସ୍' ଓ 'ପିକେ' ଫିଲ୍ମରେ କାମ କରିଥିଲେ।

## ଘୋଡ଼ାରେ ଯାଆନ୍ତି ସ୍କୁଲ

ସ୍କୁଲ ବସ୍, ରିକ୍ସା, ସାଇକଲ ଆଦିରେ ପିଲାମାନେ ସ୍କୁଲ ଯିବା କଥା ସମସ୍ତେ ଜାଣନ୍ତି। ହେଲେ ଆସାମର ଜଣେ ତୃତୀୟ ଶ୍ରେଣୀର ଛାତ୍ର ନିତିଦିନ ଘୋଡ଼ା ଚଢ଼ି ସ୍କୁଲ ଯାଆନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବାରବାକରା ଗାଁର ଯୁବରାଜ ରାଭା ସାଉଥ୍ ପନଟନ୍ ଟ୍ରାଇବାଲ ମିଡିଲ ଇଂଲିଶ ସ୍କୁଲରେ ପାଠ ପଢ଼ନ୍ତି। ସ୍କୁଲଟି ଆସାମ-ମେଘାଳୟ ସୀମାରେ ଅବସ୍ଥିତ। ଏଥିପାଇଁ ଯୁବରାଜଙ୍କୁ ପାହାଡ଼ିଆ ଅଞ୍ଚଳ ଦେଇ ପାଖାପାଖି ଚାରି କିଲୋମିଟର ଯିବାକୁ ହୋଇଥାଏ। ସ୍କୁଲ ଯିବା ପାଇଁ ଯାନବାହନ ବ୍ୟବସ୍ଥା ନ ଥିବାରୁ ସେ ସ୍କୁଲକୁ ନିତିଦିନ ଘୋଡ଼ା ଚଢ଼ି ଯାଇଥାନ୍ତି। ତାଙ୍କ ଘୋଡ଼ାର ନାମ 'ପକ୍ଷୀରାଜ'। ଯୁବରାଜ ଘୋଡ଼ାରେ ନିତିଦିନ ପାହାଡ଼ ପର୍ବତ ଦେଇ ସ୍କୁଲ ଯାଉଥିଲେ ବି କୌଣସି ଦିନ ସେ ପାଠପଢ଼ାରୁ ବିରତ ହୁଅନ୍ତନି। ଗତବର୍ଷ ଯୁବରାଜ ସ୍କୁଲ ଯିବା ପାଇଁ ତାଙ୍କ ବାପା ଏହି ଘୋଡ଼ାଟିକୁ ଆଣିଥିଲେ। ସେ ସ୍କୁଲରୁ ଫେରିବା ପରେ ନିଜେ ଘୋଡ଼ାଟିକୁ ଚାରା ଦିଅନ୍ତି। ପ୍ରଥମେ ପ୍ରଥମେ ଯୁବରାଜ ଘୋଡ଼ାରେ ଆସୁଥିବାରୁ କୁନି ପିଲାଟିର ସୁରକ୍ଷାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଏଭଳି କରି ଗ୍ରାମାଞ୍ଚଳ ପିଲାମାନଙ୍କ ସଂଘର୍ଷ ଏବଂ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛନ୍ତି ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ମୁନା ପରି ସବୁ ହୁଅ



ନିରାକାର ଚଇନି

ସକାଳୁ ସକାଳୁ ମୁହଁ ହାତ ଧୋଇ
ସାରି ପାଇଖାନା କାମ
ପାଣି ମୁନ୍ଦେ ପିଇ ଖୋଲା ପଡ଼ିଆକୁ
ଧାଇଁଯାଏ ମୁନା ଆମ।
ନାନା ପରକାର ବ୍ୟାୟାମ କରେ ସେ
ଶୋଇ ବସି ହୋଇ ଠିଆ
ଦଉଡ଼ା ଦଉଡ଼ି କରେ ବେଳେବେଳେ
ବେଳେବେଳେ ମାରେ ଡିଆଁ।
ଘରକୁ ଫେରିଲେ ଦାନ୍ତ ଘଷିସାରି
ଜଳଖିଆ ଦି'ଟା ଖାଇ
ବହି ଖାତା ଧରି ପାଠ ବଢ଼ି ବସେ
ପଢ଼ା ଘରକୁ ତା' ଯାଇ।
ଖାଲି ପଢ଼ା ନୁହେଁ ଖେଳା ଖେଳିରେ ବି
ଅଟେ ବୋଲି ଧୂରନ୍ଧର
ଗୁରୁଜୀ ଗୁରୁମା' ସାଥି ପିଲାମାନେ
କରନ୍ତି ଭାରି ଆଦର।
ଆଇଁଷ ଠୁ ବେଶୀ ସବୁଜ ପରିବା
ଖାଇବାକୁ ପାଏ ଭଲ
ଦିନଟିଏ କେବେ ରୋଗ ମୁଖେ ପଡ଼ି
ହୋଇନାହିଁ କଲବଲ।
ସଭିଏଁ କହନ୍ତି ପିଲାମାନେ ତୁମେ
ମୁନା ପରି ସବୁ ହୁଅ
ଦେଖିବ, ତୁମରି ବାପା ମା' ଓଠରୁ
ଛୁଟିବ ହସର ସୁଅ।■

ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର
ମୋ-୮୨୪୯୩୮୭୯୭୩

## ପ୍ରହେଳିକା



- ଅନ୍ନଦାତା ସିଏ ଆମରି ପାଇଁ
ତାଙ୍କ ପାଇଁ ଖୁସିରେ ପାରୁଛେ ଜିଇଁ
ଡରନ୍ତିନି ସିଏ ବରଷା ଖରା
ବିଲରେ ନିଇତି ପକାନ୍ତି ଡେରା
କାଦୁଅ ପାଣିରେ ହୋଇ ସେ ଘାଣ୍ଟି
ଖରାରେ ଖଟନ୍ତି ସୁଖେଇ ତଣ୍ଟି
ସଭିଙ୍କ ପେଟକୁ ଦାନା ଦିଅନ୍ତି ସିଏ
କହିଲ ଦେଖି ସେ ମହାନ ବ୍ୟକ୍ତିଟି କିଏ।

ଉ-କୃଷକ

- ନଈ ପଠାରେ ଖେଳୁଛି ଦୋଳି
ଧବଳ ରଙ୍ଗକୁ ଦେହରେ ବୋଳି
ଶରତ ଆସିଲେ ତା'ର ସମ୍ଭାର
ଦିଶୁଥାଏ ସିଏ କି ମନୋହର
ଅତି ସୁନ୍ଦର ଏକ ଫୁଲଟି ସିଏ
ନାମଟି ତାହାର କହିବ କିଏ।

ଉ-କାଶତଣ୍ଡି

- କାଠର ଚକକୁ କାଠ ଶରୀର
ବଳଦ ଦୁଇଟି ଚାଳକ ତା'ର
କେତେ ଦରବ ନିଅଇ ବୋହି
କିଏ ସେ ପାରିବ ନାମ ତା କହି।

ଉ-ଶଗଡ଼

- ଏମିତି ଗଛଟେ ଦେଖିଛି କିଏ
ଲାଗିଗଲେ ଦେହେ କୁଣ୍ଡେଇ ହୁଏ।

ଉ-ବିଛୁଆତି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

## ପାର୍ବଣର ଋତୁ



ଡ. ଶୁଭେନ୍ଦୁ ମହାପାତ୍ର


ଆସିଗଲା ଏବେ ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା।।
ଶରତ ସକାଳ କେଡ଼େ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ ।।
ନଈପଠା ଧାରେ ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ।।
ନିର୍ମଳ ସଞ୍ଜରେ ବାଡ଼ି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର ମଧୁର ବାସନା
ପବିତ୍ରତା ଭରିଦିଏ ।।
ପ୍ରତ୍ୟୁଷ ପ୍ରଦୋଷେ ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ ।।
ଶରତେ ଶାରଦା ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ।।■

ସତ୍ୟବିହାର, ପଳାଶୁଣି
ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮

## ସୁମନ



ଦେବେନ୍ଦ୍ର କର



## ଭୁଲ୍‌କୁ ଲୁଚାଅ ନାହିଁ

ଅନିତ୍ ପାଠରେ ଯେମିତି ସାଠରେ ବି ସେମିତି। ପାଖ ସ୍କୁଲରେ ସେ ପଞ୍ଚମ ଶ୍ରେଣୀରେ ପଢ଼େ। ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୁଏ। ସବୁ ଭଲ ଗୁଣ ଭିତରେ ତା'ର ଗୋଟିଏ ଖରାପ ଗୁଣ ଥିଲା, ଭୁଲ୍ କଲେ ଘରେ କାହାରିକି କିଛି କୁହେନି। ବାପା ତାକୁ ସବୁବେଳେ ବୁଝାନ୍ତି ଆରେ ମଣିଷ ମାତ୍ରେକେ ଭୁଲ୍। ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢ଼ିବା ହିଁ ଜୀବନ। ଭୁଲ୍‌କୁ ଲୁଚାଇଲେ ଆଉ ଗୋଟେ ଭୁଲ ନିଶ୍ଚିତ ହେବ। ସେଦିନ ସଂଧ୍ୟାରେ ଅନିତ୍ ଟେବୁଲ୍ ଉପରୁ ପାଣି ବୋତଲ ନେଲାବେଳେ ହଠାତ୍ ତା' ହାତ ବାଜି ପାଣି ଢାଳି ହୋଇଗଲା। ଗୋଟେ କଡ଼କୁ ବାପାଙ୍କ ମୋବାଇଲ୍ ଥୁଆ ହେଇଥିଲା। ସେ ଚଟାପଟ୍ ଟେବୁଲ ଉପର ଆଉ ମୋବାଇଲକୁ ପୋଛାପୋଛି କରି ରଖିଦେଲା। ଆଉ କାହାକୁ କିଛି ନ କହି ତା' ପଢ଼ା ଟେବୁଲ୍ ପାଖରେ ଆସି ଚୁପକି ବସି ପଡ଼ିଲା। ଟିକେ ସମୟ ପରେ ବାପା ତାଙ୍କ ମୋବାଇଲ ଦେଖିଲେ। ପାଣି କିଏ ଢାଳିଥିଲ କି? ମୋ ମୋବାଇଲ ପଛପଟ କେମିତି ଓଦା ହେଲା? ଘରେ ସମସ୍ତଙ୍କୁ ପଚାରିଲେ ହେଲେ ସମସ୍ତେ ମନା କଲେ। ଶେଷରେ ଅନିତ୍ ମାନିଲା ଯେ, ତା' ହାତ ବାଜି ପାଣି ଢାଳି ହୋଇଛି । ବାପା ମୋବାଇଲ କଭର କାଢ଼ି ଦେଖିଲେ ସବୁ ଠିକ୍ ଥାଏ। ବାପା କହିଲେ, ଆରେ ଅନିତ୍ ପାଣି ଲାଗିଲେ ମୋବାଇଲ୍ ଖରାପ ହେଇଯିବ। ତୁ ମତେ ସଙ୍ଗେସଙ୍ଗେ କହିଥାନ୍ତୁ ନା। ଅନିତ୍ କହିଲା, ଅଜାଣତରେ ମୋ' ହାତ ବାଜି ପାଣି ଢାଳି ହୋଇଗଲା। ମୁଁ ଶୁଖିଲା କପଡ଼ାରେ ପୋଛି ଦେଇଥିଲି। ବାପା କହିଲେ ହେଲା ଯେ, ତୁ ଭୁଲ୍‌କୁ ନ ଲୁଚେଇ କହିଦବୁ। ନ ହେଲେ ବଡ଼ ଅସୁବିଧା ହେଇଯିବ। ଅନିତ୍ ଆଜ୍ଞା ବାପା କହି କଥା ଦେଲା ହେଲେ ଭୁଲକୁ ଲୁଚେଇବା ତା'ର ପୁରୁଣା ଅଭ୍ୟାସ। ପୂର୍ବପରି ଯେବେ କିଛି ଭୁଲ୍ କରି ବସେ କାହାକୁ କିଛି ଜଣାଏ ନାହିଁ। ଅନିତ୍ ସ୍କୁଲ ଜୋତା ପୁରୁଣା ହେଇ ଛିଣ୍ଡିଗଲା। ବାପାଙ୍କ ସହିତ ବଜାର ଯାଇ ସେଦିନ ସନ୍ଧ୍ୟାରେ ନୂଆ ଜୋତା କିଣିଆଣିଲା। ତହିଁଆର ଦିନ ସେ ଖୁସି ମନରେ ନୂଆ ଜୋତା ପିନ୍ଧି ସ୍କୁଲ୍ ଗଲା। ହେଲେ ସେ ଜୋତାଟା ଟିକେ ଟାଇଟ୍ ହେଉଥିଲା। ସେ ଲାଗି ତା' ପାଦରେ ଫୋଟକା ହେଇଗଲା। ଘରେ କାଳେ ରାଗିବେ ସେ ଡରିକି ଆଉ କାହାରିକି କିଛି କହିଲା ନାହିଁ। ସେଇ ଫୋଟକାରେ ଟାଇଟ୍ ଜୋତାକୁ ତାପର ଦିନ ବି ପିନ୍ଧି ସ୍କୁଲ ବାହାରି ପଡ଼ିଲା। ଦ୍ୱିତୀୟ ଦିନ ଗୋଡ଼ ଅବସ୍ଥା ସାଙ୍ଘାତିକ ହେଇଗଲା। ଘରେ ଆସି ଛୋଟେଇ ଛୋଟେଇ ଚାଲିବାରୁ ସମସ୍ତେ ଜାଣିଗଲେ । ବାପା କହିଲେ, ନୂଆ ଜୋତା ଜଦି ଟାଇଟ୍ ହେଉଚି ନୂଆ ବେଳେ ହିଁ ଦୋକାନୀ ଫେରାଇବ ପୁରୁଣା ହେଇଗଲେ ଆଉ କ'ଣ ସେ ନେବ। ଆଉ ଗୋଡ଼ରେ ଯୋଉ କଷ୍ଟ ପାଉଛୁ ତୋ ଭୁଲ୍ ଲାଗି। ସବୁ କଥା ଲୁଚାଉଛୁ କାହିଁକି। ଆଜି ଭଲ ଅଛି ମନ୍ଦ ଅଛି। ବାପା ସଙ୍ଗେ ସଙ୍ଗେ ଔଷଧ ଆଣି ପାଦରେ ମାରିଦେଲେ ଆଉ ଟାଇଟ୍ ଜୋତାକୁ ବଦଳାଇ ତା ପାଇଁ ନୂଆ ଜୋତା ନେଇଆସିଲେ। ଅନିତ୍ ନିଜ ଭୁଲ୍ ବୁଝିଲା ଆଉ କେବେ କିଛି ଲୁଚେଇବ ନାହିଁ ବୋଲି ଜବାବ ଦେଲା। ■


ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦






ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ପ୍ରଜ୍ଞା ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ





ସାଦ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

### ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

## ଇତିହାସ ରଚିଲେ ଅନ୍ତିମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଭାରତୀୟକୁସ୍ତିଯୋଦ୍ଧାଅନ୍ତିମପାଙ୍ଘଲ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଅନୁଷ୍ଠିତ କାଂସ୍ୟପଦକ



ମୁକାବିଲାରେ ସ୍ୱିଡେନର ମାଲମଗ୍ରେନଙ୍କୁ ୯-୧ ସ୍କୋରରେ ହରାଇ ଅନ୍ତିମ ବିଶ୍ୱର ଏହି ଶ୍ରେଷ୍ଠ ରେସଲିଂ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କ ବ୍ୟତୀତ କେବଳ ଆଉ ଜଣେ ଭାରତୀୟ ବିନେଶ ଫୋଗତ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ୨ଟି ପଦକ ଜିତିବାର ରେକର୍ଡ କରିଥିଲେ। କ୍ରୋଏସିଆର ଜାଗ୍ରେବ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ୫୩ କିଲୋଗ୍ରାମ୍ ଶ୍ରେଣର କାଂସ୍ୟ ପଦକ ଲାଗି ମୁକାବିଲା ହୋଇଥିଲେ। ଏଥିରେ ଅନ୍ତିମ ୯-୧ ସ୍କୋରରେ ସ୍ୱିଡେନର ଜୋନ୍ନା ଏମ୍ମା ମାଲମଗ୍ରେନ୍‌ଙ୍କୁ ହରାଇଥିଲେ। ପୂର୍ବରୁ ସେ ୨୦୨୩ରେ ମଧ୍ୟ ମାଲମଗ୍ରେନ୍‌ଙ୍କୁ ହରାଇ ଏହି ପ୍ରତିଯୋଗିତାରେ ପ୍ରଥମ ପଦକ ବିଜୟୀ ହୋଇଥିଲେ। ବିନେଶ ଦ୍ୱିତୀୟ ପଦକ ଜିତିବା ବେଳକୁ ୨୮ ବର୍ଷର ହୋଇଥିଲେ। କିନ୍ତୁ ୨୧ ବର୍ଷରେ ଅନ୍ତିମ ଏହି ସଫଳତା ହାସଲ କରିଛନ୍ତି। ରେକର୍ଡ ସମ୍ପର୍କରେ ମୁଁ ଅବଗତ ନାହିଁ। ତଥାପି ଏକାଧିକ ପଦକ ଜିତିବାରେ କେବଳ ବିନେଶ ସହ ଯଦି ସମକକ୍ଷ ହୋଇଥାଏ ତାହା ଗର୍ବର ବିଷୟ ବୋଲି କହନ୍ତି ଅନ୍ତିମ। ଏହି ସଫଳତା ଯୋଗୁଁ ଅନ୍ତିମ ପ୍ୟାରିସ୍ ଅଲିମ୍ପିକ୍ ବିଫଳତାକୁ ଭୁଲିବାରେ ସମର୍ଥ ହୋଇଛନ୍ତି।

### ଏସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ

## କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ପ୍ୟାରିସରେ ସ୍ୱର୍ଣ୍ଣ ପଦକ ବିଜେତା କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ଭାରତର ଡବଲ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଓ ଏଥିରେ ୟଙ୍ଗ ୨୧-୧୪, ୨୧-୧୩ରେ ଜିତିନେଇଥିଲେ। ଏହାକୁ ମିଶାଇ ସିନ୍ଧୁ କ୍ରମାଗତ ୮ମ ଥର ଲାଗି ୟଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ୟଙ୍ଗଙ୍କ ସୁପର ପାୱାର ଆଗରେ ସିନ୍ଧୁଙ୍କ ରିଟର୍ଣ୍ଣ ଖୁବ୍ ଦୁର୍ବଳ ରହିଥିଲା। ଦୁଇଟିଯାକ ସେଟ୍‌ରେ ୟଙ୍ଗ ପୂରା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ତାରକା ଖେଳାଳିଙ୍କ ବିପକ୍ଷରେ ସିନ୍ଧୁ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।

### ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍

## ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୯।୯ (ସମିସ): ବିହାରରେ ଆୟୋଜିତ ହୋଇଥିବା ନବମ ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ପଦକ ବିଜେତା ହେଲେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧା। ଏହି ୩ଜଣ ଖେଳାଳି ଓ ତାଙ୍କ କୋଚ୍ ମହମ୍ମଦ୍ ଆଜମଙ୍କୁ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ଓ ପେଣ୍ଟାଥଲନ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

### ଭାରତ ବନାମ ଓମାନ ଏସିଆ କପ୍ ମୁକାବିଲା

# ସଞ୍ଜୁ ସାମସନ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ

ଆବୁଧାବି, ୧୯।୯ (ଏଜେନ୍ସି):

ୱିକେଟରକ୍ଷକ ସଞ୍ଜୁ ସାମସନ (୫୬)ଙ୍କ ଦମ୍‌ଦାର ଅର୍ଦ୍ଧଶତକ, ଅଭିଷେକ ଶର୍ମା (୩୮), ତିଳକ ବର୍ମା (୨୯) ଓ ଅକ୍ଷର ପଟେଲ (୨୬)ଙ୍କ ଉପଯୋଗୀ ସହାୟତା ବଳରେ ଏଠାରେ ଶୁକ୍ରବାର ଓମାନ ସହ ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୮ ରନ୍ କରିଛି। ଜବାବରେ ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଓମାନ ୧୫.୩ ଓଭର ସୁଦ୍ଧା ୧ ୱିକେଟ ହରାଇ ୧୨୯ ରନ୍ କରିନେଇଛି। ଓମାନ ପକ୍ଷରୁ ଅଧିନାୟକ ଜତିନ୍ଦର ସିଂହ ସର୍ବାଧିକ ୩୨ ରନ୍ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୩ ବର୍ଷୀୟ ଅମୀର କଲିମ ୫୦, ହାମଦ ମିର୍ଜା ୪୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହି ମୁକାବିଲା ସହ ସୁପର-୪'ରେ କିଏ କାହା ସହ ଖେଳିବ ତାହା ସ୍ଥିର ହୋଇଯାଇଛି। ଆସନ୍ତାକାଲି ପ୍ରଥମ ସୁପର-୪ ମ୍ୟାଚରେ ଶ୍ରୀଲଙ୍କା ସହ ବାଂଲାଦେଶର ଓ ରବିବାର ଭାରତ ସହ ପାକିସ୍ତାନର ମୁକାବିଲା ହେବ।



### ବ୍ୟାଟିଂ କଲେନି ସୂର୍ଯ୍ୟକୁମାର

ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଦ୍ୱିତୀୟ ଓଭରରେ ନିର୍ଭରଯୋଗ୍ୟ ଶୁବମନ ଗିଲ୍ (୫)ଙ୍କ ଓ ୮ମ ଓଭରରେ ଉଭୟ ଅଭିଷେକ ଶର୍ମା (୩୮ରନ୍, ୧୫ବଲ୍, ୫ଚୌକା ଓ ୨ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ସଞ୍ଜୁ ସାମସନ ଧୈର୍ଯ୍ୟର ସହ ଖେଳି ଅର୍ଦ୍ଧଶତକ ହାସଲ କରିବା ସହ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସେ ୧୮ତମ ଓଭରରେ ୬ଷ୍ଠ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ୪୫ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୬ ରନ୍ କରିଥିଲେ। ସଞ୍ଜୁଙ୍କ ପରି ବ୍ୟାଟିଂ ଲାଇନ୍‌ରେ ଉନ୍ନତି ପାଇ ହାର୍ଦ୍ଦିକଙ୍କ ପଛକୁ ନଂ-୫ରେ ବ୍ୟାଟିଂ କରିଥିବା ଅକ୍ଷର ପଟେଲ (୧୩ ବଲ୍‌ରେ ୨୬ରନ୍) ଓ ନଂ-୭ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମା (୧୮ ବଲ୍‌ରେ ୨୯ରନ୍)ଙ୍କ ଉପଯୋଗୀ ସହାୟତା ବଳରେ ଭାରତ ୮/୧୮୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌କୁ ରବିବାର ପାକିସ୍ତାନ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଭାରତ ରିହରସାଲ ବିବେଚନା କରି ସମସ୍ତ ବ୍ୟାଟରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। କିନ୍ତୁ ଦଳର ଅଧିନାୟକ ସୂର୍ଯ୍ୟକୁମାର ବ୍ୟାଟିଂ କରିବାକୁ ଆସି ନ ଥିଲେ। ଓମାନ ପକ୍ଷରୁ ଜିତେନ ରାମାନନ୍ଦି, ସକୀଲ ଅହମ୍ମଦ୍ ଓ ଅମିର କଲୀମ୍ ଭାରତର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସୁପର-୪ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୨୦।୯ | ଶ୍ରୀଲଙ୍କା-ବାଂଲାଦେଶ | ଦୁବାଇ |
| ୨୧।୯ | ଭାରତ-ପାକିସ୍ତାନ | ଦୁବାଇ |
| ୨୩।୯ | ଶ୍ରୀଲଙ୍କା-ପାକିସ୍ତାନ | ଆବୁଧାବି |
| ୨୪।୯ | ଭାରତ-ବାଂଲାଦେଶ | ଦୁବାଇ |
| ୨୫।୯ | ପାକିସ୍ତନ-ବାଂଲାଦେଶ | ଦୁବାଇ |
| ୨୬।୯ | ଭାରତ-ଶ୍ରୀଲଙ୍କା | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

ଖେଳ ଆରମ୍ଭ - ରାତି ୯ଟା
ପ୍ରସାରଣ -ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ରାଞ୍ଚି ରୟାଲ ଟସ୍କର ନୂଆ ଟିମ୍

## ୨୪ରେ ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ମିନି ନିଲାମି ନୂଆଦିଲ୍ଲୀରେ ଥିବା ହକି ଇଣ୍ଡିଆ କାର୍ଯ୍ୟାଳୟରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବ। ଏଥର ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ଲାଗି ୨ କୋଟି ଟଙ୍କାର ପର୍ସ ରଖାଯାଇଛି। ସେହିପରି ଟିମ୍‌ରେ ସ୍ଥାନ ପାଉଥିବା ଖେଳାଳିଙ୍କ ସଂଖ୍ୟା ୨୪ରୁ କମାଇ ଦିଆଯାଇ ୨୦ରେ ରଖାଯାଇଛି। ଏହା ମଧ୍ୟରେ ଜଣେ ବିଦେଶୀ ଖେଳାଳି କମିଯାଇଛନ୍ତି। ଏହା ଫଳରେ ଭଲ ଖେଳାଳି କିଣିବାକୁ ଦଳଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ବୋଲି ଜଣାଯାଇଛି। ଯେଉଁ ଦଳରେ ଶୂନ୍ୟସ୍ଥାନ ରହିଛି ତାହା ଏହି ମିନି ନିଲାମିରୁ ପୂରଣ କରାଯିବ। ପ୍ରଥମ ସିଜନରେ ଖେଳିଥିଲା ପୁରୁଷ ବିଭାଗରେ ଟିମ୍ ଗୋନାସିକା ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଦ୍ୱିତୀୟ ସିଜନରୁ ଓହରିଯାଇଛନ୍ତି। ଏହା ଫଳରେ ଗୋଟିଏ ଦଳ କମିଯାଇଥିଲା। ଏହା ବଦଳରେ ରାଞ୍ଚି ରୟାଲ ଟସ୍କର ଉଭୟ ପୁରୁଷ ଓ ମହିଳା ବିଭାଗରେ ନୂଆ ଦଳ ଭାବେ ଚଳିତ ସିଜନରେ ଅଂଶଗ୍ରହଣ କରିବେ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ପ୍ରକାଶ କରିଛନ୍ତି।



ଚେନ୍ନାଇରେ ଦ୍ୱିତୀୟ ସଂସ୍କରଣ ୨୦୨୬ ଜାନୁଆରୀରେ ଆରମ୍ଭ ହେବ। ଚେନ୍ନାଇରେ ଉଦ୍‌ଘାଟନୀ ଉତ୍ସବ ସହ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ଭୁବନେଶ୍ୱର ଓ ରାଞ୍ଚିରେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ବିହାରର ରାଜଗିରିକୁ ଚତୁର୍ଥ ଭେନ୍ୟୁ ଭାବେ ବିବେଚନା କରାଯାଉଛି। ପୁରୁଷ ବିଭାଗରେ ରାର ବେଙ୍ଗଲ ଟାଇଗର୍ସ ଓ ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲେ।

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

## ୪ ସପ୍ତାହରେ ଏଆଇଆଇଏଫ୍‌ର ନୂଆ ସମ୍ବିଧାନ ଚୂଡ଼ାନ୍ତ କର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏଆଇଆଇଏଫ୍ (ସର୍ବଭାରତୀୟ ଫୁଟବଲ ମହାସଂଘ)ର ନୂଆ ସମ୍ବିଧାନ ଚିଠା ପ୍ରସ୍ତାବ ଆଜି ସୁପ୍ରିମ୍‌କୋର୍ଟରେ ସାମାନ୍ୟ କିଛି ସଂଶୋଧନ ସହ ଗୃହୀତ ହୋଇଯାଇଛି। ଏହି ନୂଆ ସମ୍ବିଧାନକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜେନେରାଲ ବଡି ବୈଠକ କରି ଚୂଡ଼ାନ୍ତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ନୂଆ ସମ୍ବିଧାନକୁ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ବର୍ତ୍ତମାନ ଏଆଇଆଇଏଫ୍‌ର ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଛନ୍ତି। ଏହି ନିର୍ବାଚିତ କର୍ମକର୍ତ୍ତା ସେମାନଙ୍କ ପୂରା କାର୍ଯ୍ୟକାଳ ପୂରଣ କରିବେ। ୨୦୨୬ରେ ଏଆଇଆଇଏଫ୍‌ର ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବ। ଏଆଇଆଇଏଫ୍‌ର ତାହାର ସମ୍ବିଧାନରେ ଅକ୍ଟୋବର ୩୦ ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ସଂଶୋଧନ ନ କଲେ ଭାରତୀୟ ଫୁଟବଲର ଏହି ସର୍ବୋଚ୍ଚ ସଂଗଠନକୁ ବାସନ୍ଦ କରିବାକୁ ଫିଫା ଓ ଏସୀୟ ଫୁଟବଲ କନଫେଡେରେସନ ଧମକ ଦେଇଥିଲେ। ୨୦୧୭ରୁ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୨ରେ ଏହାର ଚିଠା ପ୍ରସ୍ତାବ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆଜି ଏହି ମାମଲାର ଚୂଡାନ୍ତ ରିପୋର୍ଟ ସହ ଏଆଇଆଇଏଫ୍ ଓ ଏହାର ସଭାପତି କଲ୍ୟାଣ ଚୌବେଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଟଳିଯାଇଛି।




### ଜୁରେଲଙ୍କ ପରେ ପଡ଼ିକାଲଙ୍କ ଶତକ

## ଭାରତ ଏ'- ଅଷ୍ଟ୍ରେଲିଆ ଏ' ଟେଷ୍ଟ ଡ୍ର

ଲକ୍ଷ୍ନୌ,୧୯।୯ (ଏଜେନ୍ସି): ଆୟୋଜକ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ନିର୍ଣ୍ଣାୟକ ଅନ୍‌ଅଫିସିଆଲ ଟେଷ୍ଟ ଏହିଠାରେ ସେପ୍ଟେମ୍ବର ୨୩ରୁ ୨୬ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଦୁଇ ଯୁବ ଖେଳାଳି ୱିକେଟରକ୍ଷକ ଧ୍ରୁବ ଜୁରେଲ (୧୪୦) ଓ ଦେବଦତ୍ତ ପଡ଼ିକାଲ (୧୫୦) ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି।




ଏଠାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍ କରିଥିଲେ। ଜବାବରେ ଭାରତ ୭ ୱିକେଟରେ ୫୩୧ ରନ୍ କରିବା ପରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ନଂ-୪ରେ ବ୍ୟାଟିଂ କରିଥିବା ପଡ଼ିକାଲ ସର୍ବାଧିକ ୧୫୦ ରନ୍ କରିଥିଲେ। ସେ ୨୮୧ ବଲ୍ ଖେଳି ୧୪ ଚୌକା ଓ ୧ଛକା ସହ ଏହି ରନ୍ କରିଥିଲେ। ତାଙ୍କ ପୂର୍ବରୁ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୧୪୦ ରନ୍ କରିଥିଲେ। ସେ ୧୯୭ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ଏହି ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ୩ଜଣ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ୪୪, ଏନ୍ ଜଗଦୀଶନ ୬୪ ଓ ସାଇ ସୁଦର୍ଶନ ୭୩ ରନ୍ କରିଥିଲେ। ଅଷ୍ଟ୍ରେଲୀୟ ଅଫ୍‌ସ୍ପିନର କୋରୀଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ମାତ୍ର ଗୋଟିଏ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିଥିବା ଅଷ୍ଟ୍ରେଲିଆ-ଏ' ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୬ ଓଭରରେ କୌଣସି ୱିକେଟ ନ ହରାଇ ୫୬ ରନ୍ କରିବା ପରେ ଖେଳକୁ ବନ୍ଦ ରଖାଯାଇଥିଲା। ଭ୍ରମଣକାରୀ ଦଳର ସାମ କୋନ୍‌ଷ୍ଟାସ ୨୭ କ୍ୟାମ୍ପବେଲ କେଲାୱେ ୨୪ ରନ୍‌ରେ ଅପରାଜିତ ରହିଥିଲେ।

### ବାରବାଟୀରେ ଫରଭେଜ୍ ମାହାରୁଫ୍

## ଓପିଟିଏଲ୍ ଓଡ଼ିଆ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ

କଟକ,୧୯।୯ (କୁମାରଶ୍ରୀ ସାହୁ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉପରେ ଅନେକ ଚୟନକର୍ତ୍ତାଙ୍କ ନଜର ରହିଛି। ରାଜ୍ୟ ଘରୋଇ କ୍ରିକେଟର ଏହା ଏକ ବଡ ମଞ୍ଚ। ଆୟୋଜନ ଆକର୍ଷଣୀୟ ଲାଗୁଛି। ଏଥିରେ ଖେଳାଳିମାନଙ୍କ ଦମ୍‌ଦାର ପ୍ରଦର୍ଶନ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ପାଇଁ ପ୍ରବେଶପଥ ଉନ୍ମୁକ୍ତ କରିପାରେ ବୋଲି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଫରଭେଜ୍ ମହାରୁଫ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ୍‌ର ପ୍ରଥମ ସଂସ୍କରଣ ଜାରି ରହିଛି। ଏଥିରେ ସିଂହଳୀ ତାରକା ମହାରୁଫ୍‌ଙ୍କୁ ଭାଷ୍ୟକାର ଭାବେ ଦେଖିବାକୁ ମିଳିଛି।

**ପ୍ର:** ଓଡ଼ିଶାରେ ପ୍ରଥମଥର ଆୟୋଜନ ହୋଇଥିବା ଓପିଟିଏଲ ବାବଦରେ ଆପଣଙ୍କ ମତ କଣ?

ଉ: ପ୍ରଥମ ତିନି ଦିନର ଅଭିଜ୍ଞତା ବେଶ୍ ଭଲ ରହିଛି। ପ୍ରଥମଶ୍ରେଣୀ କ୍ରିକେଟ ଜଗତର ଖେଳାଳି ମାନଙ୍କୁ ଏଭଳି ପ୍ଲାଟଫର୍ମ ଯୋଗାଇ ଦେବା କ୍ଷେତ୍ରରେ ଓସିଏର ଭୂମିକା ପ୍ରଶଂସନୀୟ। ଓପିଟିଏଲରେ ଖେଳାଳିମାନେ ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଚୟନକର୍ତ୍ତାଙ୍କ ନଜର ସେମାନଙ୍କ ଉପରେ ରହିଛି, ଏହା ସେମାନେ ଭୁଲନ୍ତୁ ନାହିଁ।

**ପ୍ର:** ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଭାବେ ଆପଣ କେଉଁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ଅଛନ୍ତି?

ଉ: ସେମିତି ଅନେକ ଖେଳାଳି ଅଛନ୍ତି। ତଥାପି କଟକ ପାନ୍ଥର୍ସର ପେସ୍‌ବୋଲର ଭଗୀଶ ଶର୍ମାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ଲାଗିଛି। ନୂଆ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଲିଗ୍ ଓଡ଼ିଶା କ୍ରିକେଟକୁ ସଫଳ ରୂପ ଦେବା ନିଶ୍ଚିତ।



**ପ୍ର:** ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ଖାଦ୍ୟର ଅନୁଭୂତି ପାଇଲେଣି?

ଉ: ବ୍ୟସ୍ତତା ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପାରିନାହିଁ। ହେଲେ ଓଡ଼ିଶାର ଆମିଷ ଥାଳି ବହୁତ ପସନ୍ଦ ଆସିଛି। ପୂର୍ବରୁ ଅନେକଥର ଓଡ଼ିଶା ଆସିବାର ସୁଯୋଗ ପାଇଛି। ୨୦୧୦ରେ ଦିଲ୍ଲୀ ଡେୟାର ଡେଭିଲ୍ସ ଦଳରୁ ଆଇପିଏଲ ଖେଳିବା ପାଇଁ କଟକ ଆସିଥିଲି। ଏଲଏଲସି ମ୍ୟାଚ୍ ସମୟରେ ମଧ୍ୟ କଟକରେ ସମୟ ବିତିଥିଲା।

**ପ୍ର:** ଟି-୨୦ ଫର୍ମାଟ ଏକଦିବସୀୟ କ୍ରିକେଟ ଉପରେ ପ୍ରଭାବ ପକାଉଛି କି?

ଉ: ହଁ ପ୍ରଭାବ ପକାଉଛି, ହେଲେ ଏହା ସକରାତ୍ମକ। କ୍ରିକେଟ ଖେଳର ତରିକା ବଦଳୁଛି। ଭବିଷ୍ୟତରେ ଏକଦିବସୀୟ କ୍ରିକେଟ ପ୍ରତି ଉତ୍କଣ୍ଠା କମିବ ବୋଲି କୁହାଯାଇପାରେ। ତେବେ ଏ ବାବଦରେ ଆଇସିସିର କାର୍ଯ୍ୟଧାରାକୁ ଅନୁଶୀଳନ କରିବାକୁ ପଡିବ।

**ପ୍ର:** ସନତ ଜୟସୂରିଆଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଶ୍ରୀଲଙ୍କା ଦଳର ଭବିଷ୍ୟତକୁ କିପରି ଦେଖୁଛନ୍ତି?

ଉ: ତାଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇପାରେ। ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିନାହିଁ। ସାମ୍ପ୍ରତିକ ସ୍ଥିତିରେ ଆଗାମୀ ଟି-୨୦ ଓ ଏକଦିବସୀୟ ବିଶ୍ୱକପ୍ ଟାଇଟଲ୍ ଜିତିବା କେବଳ ଦଳର ଲକ୍ଷ୍ୟ ରହିଛି।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍: ଗୌରବଙ୍କ ବିସ୍ଫୋରକ ଶତକ

## ମାଇନର୍ସଙ୍କୁ ୩୭ ରନ୍‌ରେ ହରାଇଲା ଟାଇଗର୍ସ

କଟକ,୧୯।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ବିଜୟୀ ହୋଇଛନ୍ତି। ଉଭୟ ଦଳକୁ ସହଜ ବିଜୟ ମିଳିଥିଲା। ଟାଇଟନ୍ସ ୯ ୱିକେଟରେ କଟକ ପାନ୍ଥର୍ସଙ୍କୁ ଏବଂ ଟାଇଗର୍ସ ୩୭ରନରେ କେନ୍ଦୁଝର ମାଇନର୍ସଙ୍କୁ ପରାସ୍ତ କରିଥିଲା। ଶନିବାର ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ-ପୁରୀ ଟାଇଟନ୍ସ ମଧ୍ୟରେ ଲଢ଼େଇ ହେବ।

ଆଜି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସର ଶାଣିତ ବୋଲିଂରେ ଫସି ପାନ୍ଥର୍ସ ୭ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩ ରନ୍ କରିଥିବା ବେଳେ ଅଭିଷେକ ରାଉତ ୨୫ରନ, ସ୍ୱସ୍ତିକ ସାମଲ ୨୨ରନ କରିଥିଲେ। ଟାଇଟନ୍ସ ପକ୍ଷରୁ ଏମଏ ଡାନିସ୍ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ପୁରୀ ବିଜୟୀ ହୋଇଥିଲା। ଓପନର ଶାନ୍ତନୁ ମିଶ୍ର ଅପରାଜିତ ୭୯ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୩୧ରନରେ ଆଉଟ ହୋଇଥିବା ବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭ ବଲରୁ ଦ୍ରୁତ ୩୧ରନ କରିଥିଲେ। କଟକର ଅଭିଷେକ ରାଉତଙ୍କୁ ଏକମାତ୍ର ୱିକେଟ ମିଳିଥିଲା। ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲିଗ୍‌ର ପ୍ରଥମ ମୁକାବିଲାର ଶେଷ ବଲ୍‌ରେ ପରାସ୍ତ ହୋଇଥିବା ଭୁବନେଶ୍ୱର ଟାଇଗର୍ସ ପ୍ରତ୍ୟାବର୍ତ୍ତନ ପୂର୍ବକ ଆଜି କେନ୍ଦୁଝର ମାଇନର୍ସଙ୍କୁ ହରାଇଛି। ମାଇନର୍ସ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ଟାଇଗର୍ସଙ୍କୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଗୌରବ ଚୌଧୁରୀଙ୍କ ଶତକ ବଳରେ ଟାଇଗର୍ସ ୮ ୱିକେଟ ହରାଇ ୧୯୮ରନ କରିଥିଲା। ଗୌରବଙ୍କ ପାଳିରେ ୭ଟି ଚୌକା ଏବଂ ୯ଟି ବିଶାଳ ଛକା ସାମିଲ ଥିଲା। ଲିଗ୍‌ରେ ଏହା ପ୍ରଥମ ଶତକୀୟ ପାଳି। ଜବାବରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୧୬୧ରନ କରିବାକୁ ସକ୍ଷମ ହୋଇଥିଲା। ବିଶ୍ୱଭୂଷଣ ବିହାରୀ ୩୨ବଲରୁ ୩୮ରନ କରିଥିଲେ। ବିଜୟୀ ଟାଇଗର୍ସ ତରଫରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ସ୍ପିନର ଜୟନ୍ତ ବେହେରା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଗୌରବ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS